ବର୍ଷ-୨୬, ସଂଖ୍ୟା-୧୩୧
ଭୁବନେଶ୍ୱର
୧୫, ମଇ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 131
Bhubaneswar
15 May, 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଓଡିଶା ସମେତ ୧୬ ରାଜ୍ୟରେ ହେବ ଏସ୍ଆଇଆର୍

ନୂଆଦିଲ୍ଲୀ, ୧୪।୫(ମହାଭାରତ): ଭୋଟର ତାଲିକା ସଂଶୋଧନ ପାଇଁ ଭାରତୀୟ ନିର୍ବାଚନ କମିଶନ ତୃତୀୟ ପର୍ଯ୍ୟାୟ ସ୍ୱଶାଳ ଇଣ୍ଟେନସିଭ ରିଭିଜନ ବା ଏସ୍ଆଇଆରର ତାରିଖ ଘୋଷଣା କରିଛନ୍ତି। ତୃତୀୟ ପର୍ଯ୍ୟାୟରେ ଦେଶର ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍ଆଇଆର ହେବ। ଏହି ସର୍ଭ ସମୟରେ ଭୋଟର ତାଲିକାରୁ ଅଯୋଗ୍ୟ ମତଦାତାଙ୍କୁ ବିଦା କରାଯିବ ଓ ଯୋଗ୍ୟ ମତଦାତାଙ୍କ ନାଁ ଯୋଡା ଯିବ।

ଏହି ୧୬ ରାଜ୍ୟ ମଧ୍ୟରେ ଓଡିଶା ମଧ୍ୟ ରହିଛି। ଓଡିଶାରେ ଏସ୍ଆଇଆର ପ୍ରକ୍ରିୟା କେବେ ଠାରୁ ଆରମ୍ଭ ହେବ ତା'ର ତାରିଖ ନିର୍ବାଚନ କମିଶନ ଜାରି କରିଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ତେବେ ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଓ ଲଦାଖରେ ଏସ୍ଆଇଆର ଅନୁଷ୍ଠିତ ହେବ ନାହିଁ ବୋଲି କମିଶନ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି।

ବିଜ୍ଞପ୍ତିରେ କୁହାଯାଇଛି ଯେ "ଭାରତୀୟ ନିର୍ବାଚନ କମିଶନ ୧୬ ରାଜ୍ୟ ଓ ୩ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍ଆଇଆର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଓ ଲଦାଖକୁ ଛାଡି ତୃତୀୟ ପର୍ଯ୍ୟାୟରେ ଭୋଟର ତାଲିକାର ଏସ୍ଆଇଆର ସମଗ୍ର ଦେଶକୁ କଭର କରିବ।

ଏହି ୩ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର ପାଣିପାଗକୁ



ଦୃଷ୍ଟିରେ ରଖି ପରବର୍ତ୍ତୀ ସମୟରେ ଏସ୍ଆଇଆର ତାରିଖ ଘୋଷଣା କରାଯିବ। ଏସ୍ଆଇଆରର ପ୍ରଥମ ଦୁଇଟି ପର୍ଯ୍ୟାୟରେ ୧୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରାୟ ୫୯ କୋଟି ଭୋଟରଙ୍କ ଯାଞ୍ଚ କରାଯାଇଛି। ୬.୩ ଲକ୍ଷରୁ ଅଧିକ ବିଏଲଓ ଓ ୯.୨ ବିଏଲଏମାନଙ୍କ ଦ୍ୱାରା ସବୁ କିଛି କରାଯାଇଛି।

ଏବେ ଫେଜ ୩ ଏସ୍ଆଇଆରରେ ପଞ୍ଜିକୃତ ହୋଇଥିବା ୩୬.୭୩ କୋଟି ଭୋଟରଙ୍କ ଘରକୁ ଯିବା ପାଇଁ ୩.୯୪ ଲକ୍ଷ ବୁଥ ସ୍ତରୀୟ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କ ସହାୟତା ପାଇଁ ବିଭିନ୍ନ ରାଜନୀତିକ ଦଳଗୁଡିକ ପକ୍ଷରୁ ୩.୪୨ ଲକ୍ଷ ବୁଥ ସ୍ତରୀୟ ଏଜେଣ୍ଟଙ୍କୁ ସାମିଲ କରାଯିବ। ଏଥିପାଇଁ ରାଜନୀତିକ ଦଳଗୁଡିକୁ ଏଜେଣ୍ଟ ନିଯୁକ୍ତ କରିବାକୁ ବିଜ୍ଞପ୍ତିରେ କୁହାଯାଇଛି। ଜୁଲାଇ ୧ରୁ ଓଡିଶା, ମିଜୋରାମ, ସିକ୍କିମ, ମଣିପୁର, ଦାଦ୍ରାନଗର ହାବେଲୀ ଓ ଡାମନ ଡ୍ୟୁ, ଉତ୍ତରାଖଣ୍ଡ, ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ହରିୟାଣା ଓ ଚଣ୍ଡିଗଡ ଏସ୍ଆଇଆର ଆରମ୍ଭ ହେବ ବା ଏସ୍ଆଇଆର ଯୋଗ୍ୟତା ପର୍ଯ୍ୟାୟ ତାରିଖ ଜୁଲାଇ ୧ ରଖାଯାଇଛି। ତେଲଙ୍ଗାନା, ପଞ୍ଜାବ, କର୍ଣ୍ଣାଟକା, ମେଘାଳୟ, ମହାରାଷ୍ଟ୍ର, ଝାଡଖଣ୍ଡ, ଦିଲ୍ଲୀ, ନାଗାଲାଣ୍ଡ ଓ ତ୍ରିପୁରାରେ ଅକ୍ଟୋବର ୧ରେ ଏସ୍ଆଇଆର କରାଯିବ।

ଓଡିଶାରେ ଜୁଲାଇ ୧ରୁ ଏସ୍ଆଇଆର ଆରମ୍ଭ ହେଉଥିବା ବେଳେ ଏହାର ପ୍ରସ୍ତୁତି, ତାଲିମ ଓ ପ୍ରିଣ୍ଟିଂ କାମ ମେ' ୨୦ରୁ ମେ' ୨୯ ଯାଏ ଚାଲିବ। ମେ' ୩୦ରୁ ଜୁନ ୨୮ ମଧ୍ୟରେ ବୁଥ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ।

ଜୁଲାଇ ୫ ତାରିଖରେ ପ୍ରଥମେ ଡ୍ରାଫ୍ଟ ଭୋଟ ତଳିକା ପ୍ରକାଶ ପାଇବ। ଲୋକମାନେ ଜୁଲାଇ ୫ରୁ ଅଗଷ୍ଟ ୪ ମଧ୍ୟରେ ନିଜର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ। ସେହିପରି ଜୁଲାଇ ୫ରୁ ସେପ୍ଟେମ୍ବର ୨ ମଧ୍ୟରେ ନୋଟିସ/ ଆବେଦନର ନିଷ୍ପତ୍ତି ଓ ଆବେଦକୁ ଅଗ୍ରାହ୍ୟ କରାଯିବ। ସେପ୍ଟେମ୍ବର ୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

# ପେଟ୍ରୋଲ ପମ୍ପରେ ଅସମ୍ଭାଳ ଭିଡ଼

ଭୁବନେଶ୍ୱର, ୧୪।୫(ମହାଭାରତ): ରାଜ୍ୟର ବିଭିନ୍ନ ଜିଲାରେ ପେଟ୍ରୋଲ/ ଡିଜେଲର ଅଭାବ ପରିଲକ୍ଷିତ ହୋଇଛି। କାଁ ଭାଁ ଯେଉଁ ପମ୍ପରେ ବି ତେଲ ମିଳୁଛି ସେଠି ଲମ୍ବା ଲାଇନ୍ ଲାଗୁଛି। ଏଥିସହିତ ଆବଶ୍ୟକୀୟ ପରିମାଣର ତେଲ ମଧ୍ୟ ମିଳୁ ନ ଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ବିଶେଷକରି ଗ୍ରାମାଞ୍ଚଳର କେତେକ ଟାଙ୍କିରେ ତେଲ ନ ଥିବାରୁ ସମସ୍ୟା ବହୁଗୁଣିତ ହୋଇଛି।

ରାଜ୍ୟର କେନ୍ଦୁଝର, ଭଦ୍ରକ, ସୋର, ତେଲକୋଇ, ବଲାଙ୍ଗୀର, ଯାଜପୁର ସହରରେ ତେଲର ଅଭାବ ଦେଖାଦେଇଥିବାବେଳେ ଭଞ୍ଜନଗର, ରାଉରକେଲା, ନୀଳଗିରି, ପାରାଦୀପରେ ମଧ୍ୟ ତେଲର ସଂକଟ ଦେଖାଦେଇଛି। ଫଳରେ ଗାଡ଼ିଚାଳକମାନେ ତେଲ ଅଭାବ ଯୋଗୁ କାନ୍ଦିଲେଣି।

ତେଲ ସଙ୍କଟ ଉପରେ ବଡ଼ ସୂଚନା ଦେଇଛନ୍ତି ଯୋଗାଣ ବିଭାଗ ପ୍ରମୁଖ ସଚିବ। ସେ କହିଛନ୍ତି, ତେଲ ସଙ୍କଟ ଆଦୌ ନାହିଁ। ରାଜ୍ୟରେ ୨୦ରୁ ୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ ସ୍ଥିତି ଦେଖାଦେଇଛି। ଡ୍ରାଏ ଆଉଟ ସ୍ଥିତି ମ୍ୟାନେଜମେଣ୍ଟର



ଅଭାବ ଯୋଗୁ ଦେଖାଦେଇଛି। ତେଲ ଅଭାବ ଯୋଗୁ ଆଦୌ ଡ୍ରାଏ ଆଉଟ ସ୍ଥିତି ଦେଖାଦେଇନି। ସ୍ୱାଭାବିକ ସ୍ଥିତିରେ ବି ୨୦/ ୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ ସ୍ଥିତି ଦେଖାଯାଏ।ଏଭଳି ଡ୍ରାଏ ଆଉଟ ସ୍ଥିତିର ମନିଟରିଂ ଚାଲିଛି, ବ୍ୟବସ୍ଥା କରିବୁ। ଭୟଭୀତ ହୋଇ ଆଗୀ ତେଲ କିଣନ୍ତୁ ନାହିଁ। ଘରୋଇ ବସ ମାଲିକ ସଂଘର ଆଶଙ୍କା ଭିତ୍ତିହୀନ, ବସ ଚାଲିବାରେ ଅସୁବିଧା ନାହିଁ ବୋଲି ସେ କହିଛନ୍ତି।ରାଜ୍ୟର ବିଭିନ୍ନ ଜିଲାରେ ପେଟ୍ରୋଲ/ ଡିଜେଲରେ ଅଭାବ ଦେଖାଯାଇଛି। ଯେଉଁ ପମ୍ପରେ ତେଲ ମିଳୁଛି ସେଠି ଲମ୍ବା ଲାଇନ ଲାଗିଛି। ଆବଶ୍ୟକୀୟ ପରିମାଣ ତେଲ ମିଳୁ ନଥିବା ଅଭିଯୋଗ ହୋଇଛି। ଯଦି ଶୀଘ୍ର ତେଲ ଯୋଗାଣ ସ୍ୱାଭାବିକ ନହୁଏ, ତେବେ ଆଗାମୀ ଦିନରେ ସହରର ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯିବା ଆଶଙ୍କା କରାଯାଉଛି। ସେପଟେ ଏହି ସବୁ କଥାକୁ ଗୁଜବ କହିଛନ୍ତି ଘରୋଇ ପେଟ୍ରୋଲ ଡିଲର ସଂଘ ସମ୍ପାଦକ। ଘରୋଇ ପେଟ୍ରୋଲ ଡିଲର ସଂଘ ସମ୍ପାଦକ ସଞ୍ଜୟ ଲାଠଙ୍କ ବଡ଼ ସୂଚନା। କହିଛନ୍ତି ଯେ ପେଟ୍ରୋଲ ପମ୍ପରେ ଆଦୌ ଭିଡ଼ କରନ୍ତୁ ନାହିଁ। ତୈଳ ସଙ୍କଟ କଥା କେବଳ ଏକ ଗୁଜବ। ଆମ ପାଖରେ ୪୦ ଦିନର ତୈଳ ମହଜୁଦ ଅଛି। ପ୍ରଧାନମନ୍ତ୍ରୀଙ୍କ କଥାକୁ ଭିନ୍ନ ରୂପ ଦିଆଯାଇଛି। ଆମ ରାଜ୍ୟରେ ତୈଳ ସଙ୍କଟ ସ୍ଥିତି ନାହିଁ ବୋଲି ସେ କହିଛନ୍ତି। ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଦେଖାଦେଲାଣି ପେଟ୍ରୋଲ ଡିଜେଲ ସଂକଟ । ତେଲ ନଥିବାରୁ କିଛି କିଛି ସ୍ଥାନରେ ବନ୍ଦ ହୋଇଗଲାଣି ପେଟ୍ରୋଲ ପମ୍ପ । ଏକାଧିକ ପେଟ୍ରୋଲ ପମ୍ପରେ ବାଇକ ପିଛା ୨୦୦ଟଙ୍କା ଓ କାର ପିଛା ୨୦୦୦ ଟଙ୍କା ପର୍ଯ୍ୟନ୍ତ ପେଟ୍ରୋଲ, ଡିଜେଲ ଦେବାକୁ ହୋଇଛି କଟକଣା । ଏହାରି ଭିତରେ ଇଭି ଗାଡ଼ି ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ପରିବହନ ମନ୍ତ୍ରୀ ।

## ଗଞ୍ଜେଇ ମାଫିଆଙ୍କ ସହିତ ଡିଲ୍

# ଆଇଆଇସିଙ୍କ ବଦଳି, ଏଏସ୍ଆଇ ଓ କନଷ୍ଟେବଲ ନିଲମ୍ବିତ


**ବରଗଡ,୧୪।୫(ମହାଭାରତ):** ବରଗଡ ଜିଲ୍ଲା ଝାରବନ୍ଧରେ ୧୯ କ୍ୱିଣ୍ଟାଲ ଗଞ୍ଜେଇ ଜବତ ଘଟଣାରେ ସ୍ଥାନୀୟ ପୁଲିସ ମାଫିଆଙ୍କ ସହ ଡିଲ୍ କରୁଥିବା କଥା ସାମ୍ନାକୁ ଆସିବା ପରେ ହୋଇଛି କାର୍ଯ୍ୟାନୁଷ୍ଠାନ। ଝାରବନ୍ଧ ଥାନା ଆଇଆଇସି ଶୁକ୍ରା ମାଢ଼ିଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଏଏସଆଇ କୌଶିକ ସାହୁ ଓ କନଷ୍ଟେବଲ ଚିତ୍ତରଞ୍ଜନ ପଣ୍ଡାଙ୍କୁ ନଲମ୍ବନ କରାଯାଇଥିବା ବେଳେ ହୋମଗାର୍ଡ ଦେବାର୍ଚ୍ଚନ ନିଆଲଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି।



ଆଇଆଇସି ଶୁକ୍ରା ମାଢ଼ିଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ବରଗଡ଼ ସାଇବର ଥାନା ଆଇଆଇସି ସଞ୍ଜୟ କୁମାର ପରିଡ଼ାଙ୍କୁ ଅବସ୍ଥାପିତ କରାଯାଇଛି। ଆଇଆଇସି ଶ୍ରୀ ମାଢ଼ିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୁପାରିସ କରାଯିବ ବୋଲି ଆଇଜି ହିମାଂଶୁ କୁମାର ଲାଲ କହିଛନ୍ତି। ଆଇନ ଅନୁସାରେ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଉତ୍ତର ପ୍ରଦେଶ ନମ୍ବର ଥିବା ଏକ ଟ୍ରକ୍କୁ ଯାଞ୍ଚ କଲା ବେଳେ ଝାରବନ୍ଧ ପୁଲିସ ସେଥିରୁ ୬୭ ବସ୍ତା ଗଞ୍ଜେଇ ଜବତ କରିଥିଲା। ସେଥିରେ ମୋଟ ୧୯୧୪ କେଜି ଗଞ୍ଜେଇ ଥିଲା। ଗଞ୍ଜେଇ ଜବତ ବେଳେ ଟ୍ରକ୍ରେ ଦୁଇ ଜଣ ଥିଲେ। ଜଣେ ହେଉଛନ୍ତି ଉତ୍ତର ପ୍ରଦେଶର କାଲୁ ଓରଫ ସୁରେଶ କୁମାର ଓ ଅନ୍ୟ ଜଣଙ୍କ ହେଉଛନ୍ତି ଝାରବନ୍ଧ ଅଞ୍ଚଳର ଶଙ୍କର ନାୟକ। ସୁରେଶ କୁମାର ଟ୍ରକ୍ ଚଲାଉଥିଲେ। ଏହି ଗଞ୍ଜେଇ ଚାଲାଣରେ ସ୍ଥାନୀୟ ଅଞ୍ଚଳର ଆଉ କିଛି ଲୋକଙ୍କ ସଂପୃକ୍ତି ଥିବା ଜଣାପଡିଥିଲା ବୋଲି ସେତେବେଳେ ବରଗଡ ଏସ୍ପି କହିଥିଲେ।

# ଏସ୍ଡିପିଓ ସସ୍ପେଣ୍ଡ୍

ଭୁବନେଶ୍ୱର,୧୪।୫(ମହାଭାରତ); ଗଞ୍ଜାମ ଜିଲ୍ଲା ଆସିକା ଏସ୍ଡିପିଓ ସନ୍ତୋଷ ଜେନାଙ୍କୁ ନିଲମ୍ବନ କରାଯାଇଛି। ଚିଠି ନଂ ୧୬୨୩୬ରେ ଏନେଇ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ନିଲମ୍ବନ ଆଦେଶ ନଉଠିବା ପର୍ଯ୍ୟନ୍ତ ଶ୍ରୀ ଜେନା ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ପୁଲିସ ଆଇଜିଙ୍କ କାର୍ଯ୍ୟାଳୟରେ କାମ କରିବେ। ଆଇଜିଙ୍କ ବିନାନୁମତିରେ ସେ ଅନ୍ୟତ୍ର ଯାଇପାରିବେ ନାହିଁ ବୋଲି ଏଥିରେ ଦର୍ଶାଯାଇଛି। ଏସ୍ଡିପିଓ ଶ୍ରୀ ଜେନା ଏକ ନିର୍ଦ୍ଦିଷ୍ଟ ସୁନା ଦୋକାନରୁ ଅଳଙ୍କାର କିଣି ଟଙ୍କା ଦେଉ ନଥିଲେ। ଦୋକାନୀ ଟଙ୍କା ମାଗିବାରୁ ଓଲଟା ଧମକଚମକ ଦେଉଥିବା ଅଭିଯୋଗ ହୋଇଥିଲା। ଏନେଇ ଆସିକାର ସମ୍ପୃକ୍ତ ଦୋକାନୀ ପୁଲିସ ଡିଜି ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଏପରିକି ସେ ନିଜ ଫେସବୁକ୍ରେ ଏ ସମ୍ପର୍କିତ ଏକ ଭିଡିଓ ବି ଅପଲୋଡ୍ କରିଥିଲେ।



## ସୌମ୍ୟରଞ୍ଜନ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ବାଲିଅନ୍ତା, ୧୪।୫(ମହାଭାରତ): ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଲୋକେ ପିଟି ପିଟି ମାରି ଦେବା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ତାଙ୍କ ନାଁ ରଞ୍ଜିତ ପାତ୍ର ଓରଫ ଚିନୁ (୨୪)। ତାଙ୍କ ଘର କଟକ ସଦର ଥାନା ଗଙ୍ଗେଶ୍ୱରଗଡରେ। ତଦନ୍ତ ବେଳେ ଏହି ଘଟଣାରେ ରଞ୍ଜିତଙ୍କ ସଂପୃକ୍ତି ଥିବା କଥା ଜଣାପଡିଥିଲା। ସେ ମୃତକଙ୍କ ମୁଣ୍ଡକୁ ଏକ ବାଉଁଶରେ ପିଟି ଥିଲେ। ସୌମ୍ୟଙ୍କ ଗୋଡ ଓ ହାତକୁ ରଶିରେ ବନ୍ଧା ଯାଇଥିବା ବେଳେ ରଞ୍ଜିତ ତାଙ୍କ ମୁଣ୍ଡକୁ ବାଉଁଶରେ ପିଟି ଥିଲେ।ମୁଖ୍ୟ ଅଭିଯୁକ୍ତ ରଞ୍ଜିତଙ୍କୁ ଗିରଫ କରିବା ପୂର୍ବରୁ କ୍ରାଇମବ୍ରାଞ୍ଚ ମେ' ୧୧ ତାରିଖରେ ଅନ୍ୟ ଜଣେ ଅଭିଯୁକ୍ତ ଯୁଦ୍ଧିଷ୍ଠିର ଜେନା ଓରଫ ବଣ୍ଟି (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେବା ପୂର୍ବରୁ ଏହି ଘଟଣାରେ ସ୍ଥାନୀୟ ପୁଲିସ ୧୧ ଜଣଙ୍କୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଏହି ଘଟଣାରେ ଏଯାବତ୍ ୧୩ ଜଣଙ୍କୁ ଗିରଫ କରାଯାଇଛି।କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି ଯେ ଏହି ଘଟଣାକୁ ପ୍ରାଧାନ୍ୟ ଦିଆଯାଇ ତଦନ୍ତକୁ ଜାରି ରଖାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି।ମେ' ୭ ଜାରିଖରେ ଏହି ଘଟଣା ଘଟିଥିଲା। ଜିଆରପି କନଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁ ଓ ତାଙ୍କର ଜଣେ ସାଙ୍ଗ ବାଇକ୍ରେ ଯାଉଥିଲେ। ବାଟରେ ସେମାନଙ୍କ ବାଇକ୍ ଧକ୍କାରେ ସ୍କୁଟିରେ ଯାଉଥିବା ଦୁଇ ଯୁବତୀ ପଡିଯାଇଥିଲେ। ଏହା ପରେ ସୌମ୍ୟ ଉକ୍ତ ଦୁଇ ଯୁବତୀଙ୍କ ଉପରକୁ ଝାମ୍ପି ପଡିଥିଲେ ଓ ସେମାନଙ୍କୁ ଅସଦାଚରଣ କରିବା ସହିତ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି।

# ନିରାଡମ୍ବର ଭାବେ ପାଳିନ ହେବ ସରକାରଙ୍କ ୧୦ ଦିନିଆ ୨ ବର୍ଷ ପୂର୍ତ୍ତି ଉତ୍ସବ

ଭୁବନେଶ୍ୱର,୧୪।୫(ମହାଭାରତ): ଜୁନ୍ ମାସରେ ରାଜ୍ୟରେ ଭାରତୀୟ ଜନତା ପାର୍ଟି (ବିଜେପି) ସରକାର ଗଠନ କରିବାର ଦୁଇ ବର୍ଷ ପୂର୍ତ୍ତି ହେଉଛି। ଏହି ଅବସରରେ ଜୁନ୍ ୧୨ରୁ ୨୧ ତାରିଖ ଯାଏଁ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯିବ। ତେବେ ଏହି କାର୍ଯ୍ୟକ୍ରମ ସମସ୍ତକୁ ନିରାଡମ୍ବର ଭାବେ ପାଳନ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଉନ୍ନୟନ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପରାମର୍ଶ ଦେଇଛନ୍ତି।



ଆଜି (ଗୁରୁବାର) ଏନେଇ ଆଜି ଲୋକସେବା ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଅଧକ୍ଷତା କରିଥିଲେ। ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏହି ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରାଯିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଏହି ଉପଲବ୍ଧି ହେଉଛି ଲୋକଙ୍କ ପାଇଁ, ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରିଣ୍ଟ, ଇଲୋକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ।

ବୈଠକରୁ ଜଣାଯାଇଛି, ଆଗାମୀ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ପାଳନ କରାଯିବ। ଏଥିପାଇଁ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡିଶା, ସମୃଦ୍ଧ କୃଷି ଓଡିଶା, ସୁସ୍ଥ ଓଡିଶା, ନିର୍ମାଣ ଓଡିଶା, ଉତ୍କର୍ଷ ଓଡିଶା, ଜନଶକ୍ତି ଓଡିଶା ଏବଂ କୌଶଳ ଓଡିଶା ଆଦି ଏହି ୭ଟି ଥିମ୍ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଏଥିସହିତ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଗୁଡିକ ମଧ ଏହି କାର୍ଯ୍ୟକ୍ରମରେ ସାମିଲ୍ ରହିବ।

ବିଭାଗୀୟ ମନ୍ତ୍ରୀମାନେ ୨ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ବିଭାଗ ଗୁଡିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହିଛି, ତାହା ଲୋକଙ୍କ ପାଖରେ ପହଞ୍ଚାଇବାରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ପୁଣି ଓଡ଼ିଶା ଆସିପାରନ୍ତି ମୋଦି

ଭୁବନେଶ୍ୱର,୧୪।୫(ମହାଭାରତ): ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜ୍ୟରେ ମୋହନ ଚରଣ ମାଝୀ ନେତୃତ୍ୱାଧୀନ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁଥିବା ବିଶେଷ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୋଦିଙ୍କୁ ରାଜ୍ୟ ସରକାର ପକ୍ଷରୁ ନିମନ୍ତ୍ରଣ ଦିଆଯାଇଛି। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇ କହିଛନ୍ତି ଯେ, ଦୁଇ ବର୍ଷର ସଫଳତାକୁ ନେଇ ସରକାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚଳାଇଛି। ପ୍ରଧାନମନ୍ତ୍ରୀଙ୍କ ସମ୍ଭାବ୍ୟ ଓଡ଼ିଶା ଗସ୍ତକୁ ନେଇ ମଧ୍ୟ ଆଲୋଚନା ଚାଲିଥିବା ସେ କହିଛନ୍ତି।ତେବେ ଏଥର ପୂର୍ତ୍ତି ଉତ୍ସବ ହେବ ସରଳ ଓ ସଂଯମପୂର୍ଣ୍ଣ। ସରକାର ବର୍ତ୍ତମାନ ଖର୍ଚ୍ଚ କମାଇବା ଓ ଆର୍ଥିକ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଉଥିବାରୁ ଯଦି ମୋଦୀ ଯୋଗଦିଅନ୍ତି, ତେବେ କାର୍ଯ୍ୟକ୍ରମକୁ ନିରାଡମ୍ବର ଭାବେ କରାଯିବ ବୋଲି ମନ୍ତ୍ରୀ କହିଛନ୍ତ। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜୁନ୍ ୨୦ ତାରିଖରେ ମୋହନ ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ମୋଦି ଓଡ଼ିଶା ଆସିଥିଲେ।

# ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

## ୨ କୋଠା, ୭ ପ୍ଲଟ୍, ୧.୭୩ ଲକ୍ଷ ନଗଦ ଟଙ୍କା ଓ ଅନ୍ୟାନ୍ୟ ସଂପତ୍ତି ଠାବ

ଭୁବନେଶ୍ୱର,୧୪।୫(ମହାଭାରତ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଭଦ୍ରକ କମାଣ୍ଡ ଏରିଆ ଡେଭେଲପମେଣ୍ଟ (ଉଇଉ) ଡିଭିଜନର କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମହାନ୍ତିଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚାଉ କରାଯାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ଥାନା ଆରଡି ଛକ ସ୍ଥିତ ତାଙ୍କ ବାସଭବନ ସହିତ ନରିପୁର ସ୍ଥିତ ଅଫିସ, ଭୁବନେଶ୍ୱର, କେନ୍ଦୁଝର ଓ ବାଲେଶ୍ୱରରେ ଚାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ତାଙ୍କର ୨ଟି କୋଠା, ୭ଟି ପ୍ଲଟ୍ ଓ ଅନ୍ୟାନ୍ୟ ସଂପତ୍ତି ଠାବ କରିଛି ଭିଜିଲାନ୍ସ। ଭଦ୍ରକ ସହରର ସମରାଇପୁରରେ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମହାନ୍ତିଙ୍କର ଏକ ତିନି ମହଲା କୋଠା ଅଛି। ଏହା ପ୍ରାୟ ୩ ହଜାର ୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ







ହୋଇଛି। ସେହିପରି ବାଲେଶ୍ୱର ଜିଲ୍ଲା ବସ୍ତାର ନରସିଂଡିହାରେ ତାଙ୍କର ଏକ ୨ ମହଲା କୋଠା ଅଛି। ଏହା ୨ ହଜାର ୬୦୦ ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଛି।ଶ୍ରୀ ମହାନ୍ତିଙ୍କର ୭ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ। ଏହି ପ୍ଲଟଗୁଡିକ ମଧ୍ୟରୁ ଭଦ୍ରକ ସହରରେ ୨ଟି ଥିବା ବେଳେ ଗୋଟିଏ ଭୁବନେଶ୍ୱର ଉପକଣ୍ଠରେ, ୩ଟି ବସ୍ତା ସହରରେ ଓ ଗୋଟିଏ ରାସଗୋବିନ୍ଦପୁରର ଅମରଦାରେ ରହିଛି।

ରେଡ୍ ବେଳେ ଶ୍ରୀ ମହାନ୍ତିଙ୍କ ଘରୁ ନଗଦ ୧ ଲକ୍ଷ ୭୩ ହଜାର ୧୮୦ ଟଙ୍କା ମିଳିଛି। ଏହା ବାଦ୍ ତାଙ୍କର ବ୍ୟାଙ୍କ, ଡାକ ଘର ଓ ଅନ୍ୟାନ୍ୟ ନିବେଶ ରହିଛି। ତାଙ୍କର ୩ଟି ଦୁଇ ଚକିଆ ଗାଡି ଅଛି। ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ତଦନ୍ତ ଜାରି ରହିଛି।

# କେରଳ ମୁଖ୍ୟମନ୍ତ୍ରୀ ହେବେ ଭିଡି ସତୀଶନ୍

ତିରୁଅନନ୍ତପୁରମ,୧୪।୫(ମହାଭାରତ): ବରିଷ୍ଠ କଂଗ୍ରେସ ନେତା ତଥା ଛଅଥରର ବିଧାୟକ ଭିଡି ସତୀଶନ ହେବେ କେରଳ ଆଗାମୀ ମୁଖ୍ୟମନ୍ତ୍ରୀ। ମେ ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବା ପରଠାରୁ ବିଜୟୀ ୟୁଡିଏଫ୍ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀକୁ ନେଇ ଗତ ୧୦ ଦିନ ହେଲା ସସ୍ପେନ୍ସ ଜାରି ରହିଥିଲା। ଗୁରୁବାର କଂଗ୍ରେସ ହାଇକମାଣ୍ଡ ସତୀଶନଙ୍କ ନାଁରେ ମୋହର ମାରିଛନ୍ତି। ବରିଷ୍ଠ କଂଗ୍ରେସ ସାଂସଦ କେସି ବେଣୁଗୋପାଳ, ରମେଶ ଚେନ୍ନିଥଲା ଓ ସତୀଶନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିଲା।ବିଧାନସଭା ନିର୍ବାଚନ ଫଳାଫଳ ପରେ ପ୍ରାୟ ୧୦ ଦିନର କଳ୍ପନାଜଳ୍ପନା ଓ ଆଭ୍ୟନ୍ତରୀଣ ଆଲୋଚନାର ଅନ୍ତ ଘଟାଇ କଂଗ୍ରେସ ଗୁରୁବାର ଦିନ ସତୀଶନ୍ଙ୍କୁ କେରଳର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବରେ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି।କେରଳ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ପୂର୍ବରୁ ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଦଳର ଶୀର୍ଷ ନେତାଙ୍କ ସହ ଶେଷ ମୁହୂର୍ତ୍ତରେ ଆଲୋଚନା କରିଥିଲେ। ସୂତ୍ର ଅନୁସାରେ ଖଡଗେ କେରଳ ପାଇଁ ଦାୟିତ୍ୱରେ ଥିବା ଏଆଇସିସି ସାଧାରଣ ସମ୍ପାଦକ ଦୀପା ଦାସମୁନସି ଓ ଦୁଇ ବରିଷ୍ଠ ପର୍ଯ୍ୟବେକ୍ଷକ ଅଜୟ ମାକେନ ଓ ମୁକୁଲ ୱାସନିକ୍ଙ୍କ ସହିତ ଆଲୋଚନା କରିଥିଲେ, ଯେଉଁମାନେ ପୂର୍ବରୁ ରାଜ୍ୟର ସମସ୍ତ ନବନିର୍ବାଚିତ ବିଧାୟକଙ୍କୁ ଭେଟିଥିଲେ। ବୁଧବାର ସନ୍ଧ୍ୟାରେ ଖଡଗେ ଓ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ମଧ୍ୟରେ ୩୦ ମିନିଟ୍ ଧରି ଆଲୋଚନା ହୋଇଥିଲା। ରାହୁଲ ଗାନ୍ଧୀ ଗୁରୁବାର ସକାଳେ ବେଣୁଗୋପାଳଙ୍କୁ ଭେଟିଥିଲେ।



## ଚକୋଲେଟ ସନ୍ଦେଶ

ପ୍ରାୟ ଲୋକଙ୍କୁ ମିଠା ଖାଇବା ଭଲ ଲାଗିଥାଏ । ଏଥିପାଇଁ ସେମାନେ ବଜାରରୁ ମିଠା ଆଣି ଫ୍ରିଜରେ ରଖିଥାନ୍ତି । କିନ୍ତୁ ଏବେର ଅପମିଶ୍ରଣଯୁକ୍ତ ମିଠା ଖାଇବା ଠାରୁ ଭଲ ଘରେ ପ୍ରସ୍ତୁତ କରି ଖାଇବା। ଏଥିପାଇଁ ଆଜି ଆମେ ଆପଣଙ୍କୁ ଚକୋଲେଟ ସନ୍ଦେଶ କିପରି ପ୍ରସ୍ତୁତ କରାଯାଏ ସେ ବିଷୟରେ ଜଣାଇବୁ । ଆବଶ୍ୟକ ସାମଗ୍ରୀ: ଫ୍ରେସ ପନୀର ୧କପ,ଚିନି ୧ଟେବୁଲ ଚାମଚ,କୋକୋ ପାଉଡ଼ର ୧ଟେବୁଲ ଚାମଚ,ଭାନିଲା ଏସେନ୍ସ ୧/୨ ଟେବୁଲ ଚାମଚ,ଡ୍ରାଏଫ୍ରୁଟସ ୨ଟେବୁଲ ଚାମଚ,ଘିଅ ୧ଚାମଚ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ର ନିଅନ୍ତୁ । ସେଥିରେ କିଛି ପନୀର ଏବଂ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏହା ପରେ ଏଥିରେ କୋକୋ ପାଉଡ଼ର ଏବଂ ଭାନିଲା ଆସେନ୍ସ ପକାଇ ନରମ ହେବା ପର୍ଯ୍ୟନ୍ତ ଫେଣ୍ଟନ୍ତୁ । ଏହା ପରେ ମିକ୍ସଚରକୁ ୮ସମାନ ଭାଗରେ ବାଣ୍ଟି ଦିଅନ୍ତୁ ଏବଂ ହାତରେ ଅଳ୍ପ ଘିଅ ଲଗାଇ ଗୋଟେ ଗୋଟେ ଭାଗ ନେଇ ଗୋଲ ଗୋଲ କରି ଦବାନ୍ତୁ ଏବଂ ଏହା ଉପରେ କିଛି ଡ୍ରାଏ ଫ୍ରୁଟସ ରଖନ୍ତୁ । ଏହା ପରେ ଏହାକୁ ଅତି କମରେ ୩୦ମିନିଟ ପର୍ଯ୍ୟନ୍ତ ଫ୍ରିଜରେ ସେଟ ହେବା ପାଇଁ ରଖିଦିଅନ୍ତୁ। ଏହା ପରେ ଏହାକୁ ବାହାର କରନ୍ତୁ ଏବଂ ଖାଇବାକୁ ଦିଅନ୍ତୁ ।




### ଖବର

## ତ୍ରିଷା କ୍ରିଷ୍ଣନଙ୍କ ଫିଲ୍ମକୁ ସ୍ୱତନ୍ତ୍ର ପ୍ରଦର୍ଶନ ପାଇଁ ଅନୁମତି ଦେଇଥିଲେ ବିଜୟ



ସାଉଥ ସୁପରଷ୍ଟାର ସୂର୍ଯ୍ୟ ଏବଂ ତ୍ରିଷା କ୍ରିଷ୍ଣନଙ୍କ ଫିଲ୍ମ କରୁପ୍ପୁ ରିଲିଜ୍ ପାଇଁ ଏକ ସ୍ୱତନ୍ତ୍ର ପରମିଶନ ମିଳିବା ପରେ ମଧ ରିଲିଜ ହୋଇପାରିଲା ନାହିଁ । ଫିଲ୍ମଟି ପୂର୍ବରୁ ଗୁରୁବାର ସ୍ୱତନ୍ତ୍ର ପ୍ରଦର୍ଶନ ପାଇଁ ଅନୁମତି ମିଳିଥିଲା ।ମାତ୍ର ଅନେକ ସ୍ଥାନରେ ଏହି ଶୋ ଗୁଡ଼ିକ ବାତିଲ ହୋଇଥିବା ଜଣାପଡ଼ିଛି । ସକାଳ ୯ଟାରେ ସ୍ୱତନ୍ତ୍ର ପରମିଶନ ମିଳିଥିଲା ପ୍ରଦର୍ଶନ ପାଇଁ ମାତ୍ର ଏହା ରିଲିଜ୍ ହୋଇପାରିନଥିବା ଫିଲ୍ମର ପ୍ରଯୋଜକ ଏକ୍ସରେ ପୋଷ୍ଟ କରି ଜଣାଇଛନ୍ତି ।ତାମିଲନାଡୁରେ ଗତ ବର୍ଷଠାରୁ ସକାଳ ଶୋ ନିଷିଦ୍ଧ ରହିଛି । ମାତ୍ର ଏହି ଫିଲ୍ମ ପାଇଁ ସରକାରୀ ଅନୁମତି ମିଳିଥିଲା । ତଥାପି ଅନେକ ହଲରେ ଏହା ରିଲିଜ୍ ହୋଇପାରିନାହିଁ । ଫ୍ୟାନ୍ସମାନେ ଆଗୁଆ ଟିକେଟ ବୁକ୍ କରିଥିବାବେଳେ ନିରାଶ ହୋଇଛନ୍ତି । ପ୍ରଯୋଜନା ସଂସ୍ଥା ପକ୍ଷରୁ ଏନେଇ କ୍ଷମା ମଗାଯାଇଛି । ସକାଳ ଶୋ' ବାତିଲ୍ କରାଯାଇଥିବା ବେଳେ ସେ ସୋସିଆଲ ମିଡିଆରେ କ୍ଷମା ପ୍ରାର୍ଥନା କରିଛନ୍ତି । ଫିଲ୍ମ ଶୋର ପ୍ରଡକ୍ସନ ରିଟେଲ୍ଡ ସମସ୍ୟା ଯୋଗୁଁ ବାତିଲ ହୋଇଛି । ପ୍ରଯୋଜକ ଏସ ଆର ପ୍ରଭୁ କହିଛନ୍ତି, ଫିଲ୍ମର ଶୋ ଫାଇନାନ୍ସିଆଲ କାରଣ ଯୋଗୁଁ ରିଲିଜ ହୋଇପାରିନାହିଁ ।ଫିଲ୍ମ ରିଲିଜ ନେଇ ଫ୍ୟାନ୍ସ ଉତ୍ସାହିତ ରହିଥିଲେ । ଏହି ଫିଲ୍ମରେ ତ୍ରିଷା ମୁଖ୍ୟ ଭୂମିକାରେ ରହିଥିଲେ ଯ ଦୀର୍ଘ ଦିନ ପରେ ତ୍ରିଷା ଏବଂ ସୂର୍ଯ୍ୟା ବଡ଼ ପରଦାରେ ଏକାଠି ନଜର ଆସୁଛନ୍ତି ।ଏହି ଫିଲ୍ମରେ ଯୋଗୀ ବାବୁ, ସ୍ୱାସିକା, ଆରଜେ ବାଲାଜୀ ଭଳି କଳାକାର ରହିଛନ୍ତି ଯ ଫିଲ୍ମରେ କୋର୍ଟ ସିନ୍ ଆକ୍ସନ, ଇମୋସନ ଏବଂ ସୋସିଆଲ ଇସ୍ୟୁ ଦେଖିବାକୁ ମିଳିବ ।

## ଈଶ୍ୱରଙ୍କ ଅନୁଭବ



ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା'ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

## ଉପକାରୀ ପାନମହୁରୀ



ବର୍ତ୍ତମାନ ସମୟରେ ଓଜନ ହ୍ରାସ କରିବା ଅତ୍ୟନ୍ତ କଷ୍ଟକର । କାରଣ ଅଫିସରେ ବସି କାମ କରିବା ମଧ୍ୟରେ, ଆପଣଙ୍କୁ ବ୍ୟାୟାମ ବା ଯୋଗ ପାଇଁ ସମୟ ବାହାର କରିବାକୁ ପଡ଼ିବ । ତେବେ ଚାଲିବାର ଅଭ୍ୟାସ ସଂପୂର୍ଣ୍ଣ ହ୍ରାସ ହୋଇଯାଇଛି । କାହିଁକି ନା ବସି ବସି ଜଙ୍କ ଫୁଡ ଖାଇବାର ଅଭ୍ୟାସ ଏମିତି ବଢିଗଲାଣି ଯେ ଏଭଳି ପରିସ୍ଥିତିରେ ମୋଟାପା ହ୍ରାସ କରିବା ଅତ୍ୟନ୍ତ କଷ୍ଟକର ହୋଇପଡିଛି । ଲୋକଙ୍କ ଓଜନ ଆହୁରି ବୃଦ୍ଧି ପାଇଛି । ଘରୁ କାମ କରୁଥିବା ଲୋକଙ୍କ ଶାରୀରିକ କାର୍ଯ୍ୟକଳାପ ଉପରେ ସଂପୂର୍ଣ୍ଣ ମାତ୍ରାରେ ହ୍ରାସ ପାଇବାରେ ଲାଗିଛି । ଓଜନ ବଢିବା ସହିତ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି । ଲୋକଙ୍କଠାରେ ହୃଦ୍‌ଘାତ, ଉଚ୍ଚ ରକ୍ତଚାପ, ମଧୁମେହ ଭଳି ରୋଗ ବୃଦ୍ଧି ପାଇବାରେ ଲାଗିଛି। ତଥାପି, ଯଦି ନିଜ ଖାଦ୍ୟର ଟିକିଏ ଯତ୍ନ ନିଆଯାଏ ତାହାଲେ, ମେଦବହୁଳତା ହ୍ରାସ କରାଯାଇ ପାରିବ । ତେବେ ଓଜନ ହ୍ରାସ କରିବା ପାଇଁ ଘରୋଇ ଉପଚାର ମଧ କରିପାରିବେ । ଆପଣଙ୍କ ରୋଷେଇ ଘରେ ଏପରି ଅନେକ ଜିନିଷ ଅଛି, ଯାହାକୁ ବ୍ୟବହାର କରି ଆପଣ ପେଟରେ ବଢୁଥିବା ଚର୍ବିକୁ ହ୍ରାସ କରିପାରିବେ । ସେଥିମଧ୍ୟରୁ ଗୋଟିଏ ହେଉଛି ଫେନେଲ, ଅର୍ଥାତ୍ ପାନମହୁରୀ ଯାହା ଆପଣଙ୍କ ଓଜନ ହ୍ରାସ ପାଇଁ ବ୍ୟବହାର କରିପାରିବେ । ପାନମହୁରୀରୁ କିପରି ଓଜନ ହ୍ରାସ ପାଇଁ ପାନୀୟ ପ୍ରସ୍ତୁତ କରିବେ ଜାଣନ୍ତୁ ।

ପାନମହୁରୀରୁ ପ୍ରସ୍ତୁତ କରନ୍ତୁ ଓଜନ ହ୍ରାସ ପାଇଁ ପାନୀୟ

ତେବେ ଓଜନ ହ୍ରାସ ପାଇଁ ପ୍ରଥମେ ପାନମହୁରୀକୁ ବ୍ୟବହାର କରିପାରିବେ । ଏହାକୁ ଚା ଭାବେ ତିଆରି କରି ପିଇପାରିବେ । ଏଥିପାଇଁ ଆବଶ୍ୟକ ଏକ ଛୋଟ ଚାମଚରେ ପାନମହୁରୀ ଏବଂ ପାଣି । ସର୍ବପ୍ରଥମେ, ଫୁଟାଇବା ପାଇଁ ୧ ଗ୍ଲାସ ପାଣି ରଖନ୍ତୁ । ପାଣି ଫୁଟିବା ପରେ ସେଥିରେ ଏକ ଚାମଚ ପାନମହୁରୀ ମିଶାଇ ଦିଅନ୍ତୁ । କିଛି ସମୟ ପରେ ଗ୍ୟାସ ବନ୍ଦ କରନ୍ତୁ । ବର୍ତ୍ତମାନ ସେହି ଜଳକୁ ୧ ମିନିଟ୍ ପାଇଁ ଘୋଡାଇ ରଖନ୍ତୁ । ଟିକେ ଥଣ୍ଡା ହେଲା ପରେ ଏହାକୁ ପିଅନ୍ତୁ ।

## ଅଙ୍ଗାରେଶ୍ୱର ମହାଦେବ ମନ୍ଦିର



ମଣିଷ ଜୀବନରେ ଅନେକ ସମସ୍ୟା ଲାଗି ରହିଥାଏ । ନିଜ ସମସ୍ୟା ଦୂର କରିବା ପାଇଁ ମଣିଷ ଭଗବାନଙ୍କ ଶରଣରେ ପଶିଥାଏ । ଲୋକମାନଙ୍କର ବିଭିନ୍ନ ସମସ୍ୟା ମଧ୍ୟରୁ ବିବାହ ଦୋଷ ବା ସମସ୍ୟା ଅନ୍ୟତମ । ଏହି ଦୋଷ ଲାଗିଲେ ସେ ପୁଅ ଅବା ଝିଅ ହେଉ ବିବାହରେ ବିଭିନ୍ନ ସମସ୍ୟା ଉପୁଜେ । ଏହି ଦୋଷ ଦୂର କରିବା ପାଇଁ ଲୋକମାନେ ଅନେକ ମନ୍ଦିରକୁ ଯାଆନ୍ତି । କିଛି ଲୋକଙ୍କ ସମସ୍ୟା ଦୂର ହୋଇଥାଏ ତ କିଛି ଲୋକଙ୍କ ସମସ୍ୟା ସମସ୍ୟାରେ ହିଁ ରହିଯାଏ । କାହାରି ଯଦି ଏପରି କିଛି ସମସ୍ୟା ରହିଛି ତେବେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଏ।

ଏଥର ଜାଣିବା ଏହି ବିଶେଷ ମନ୍ଦିରରେ ରହିଛି କଣ ଅଲୌକିକତା । ଉଜ୍ଜୟିନୀ ସହର ଯେଉଁଠାରେ ମହାଦେବ ପ୍ରତ୍ୟେକ କୋଣରେ ବାସ କରନ୍ତି ବୋଲି ବିଶ୍ୱାସ ରହିଛି। ପ୍ରତିଦିନ ଏଠାରେ କିଛି ନା କିଛି ଚମତ୍କାର ଦେଖିବାକୁ ମିଳେ । ଏହି ସହରରେ ଏକ ମନ୍ଦିର ଅଛି, ଯାହା ଅଙ୍ଗାରେଶ୍ୱର ମହାଦେବ ନାମରେ ପ୍ରସିଦ୍ଧ । ଏହି ମନ୍ଦିର ମଙ୍ଗଳନାଥ ମନ୍ଦିର ପଛରେ ଥିବା ଶିପ୍ରା କୂଳରେ ଅବସ୍ଥିତ । ଉଜ୍ଜୟିନୀ ନଗରୀରେ ୮୪ ମହାଦେବଙ୍କ ସମେତ ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ବିଷୟରେ ସ୍କନ୍ଦ ପୁରାଣର ଅବନ୍ତିକା ବିଭାଗରେ ଉଲ୍ଲେଖ କରାଯାଇଛି । ପଣ୍ଡିତ ଯତୀନ ଶର୍ମାଙ୍କ ଅନୁଯାୟୀ ଏହି ମନ୍ଦିରର ଧାର୍ମିକ ମହତ୍ତ୍ୱ ରହିଛି । ବିଶ୍ୱାସ କରାଯାଏ ଯେ କେବଳ ଦର୍ଶନ ମାତ୍ରକେ ମଙ୍ଗଳ ଦୋଷର ପ୍ରଭାବ ଦୂର ହୋଇଯାଏ । ଏହା ବ୍ୟତୀତ ମଙ୍ଗଳବାର ପୂଜା କରିବା ଦ୍ୱାରା କୌଣସି କାର୍ଯ୍ୟରେ ବାଧା ଉପୁଜି ନଥାଏ । ଅଙ୍ଗାରେଶ୍ୱର ମନ୍ଦିରର ବିଶେଷତ୍ୱ ହେଉଛି, ଦୀପାବଳି ପରେ ପଡୁଥିବା ମଙ୍ଗଳବାର ବିଶେଷ ଭାବେ ଅନ୍ନକୁଟ ଲଗାଯାଇଥାଏ । ତେଣୁ ଦୂର ଦୂରାନ୍ତରୁ ଭକ୍ତମାନେ ମଙ୍ଗଳବାର ଦର୍ଶନ କରିବାକୁ ଆସିଥାନ୍ତି ଏବଂ ମଙ୍ଗଳ ଗ୍ରହର କୁପ୍ରଭାବରୁ ମୁକ୍ତି ପାଇଥାନ୍ତି ।

**ବିବାହ ଦୋଷ ଦୂର ହୁଏ:**


ଭଗବାନ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତ ପୂଜାର ରହିଛି ବିଶେଷ ମହତ୍ତ୍ୱ । ଏଠାକାର ପଣ୍ଡିତଙ୍କ କହିବା ଅନୁସାରେ ଭାତ ପୂଜା କରିବା ଦ୍ୱାରା କଚେରି ସମସ୍ୟା ମଧ ସମାଧାନ ହୋଇଯାଏ । ଏହା ବ୍ୟତୀତ ସମ୍ପତ୍ତି ସମ୍ବନ୍ଧୀୟ କାର୍ଯ୍ୟରେ ମଧ ସଫଳତା ମିଳିଥାଏ । ନେତାମାନେ ମଧ ନିୟମିତ ଭାବେ ଅଙ୍ଗାରେଶ୍ୱର ମନ୍ଦିରରେ ପୂଜା କରିବାକୁ ଆସନ୍ତି । ଶୁଭ କାର୍ଯ୍ୟକଳାପରେ ବାଧାବିଘ୍ନର ସମ୍ମୁଖୀନ ହେଉଥିବା ଲୋକମାନେ ମଧ ପୂଜା କରିବାକୁ ଆସନ୍ତି । ବିଶ୍ୱାସ କରାଯାଏ ଯେ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତପୂଜା କରିବା ଦ୍ୱାରା ବିବାହର ଦୋଷ ଦୂର ହୋଇଥାଏ ।

**ସିନ୍ଦୂରରେ ହୋଇଥାଏ ଶୃଙ୍ଗାର:**

ସିନ୍ଦୂର ଦ୍ୱାରା ଶୃଙ୍ଗାର କରାଯାଇଥିବା ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ଶିପ୍ରା ନଦୀ କୂଳରେ ଅବସ୍ଥିତ । ପୁରାଣ ମାନ୍ୟତା ଅନୁସାରେ ମଙ୍ଗଳ ଗ୍ରହର ଜନ୍ମସ୍ଥାନ ହେଉଛି ଉଜ୍ଜୟିନୀ । ଏବଂ ଅଙ୍ଗାରେଶ୍ୱର ମହାଦେବ ହିଁ ଭୂମିପୁତ୍ର ମଙ୍ଗଳ । ଏଣୁ ଅଙ୍ଗାରେଶ୍ୱର ମହାଦେବଙ୍କୁ ମଙ୍ଗଳ ଦେବ ମଧ କୁହାଯାଏ । ମଙ୍ଗଳ ଗ୍ରହର ଶାନ୍ତି ପାଇଁ ଅଙ୍ଗାରେଶ୍ୱର ମହାଦେବଙ୍କ ସ୍ୱତନ୍ତ୍ର ପୂଜା କରାଯାଏ ଏବଂ ଏହା ଲାଭଦାୟକ ମଧ ହୋଇଥାଏ ।

## ନିୟମିତ ଖାଆନ୍ତୁ ଶୁଣ୍ଠି, ଏହି ସବୁ ରୋଗରୁ ମିଳିବ ମୁକ୍ତି

ଅଧିକାଂଶ ଘରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅଦାର ବ୍ୟବହାର କରାଯାଇଥାଏ ।ଅଦାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଏ । ଶୁଖିଲା ଅଦାକୁ ଶୁଣ୍ଠି କୁହାଯାଏ । ଶୁଣ୍ଠି ଖାଇବା ଦ୍ୱାରା ଥଣ୍ଡାକାଶ ଓ ଗଳା ଦରଜ କମିବା



ସହ ପାଚନ ତନ୍ତ୍ର ସମସ୍ୟା ଦୂର ହୋଇଥାଏ । ଏହାବ୍ୟତୀତ ମୋଟାପଣ ମଧ କମ୍ ହୋଇଥାଏ । ଶୁଣ୍ଠି ଆଇରନ୍, ଫାଇବର, ସୋଡିୟମ୍, ଫେଲେଟ୍ ଏସିଡ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍- ଏ, ଜିଙ୍କ୍ ଓ ଫ୍ୟାଟି ଏସିଡ୍ରେ ଭରପୂର ।ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ସମସ୍ୟା ରହିଛି, ସେମାନେ ନିୟମିତ ଶୁଣ୍ଠି ଖାଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ।

ଋତୁ ପରିବର୍ତ୍ତନରୁ ହେଉଥିବା ଥଣ୍ଡା-କାଶରୁ ରକ୍ଷା ପାଇବା ପାଇଁ ଶୁଣ୍ଠି ଗୁଣ୍ଡକୁ ହାଲ୍କା ଗରମ ପାଣି ସହ ପିଇପାରିବେ।

ଯେଉଁ ପରିବାକୁ ହଜମ କରିବା କଷ୍ଟ ହୋଇଥାଏ। ସେଥିରେ ହାଲ୍କା ଶୁଣ୍ଠିଗୁଣ୍ଡର ପ୍ରୟୋଗ କରିବା ଦ୍ୱାରା ତାହା ସହଜରେ ହଜମ ହୋଇଥାଏ।

ଶୁଣ୍ଠି ମେଟାବଲିଜିମ୍ ବଢାଇ ଓଜନ ହ୍ରାସ କରିବାରେ ମଧ ସାହାଯ୍ୟ କରିଥାଏ ।ଶୁଣ୍ଠିକୁ ଦୁଗ୍ଧରେ ମିଶାଇ ମିଶ୍ରଣକୁ ତ୍ୱଚାରେ ଲଗାଇ ୧୦ରୁ ୨୦ ମିନିଟ୍ ଯାଇ ଛାଡି ଦିଅନ୍ତୁ । ଶୁଖିବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ନିଅନ୍ତୁ । ତ୍ୱଚାରେ ଚମ୍କ ଆସିଥାଏ ।

# ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିଦର୍ଶନ କଲେ ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର,୧୪।୫ (ମହାଭାରତ):** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଗୋଠପାଟଣାଠାରେ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆରଓଟିଆଇ) ପରିଦର୍ଶନ କରି ଏକ ସ୍ୱତନ୍ତ୍ର ସଭାରେ ଯୋଗ ଦେଇ ଓଡିଶା ରାଜସ୍ୱ ସେବାର ୭୪ଜଣ ଓଡ଼ିଶା ରାଜସ୍ୱ ସେବା ପ୍ରଶିକ୍ଷାର୍ଥୀ(ଓଆରଏସ୍ ଟ୍ରେନି)ଙ୍କ ସହିତ ଆଲୋଚନା ଏବଂ ଭାବ ବିନିମୟ କରିବା ସହ ନିଷ୍ଠା ଓ ପ୍ରତିବଦ୍ଧତାର ସହ ଲୋକସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆରଓଟିଆଇର ପାଠ୍ୟକ୍ରମ ସଂଯୋଜକ ସୌମ୍ୟକାନ୍ତ ସୌମ୍ୟଦର୍ଶୀ ପ୍ରଶିକ୍ଷଣ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ରାଜସ୍ୱ ସେବା ସମ୍ପର୍କିତ ବିଭିନ୍ନ ଆଇନ୍ ତଥା ନିୟମ ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶିକ୍ଷଣରେ ପଢାଯାଇଥିବା ବିଭିନ୍ନ ବିଷୟରେ ପଚାରି ବୁଝିବା ସହ ଜନସାଧାରଣଙ୍କ ନିମନ୍ତେ ରାଜସ୍ୱ ସେବା କିପରି ସହଜଲଭ୍ୟ ହୋଇପାରିବ, ସେ ସମ୍ପର୍କରେ ସମସ୍ତେ ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ରାଜସ୍ୱ ସେବା ଦିଗରେ ଥିବା ବିଭିନ୍ନ ଆହ୍ୱାନ ସମ୍ବନ୍ଧରେ ଆଲୋଚନା କରିବା ସହ ହାଇଟେକ୍ ସର୍ଭେ ସମ୍ବନ୍ଧରେ ନୂଆ ଅଧିକାରୀମାନେ ଅଧିକ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଜମି ଅଧିଗ୍ରହଣ ଆଇନ, ପୁନର୍ବାସ ଓ ଥଇଥାନ ନିୟମ ସମ୍ବନ୍ଧରେ ଆଲୋଚନା କରି ସର୍ବପ୍ରଥମେ ସାଧାରଣ ଲୋକଙ୍କ ପକ୍ଷଧର ହେବାକୁ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ରାଜସ୍ୱ ସେବା ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ବୈଷୟିକ ଦୃଷ୍ଟିକୋଣରୁ ଅଧିକ ଦକ୍ଷତାସମ୍ପନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ କ୍ଷ ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ଦେବଗଡ଼ ଆଦି ଜିଲ୍ଲାରେ ହାଇଟେକ୍ ସର୍ଭେ ପ୍ରକ୍ରିୟା ସଫଳତାର ସହ ଚାଲିଥିବା ବେଳେ ଆଗାମୀ ଦିନରେ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଏହାର ଆବଶ୍ୟକତା ଯୋଗୁ ରାଜସ୍ୱ ଅଧିକାରୀମାନେ ଅଧିକ ଦକ୍ଷ ହେବାର ଆବଶ୍ୟକତା ରହିଚି ବୋଲି ସେ ମତପ୍ରକାଶ କରିଥିଲେ। ସେଥିନିମନ୍ତେ ଉପଯୁକ୍ତ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱତନ୍ତ୍ର ଭାବେ ହାଇଟେକ୍ ସର୍ଭେ ସମ୍ବନ୍ଧିତ ଅଧିକ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି କେବଳ ଶ୍ରେଣୀଗୃହ ପ୍ରଶିକ୍ଷଣରେ ସୀମିତ ନ ରହି ଏହାର ବାସ୍ତବ ଉପଯୋଗ ନିମନ୍ତେ ପ୍ରାକ୍ଟିକାଲ ଟ୍ରେନିଂ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ପରି ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଆରଏସ୍ ଅଧିକାରୀମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧିତ ତାଲିମରେ ଦକ୍ଷ ହେବାକୁ ସେ ଆହ୍ୱାନ ଦେଇଥିଲେ । ଗୁଣାତ୍ମକ ଏବଂ ଉପାଦେୟ ପ୍ରଶିକ୍ଷଣ ସହ ସାଧାରଣ ଜ୍ଞାନର ଉପଯୋଗ ମାଧ୍ୟମରେ ହିଁ ଜଣେ ସଫଳ ଅଧିକାରୀ ହେଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।



ଏହି ଅବସରରେ ମନ୍ତ୍ରୀ କହିଥିଲେ, 'ଅହଙ୍କାର ଠାରୁ ଦୂରରେ ରହି ଆମକୁ ନିଷ୍ଠା ଓ ପ୍ରତିବଦ୍ଧତାର ସହ ଲୋକାଭିମୁଖୀ ସେବା ପ୍ରଦାନ ସୁନିଶ୍ଚିତ କରିବାର ଅଛି । ଆମ ଠାରୁ ଅଧିକ ଦକ୍ଷ ଲୋକମାନେ ବି ସୁଯୋଗ ଅଭାବରୁ ଆମ ସ୍ଥାନରେ ପହଂଚି ପାରି ନାହାଁନ୍ତି । ସୁତରାଂ ଆପଣମାନେ ଭଲ କାମ କଲେ ସ୍ୱତଃପ୍ରବୃତ ଭାବେ ଲୋକମାନଙ୍କ ଆଶୀର୍ବାଦ ଏବଂ ସୁନାମ ପାଇପାରିବେ । ଆପଣମାନେ ରାଜସ୍ୱ ସେବା ସମ୍ପର୍କିତ ସମସ୍ତ ଆଇନ୍ ବାରମ୍ବାର ପଢିବା ସହ ଉପଲବ୍ଧି କରନ୍ତୁ । ସକରାତ୍ମକ ଭାବେ ଆଇନର ସଦୁପଯୋଗ କରିବା ଆମର ନୈତିକ ଦାୟିତ୍ୱ । ନିଜକୁ ସେବକ ଭାବି ସାଧାରଣ ଲୋକଙ୍କୁ ମାଲିକ ତଥା ଗୁରୁତ୍ୱପୂର୍ଣ୍ଣ ହିତାଧିକାରୀ ଭାବେ ବିବେଚନା କରି କାର୍ଯ୍ୟ କରିବା ଦ୍ୱାରା ହିଁ ଆପଣମାନେ ଉଦାହରଣ ସୃଷ୍ଟି କରିପାରିବେ କ୍ଷ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେବା ପ୍ରଦାନ କରିବା ସୁନିଶ୍ଚିତ କଲେ ଆପଣମାନେ କୌଣସି ଚାପର ବଶବର୍ତୀ ହେବେ ନାହିଁ । ଆମର ସବୁଠୁଁ ସଶକ୍ତ ସାଧାରଣଜ୍ଞାନ ହିଁ ଆଇନ୍ । ସୁତରାଂ ଯେଉଁଠି କୌଣସି ଆଇନ୍ କିମ୍ବା କର୍ତ୍ତୃପକ୍ଷଙ୍କ ସହଯୋଗ ମିଳି ପାରୁନାହିଁ ନତୁବା କୌଣସି ଚାପ ପ୍ରୟୋଗ କରାଯାଉଚି, ସେପରି ସ୍ଥଳେ ନିଜର ସାଧାରଣ ଜ୍ଞାନ ପ୍ରୟୋଗ କରି ଆପଣମାନେ ସମସ୍ୟାକୁ ସୁଯୋଗରେ ବଦଳେଇ ସକରାତ୍ମକ ପରିବର୍ତନ କରିବାରେ ନିଶ୍ଚୟ ସଫଳ ହେବେ ।

# ବରଗଡ଼ ଜିଲ୍ଲାରେ ରବି ଧାନ କିଣା ଆରମ୍ଭ

**ଭୁବନେଶ୍ୱର,୧୪।୫ (ମହାଭାରତ):** ରାଜ୍ୟରେ ରବି ଋତୁରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି । ସୋମବାର ବରଗଡ଼ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଛି । ବରଗଡ଼ରେ ସରକାରୀ ସ୍ତରରେ ଧାନ ବିକ୍ରୟ ପାଇଁ ପ୍ରାୟ ଏକ ଲକ୍ଷ ୫ ହଜାର ଚାଷୀ ପଞ୍ଜିକୃତ କରିଛନ୍ତି । ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୯୬ ହଜାର ୩୭୭ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି।



ସେହିପରି ଆସନ୍ତା ୧୫ ତାରିଖରେ ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁରରେ ଧାନ ସଂଗ୍ରହ କରାଯିବ । ଚଳିତ ରବି ଋତୁରେ ବାଲେଶ୍ୱର ଜିଲ୍ଲାରେ ୩୮, ୧୧୩ ଚାଷୀ ପଞ୍ଜିକରଣ କରିଥିବା ବେଳେକଟକ ଜିଲ୍ଲାରେ ୩୫୧୮ ଜଣ, ପୁରୀରେ ୨୨,୨୩୬ ଜଣ ଓ ସମ୍ବଲପୁର ଜିଲ୍ଲାରେ ୧୯,୧୧୩ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି । ଏହି ସବୁ ଜିଲ୍ଲାର ଚାଷୀ ମାନଙ୍କୁ ଯାଂଚ ପ୍ରକ୍ରିୟା ପରେ ଆଜି ଟୋକନ ପ୍ରଦାନ କରାଯିବ। ପ୍ରତ୍ୟେକ ମଣ୍ଡିରେ ଚାଷୀ ମାନଙ୍କ ସୁବିଧା ପାଇଁ ଆବଶ୍ୟକୀୟ ନୋଡାଲ ଅଧିକାରୀ ଏବଂ ସୁପରଭାଇଜର ନିଯୁକ୍ତ କରାଯାଇଛି।

ସବୁ ମଣ୍ଡିରେ ଚାଷୀମାନେ ଧାନ ବିକ୍ରୟ କରି ଯେପରି ଏକ ଭଲ ଅନୁଭୂତି ନେଇ ଫେରିବେ ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ପ୍ରତ୍ୟେକ ମଣ୍ଡିରେ ଖରାରୁ ରକ୍ଷା ପାଇବା ପାଇଁ ଅସ୍ଥାୟୀ ସେଡ୍, ପାନୀୟ ଜଳ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବାବେଳେ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ସିସିଟିଭିର ବ୍ୟବସ୍ଥା କରାଯାଇଛି। ସେହିଭଳି ଅଦିନିଆ ବର୍ଷା ଓ ଖରାକୁ ଦୃଷ୍ଟିରେ ରଖି ଧାନର ସୁରକ୍ଷା ପାଇଁ ଆବଶ୍ୟକୀୟ ପଲିଥିନ୍ ର ବ୍ୟବସ୍ଥା କରାଯାଇଛି । କୌଣସି ଯୋଗ୍ୟ ଚାଷୀ ଯେପରି ଧାନସଂଗ୍ରହ ପ୍ରକ୍ରିୟାରୁ ବାଦ ନ ପଡ଼ନ୍ତି ସେଥି ପ୍ରତି ମଧ୍ୟ ଯଥେଷ୍ଟ ଧ୍ୟାନ ରଖାଯାଉଛି। ଧାନକିଣା ପ୍ରକ୍ରିୟା ଦାୟିତ୍ୱରେ ଥିବା ଅଧିକାରୀମାନେ କର୍ତବ୍ୟରେ ଅବହେଳା କଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି।

# ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କଲେ ପିସିସି ଏସଆଇଆର ଷ୍ଟିୟରିଂ କମିଟି

**ଭୁବନେଶ୍ୱର,୧୪।୫ (ମହାଭାରତ):** ରାଜ୍ୟରେ ଚାଲିଥିବା ଏସଆଇଆର ପ୍ରକ୍ରିୟାରେ ପ୍ରକୃତ ଭୋଟରଙ୍କୁ ବାଦ ନ ଦେବାକୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ରଖିବା ନିମନ୍ତେ ଆଜି ପିସିସି କମିଟି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କମିଟିର ସଦସ୍ୟ ଶ୍ରୀ ପ୍ରକାଶ ମିଶ୍ର, ଶ୍ରୀ ସଞ୍ଜୟ ତ୍ରିପାଠୀ ଏବଂ ଶ୍ରୀ ଲଳିତେନ୍ଦୁ ଶତପଥି ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଆସନ୍ତା ମଇ ୯ ତାରିଖ ଦିନ ୧୦ ଘଂଟା ସମୟରେ ଭୁବନେଶ୍ୱର ଧଉଳି ଛକ ନିକଟସ୍ଥ ପୁଷ୍ପକ କନଭେନସନ ଠାରେ ପିସିସି ଏସଆଇଆର ଷ୍ଟିୟରିଂ କମିଟିର ଅଧ୍ୟକ୍ଷ ଶ୍ରୀ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ ପକ୍ଷରୁ ବିଏଲଏ-୧, ଜିଲ୍ଲା କଂଗ୍ରେସ ସଭାପତି ମାନଙ୍କର ଏସଆଇର ବାବଦରେ ଏକ ପ୍ରଶିକ୍ଷଣ ଶିବିର ହେବ। ଏହି ପ୍ରଶିକ୍ଷଣ ଶିବିରରେ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଏବଂ ଏଆଇସିସି କ୍ଲଷ୍ଟର ହେଡ ରାଜେଶ



ଏସଆଇଆର ଷ୍ଟିୟରିଂ କମିଟିର ଅଧ୍ୟକ୍ଷ ଶ୍ରୀ ସନ୍ତୋଷ ସିଂ ସାଲୁଜା ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଜଣାଇଥିଲେ। ଏସଆଇରରେ ବିଭିନ୍ନ ପ୍ରକ୍ରିୟା କିଭଳି କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ପିସିସି ଏସଆଇଆର ଷ୍ଟିୟରିଂ କୁମାର ସେରସିଆ ଉପସ୍ଥିତ ରହିବେ। ଏହି ପ୍ରଶିକ୍ଷଣ ଶିବିରରେ ଷ୍ଟିଅରିଂ କମିଟି, ଷ୍ଟିୟରିଂ କମିଟିର ଉପଦେଷ୍ଟା କମିଟି ମେମ୍ବର, ୱାରରୁମ୍ କମିଟି ମେମ୍ବର ଏବଂ କୋଷାଧ୍ୟକ୍ଷ ଶ୍ରୀ ସିର୍ଦ୍ଧାଥ ସ୍ୱରୂପ ଦାଶ ମଧ୍ୟ ଅଂଶଗ୍ରହଣ କରିବେ।

# ପ୍ରଥମ କାର୍ବନ କ୍ୟାପଚର ଲ୍ୟାବ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୧୪।୫ (ମହାଭାରତ):** ଭାରତର ପ୍ରଥମ 'ଇଂଟିଗ୍ରେଟେଡ୍ କାର୍ବନ କ୍ୟାପଚର, ୟୁଟିଲାଇଜେସନ୍ ଏଣ୍ଡ୍ ଷ୍ଟୋରେଜ୍ (ସିସିୟୁଏସ)' ପିଲ୍ଟ ଲାବୋରେଟୋରୀର ଶୁଭାରମ୍ଭ ବର୍ତମାନ ସମୟରେ ପୂର୍ଣ୍ଣ ରୂପେ ସ୍ୱାଗତଯୋଗ୍ୟ । ଏହା ଭାରତର ସ୍ୱଚ୍ଛ ଉର୍ଜା ଇନୋଭେସନ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ସୋମବାର ଆଇଆଇଟି ବମ୍ବେ ଠାରେ ଏହି ଲ୍ୟାବର ଶୁଭାରମ୍ଭ କରିବା ସହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପଂଚାମୃତ' ପ୍ରତିଶ୍ରୁତି ଏବଂ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ଲକ୍ଷ୍ୟ ହାସଲ କରିବାରେ ଏହି ପ୍ରଯୁକ୍ତିବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ଆହରଣ ନୁହେଁ, ବରଂ ନବସୃଜନ ଓ ଗବେଷଣା ମାଧ୍ୟମରେ ଦେଶର ସାମର୍ଥ୍ୟ



ବୃଦ୍ଧି କରୁଛନ୍ତି । ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ପାଇଁ ଶିକ୍ଷାବିତ୍, ଶିଳ୍ପ ଜଗତ ଏବଂ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ। ଆଇଆଇଟି ବମ୍ବେର ଦ୍ୱାରା ପ୍ରୋତ୍ସାହିତ ଷ୍ଟାର୍ଟଅପ୍ 'ଉର୍ଜାନୋଭାକ'କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ପ୍ରଧାନ ଏହାକୁ ଭାରତର ବୈଜ୍ଞାନିକ ସାମର୍ଥ୍ୟର ପ୍ରତିଫଳନ ବୋଲି ଅଭିହିତ କରିଛନ୍ତି।

ଏହାପରେ କେନ୍ଦ୍ରମନ୍ତ୍ରୀ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (ଟିସ) ର ୯୦ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ 'ଗ୍ଲୋବାଲ କଲୋକ୍ୱିଅମ୍-୨୦୨୬' କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, ସାମାଜିକ ବିଜ୍ଞାନ କେବଳ ଏକ ପାଠ୍ୟକ୍ରମ ନୁହେଁ, ବରଂ ସମାଜର ପ୍ରଗତି ଓ ସମାନତା ପାଇଁ ଏକ ଦସ୍ତାବିଜ । ସେ କହିଥିଲେ ଯେ, ଭାରତର ବହୁସଂଖ୍ୟକ ଯୁବଶକ୍ତିଙ୍କ ପାଇଁ ବୁଝିଲା ଭଳି ତଥା ଆନ୍ତର୍ଜାତୀୟ ସ୍ତରର ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି । ସେହିପରି ଗତ ୧୨ ବର୍ଷ ମଧ୍ୟରେ 'ସବ୍‌କା ସାଥ୍, ସବ୍‌କା ବିକାଶ' ଏବଂ 'ଜାମ' ତଥା ଜନଧନ, ଆଧାର ଓ ମୋବାଇଲ୍ ମାଧ୍ୟମରେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସମାବେଶୀ ବିକାଶ ଅଣାଯାଇଛି । ଆର୍ଥିକ ପ୍ରଗତି ସହ ସାମାଜିକ ସଚେତନତା ଓ ମାନବୀୟ ସମ୍ବେଦନଶୀଳତା ହିଁ ପ୍ରକୃତ ବିକାଶର ମାପକାଠି । ଟିସ ଭଳି ଅନୁଷ୍ଠାନ ଏହି କ୍ଷେତ୍ରରେ ଏକ ସେତୁ ଭାବେ କାର୍ଯ୍ୟ କରୁଛି । ଶେଷରେ ଶ୍ରୀ ପ୍ରଧାନ ସମସ୍ତ ଅଂଶଗ୍ରହଣକାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସଫଳ ବିଚାର ବିମର୍ଶ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

# ୟୁସିଏଫ୍‌ର ପ୍ରଥମ ଜାତୀୟ ଆପେକ୍ସ କମିଟି ବୈଠକ

**ଭୁବନେଶ୍ୱର,୧୪।୫ (ମହାଭାରତ):** ଓଡ଼ିଶା ସରକାର ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ'ର ପ୍ରଥମ ଜାତୀୟ ଆପେକ୍ସ କମିଟି ବୈଠକରେ ଏକ ମହତ୍ୱାକାଂକ୍ଷୀ 'ପରବର୍ତୀ ପିଢ଼ିର ସହରୀ ବିକାଶ ରୋଡମ୍ୟାପ୍' ଉପସ୍ଥାପନ କରିଛନ୍ତି। କେନ୍ଦ୍ର ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶୀମତୀ ଉଷା ପାଢ଼ୀ ୟୁସିଏଫ୍ ଢାଂଚାରେ ୫,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପାଂଚଟି ପ୍ରମୁଖ ସହରୀ ଭିତିଭୂମି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ପ୍ରସ୍ତାବିତ ପଦକ୍ଷେପଗୁଡ଼ିକର ଲକ୍ଷ୍ୟ ହେଉଛି ସାରା ରାଜ୍ୟରେ ସହନଶୀଳ, ଅନ୍ତର୍ଭୁକ୍ତିକରଣ ଏବଂ ପ୍ରଯୁକ୍ତିଭିତିକ ସହରୀ ପରିବେଶର ବିକାଶକୁ ତ୍ୱରାନ୍ୱିତ କରିବା।

ଏହି ଉପସ୍ଥାପନାରେ ଓଡ଼ିଶାର ବିକାଶମୁଖୀ ସହରୀ ମଡେଲ୍ କୁ ଗୁରୁତ୍ୱ ଦିଆଯାଇଥିଲା, ଯାହା ସ୍ଥାୟୀ ଭିତିଭୂମି, ଜଳବାୟୁ ସହନଶୀଳତା, ଡିଜିଟାଲ୍ ଶାସନ ଏବଂ ନାଗରିକ-କୈନ୍ଦ୍ରିକ ଅଭିବୃଦ୍ଧିକୁ ପ୍ରାଧାନ୍ୟ ଦେଇଥାଏ। ଏହି ରୋଡମ୍ୟାପ୍ ଏପରି ସହରଗୁଡ଼ିକର ପରିକଳ୍ପନା କରେ ଯାହା କେବଳ ଅର୍ଥନୈତିକ ଭାବେ ଗତିଶୀଳ ଏବଂ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ହେବ ନାହିଁ, ବରଂ ପରିବେଶ ଅନୁକୂଳ ଏବଂ ସାମାଜିକ ଭାବେ ଅନ୍ତର୍ଭୁକ୍ତିକାରୀ ମଧ୍ୟ ହେବ। ଓଡ଼ିଶା ପକ୍ଷରୁ ସମନ୍ୱିତ ଭିତିଭୂମି ବିକାଶ, ଉନ୍ନତ ନାଗରିକ ସେବା, ଗମନାଗମନ ସୁବିଧାର ବୃଦ୍ଧି ଏବଂ ଗୁଣାତ୍ମକ ସହରୀ ଜୀବନଶୈଳୀ ଉପରେ କେନ୍ଦ୍ରିତ ଉଚ୍ଚ-ପ୍ରଭାବଶାଳୀ ସହରୀ ପ୍ରକଳ୍ପର ଏକ ଶକ୍ତିଶାଳୀ



ପୋର୍ଟଫୋଲିଓ ଉପସ୍ଥାପନ କରାଯାଇଥିଲା। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକରେ ବନ୍ୟା ନିୟନ୍ତ୍ରଣ, ବୈଜ୍ଞାନିକ ଜଳ ନିଷ୍କାସନ ବ୍ୟବସ୍ଥା, ସହରୀ ସବୁଜ ବଳୟର ସମ୍ପ୍ରସାରଣ, ସ୍ଥାୟୀ ଜଳ ପରିଚାଳନା ଏବଂ ଜଳବାୟୁ-ଅନୁକୂଳ ଭିତିଭୂମି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସହରୀ ବିକାଶର ସୁଫଳ ଯେପରି ସମାଜର ପ୍ରତ୍ୟେକ ବର୍ଗଙ୍କ ପାଖରେ ପହଂଚିବ, ତାହା ରୋଡମ୍ୟାପ୍ ନିଶ୍ଚିତ କରେ। ଏଥିରେ ବିଶେଷ କରି ଅସୁରକ୍ଷିତ ଗୋଷ୍ଠୀ, ମହିଳା, ଉଠାଦୋକାନୀ ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ସମାନ ସୁଯୋଗ ଓ ସେବା ପ୍ରଦାନ ଉପରେ ଧ୍ୟାନ ଦିଆଯାଇଛି। ପୌର ପ୍ରଶାସନ ଏବଂ ସେବା ପ୍ରଦାନରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଁ ସ୍ମାର୍ଟ ଟେକ୍ନୋଲୋଜି ଏବଂ ଡାଟା-ଚାଳିତ ଶାସନ ବ୍ୟବସ୍ଥାର ଏକୀକରଣକୁ ଓଡ଼ିଶା ସରକାର ହାଇଲାଇଟ୍ କରିଥିଲେ। ଏହି ଅବସରରେ ଏସିଏସ୍ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ଓଡ଼ିଶାର ଦୂରଦୃଷ୍ଟି କେବଳ ପାରମ୍ପରିକ ଭିତିଭୂମି ସମ୍ପ୍ରସାରଣ ମଧ୍ୟରେ ସୀମିତ ନୁହେଁ। 'ଆମର ଲକ୍ଷ୍ୟ ହେଉଛି ସ୍ଥାୟୀ ଏବଂ ଭବିଷ୍ୟତ-ଉପଯୋଗୀ ସହରୀ ପରିବେଶ ସୃଷ୍ଟି କରିବା। 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ମାଧ୍ୟମରେ ଓଡ଼ିଶା ଏପରି ଅଭିନବ ସମାଧାନ କାର୍ଯ୍ୟକାରୀ କରିବାକୁ ପ୍ରତିବଦ୍ଧ ଯାହା ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସହିତ ପରିବେଶ ସନ୍ତୁଳନ ଏବଂ ସାମାଜିକ ନ୍ୟାୟ ରକ୍ଷା କରିପାରିବ,' ବୋଲି ସେ ପ୍ରକାଶ କରିଥିଲେ। ଜାତୀୟ ଆପେକ୍ସ କମିଟି ଓଡ଼ିଶାର ସକ୍ରିୟ ପରିକଳ୍ପନା, ସଂସ୍କାରମୁଖୀ ପ୍ରଶାସନ ଏବଂ ସହରୀ ବିକାଶ କ୍ଷେତ୍ରରେ କ୍ରମାଗତ ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିଛନ୍ତି। ରାଜ୍ୟର ଏହି ଉପସ୍ଥାପନାକୁ ସମନ୍ୱିତ ଏବଂ ପ୍ରଗତିଶୀଳ ସହରୀ ରୂପାନ୍ତରଣ ପାଇଁ ଏକ 'ମଡେଲ' ଭାବରେ ସ୍ୱୀକୃତି ମିଳିଛି।

# ୧୨ ପ୍ରତିଭାଧାରୀ ମହିଳାଙ୍କୁ ଶାନ୍ତିସ୍ତୁପ ସମ୍ମାନ

**ଭୁବନେଶ୍ୱର,୧୪।୫ (ମହାଭାରତ):** ଓଡ଼ିଆ ଖବରକାଗଜ ଶାନ୍ତିସ୍ତୁପର ପଂଚମ ସ୍ୱନକ୍ଷତ୍ର ଉତ୍ସବ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିସ୍ତୁପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ରାଜ୍ୟବାସୀଙ୍କ ସାମାଜିକ ଓ ରାଜନୈତିକ ଜୀବନରେ ଶାନ୍ତିସ୍ତୁପ ତାର ପ୍ରଭାବ ବିସ୍ତାର କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡ. ଅରବିନ୍ଦ ଢାଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ବରିଷ୍ଠ ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ, ପ୍ରକାଶକ ତଥା ଉଦ୍ୟୋଗପତି ଅମିତ ମଲ୍ଲିକ, ସଂସ୍କୃତି ଗବେଷକ ଭାଗ୍ୟଲିପି ମଲ୍ଲ, ବିଶିଷ୍ଟ ସଂଳାପକାର ତଥା ଶିକ୍ଷାବିତ୍ ଡଃ ରଜନୀ ରଞ୍ଜନ ଦାଶ, ସମାଜସେବୀ ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଯୋଗଦେଇ ଆମେ ଡିଜିଟାଲ ଦୁନିଆରେ ରହୁଛେ ଓ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଡିଜିଟାଲ ଗଣମାଧ୍ୟମର ଭୂମିକା ରହିଛି, ମାତ୍ର ଖବରକାଗଜର ସବୁବେଳେ, ସବୁ ସମୟରେ ଗୁରୁତ୍ୱବହନ କରିଆସିଛି। ସମାଜରେ ଅବହେଳିତ ଓ ନିଷ୍ପେଷିତ ଭାବେ ଜୀବନ ବିତାଉଥିବା ସାଧାରଣ ଜନତାଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ଶାନ୍ତିସ୍ତୁପ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଶାନ୍ତିସ୍ତୁପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ମତବ୍ୟକ୍ତ କରିଥିଲେ। ଏଥିସହିତ ସାଧାରଣ ଜନତାଙ୍କ ସ୍ୱରକୁ ସରକାରଙ୍କ ନିକଟରେ ପହ□ାଇବା ପାଇଁ ଶାନ୍ତିସ୍ତୁପ ତାର କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ମହାପାତ୍ର କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୨ଜଣ ପ୍ରତିଭାଧାରୀ ମହିଳାଙ୍କୁ ଶାନ୍ତିସ୍ତୁପ ସମ୍ମାନରେ ସମ୍ମାନିତ କରାଯିବା ସହ ଶାନ୍ତିସ୍ତୁପର ମେ ମାସର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଦ୍ୱିତୀୟ ଅଧିବେଶନରେ 'ଚଉଷଠି ଯୋଗିନୀ : ପ୍ରାଚୀନ ଓଡ଼ିଶାରେ ନାରୀ ଶକ୍ତିର ଆରାଧନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଲେଖିକା ଶ୍ରୁତକୀର୍ତି ତ୍ରିପାଠୀ, ନୃତ୍ୟାଙ୍ଗନା ପ୍ରତିଭା ପଣ୍ଡା, ମାର୍କଫେଡ଼ର ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡ଼ା ପ୍ରମୁଖ ଯୋଗଦେଇ ନାରୀଶକ୍ତି ଉପରେ ଆଲୋଚନା କରିଥିଲେ।

# ସଡ଼କ ଦୁର୍ଘଟଣା ରୋକିବାରେ ପରିବହନ ବିଭାଗ ବିଫଳ

**ଭୁବନେଶ୍ୱର,୧୪।୫ (ମହାଭାରତ):** ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ସଡ଼କ ଦୁର୍ଘଟଣା । ରାଜଧାନୀ ଭୁବନେଶ୍ୱର ସଡ଼କ ଦୁର୍ଘଟଣାର ପେଣ୍ଟସ୍ଥଳୀ ପାଲଟି ଥିବାବେଳେ ପରିବହନ ବିଭାଗ ଦୁର୍ଘଟଣା ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା କହିଛି ବିଜୁ ଜନତା ଦଳ ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ, ପରିବହନ ବିଭାଗର ଅପାରଗତା କାରଣରୁ ରାଜ୍ୟରେ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଛି । ସାଧାରଣ ଜନତାଙ୍କ ସୁରକ୍ଷାକୁ ବେଖାତିର କରି ପରିବହନ ବିଭାଗ ଯେଣତେଣ ଉପାୟରେ କେମିତି ଲୋକଙ୍କ ଠାରୁ ଫାଇନ ଆଦାୟ କରାଯିବ, ସେଥିରେ ବ୍ୟସ୍ତ ରହୁଛି । ରାଜ୍ୟରେ ଚାଲୁଥିବା ସମସ୍ତ ଗାଡ଼ି ଓ ସାଧରଣ ଜନତା ଭୁଲ୍ କରନ୍ତୁ ବା ନ କରନ୍ତୁ ତାକୁ ତର୍ଜମା ନ କରି ଫାଇନ ଆଦାୟରେ ମାତିଛି ପରିବହନ ବିଭାଗ ।



ଡ଼ ମହାନ୍ତି ଆହୁରି କହିଛନ୍ତି, ପରିବହନ କମିଶନର ତଥା ଅଧ୍ୟକ୍ଷ, ରାଜ୍ୟ ପରିବହନ ପ୍ରାଧିକରଣ ରାଜ୍ୟର ସମସ୍ତ ଆରଟିଓ ମାନଙ୍କ ପାଇଁ ଏକ ନିଦ୍ଦେ୍ରଶନାମା ଜାରି କରି ଅର୍ଥ ଆଦାୟ ପାଇର୍ ଟାର୍ଗେଟ ଦେଇଛନ୍ତି, ସେଥିପାଇଁ ଲୋକଙ୍କ ଠାରୁ ମୋଟା ଅଙ୍କର ଫାଇନ ବିଭିନ୍ନ ଆଳ ଦେଖାଇ ଆଦାୟ କରାଯାଉଛି । ଟ୍ରାଫିକ ବ୍ୟବସ୍ଥା ରାଜ୍ୟରେ ଠିକ୍ ଭାବେ ଚାଲୁଛି କି ନ ଚାଲୁଛୁ ତାକୁ ଅନୁଧ୍ୟାନ ନ କରି କେମିତି ସାଧାରଣ ଜନତାଙ୍କ ଠାରୁ ମୋଟା ଅଙ୍କର ଫାଇନ ଆଦାୟ ହେବ ସେଥିପାଇଁ ପରିବହନ କମିଶନର ଖସଡ଼ା ପ୍ରସ୍ତୁତ କରିଛନ୍ତି । ଦୁଃଖ ଓ ପରିତାପର ବିଷୟ ରାଜ୍ୟରେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଅକାଳରେ ନିରୀହ ଜୀବନ ଚାଲିଯାଉଛି । ସରକାରଙ୍କ ଏଥିପ୍ରତି ତିଳେ ହେଲେ ନିଘା ନାହିଁ । ରାତି ୧୦ଟା ପରେ ଭାରିଯାନ ସହର ମଧ୍ୟକୁ ପବେଶ କରିବାର ନିୟମ ଥିବାବେଳେ ସନ୍ଧ୍ୟା ହେଲେ ପୋଲିସ୍କୁ ହାତଗୁଞ୍ଜା ବେଧଡ଼କ ଭାବେ ଭାରିଯାନ ସହର ମଧ୍ୟକୁ ପ୍ରବେଶ କରୁଛି ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନ

**ଭୁବନେଶ୍ୱର,୧୪।୫ (ମହାଭାରତ):** ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ)ର ସଫଳ କାର୍ଯ୍ୟାନ୍ୱୟନ ଏବଂ ଗ୍ରାମୀଣ ସଂଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ଓଡ଼ିଶାକୁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି। ମଧ୍ୟପ୍ରଦେଶର ସିହୋରଠାରେ ମେ ୧୦ ତାରିଖରେ ଆୟୋଜିତ ପିଏମଜିଏସୱାଇର ୨୫ ବର୍ଷ ପୂର୍ତି ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଦେଶର ଗ୍ରାମୀଣ ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଗତ ୨୫ ବର୍ଷ ଧରି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଭାବେ ପରିଚିତ ହୋଇଆସିଛି। ଏହି ଯୋଜନା ମାଧ୍ୟମରେ ସାରା ଦେଶରେ ୧.୬୩ ଲକ୍ଷରୁ ଅଧିକ ବସବାସ କ୍ଷେତ୍ରକୁ ସବୁଦିନିଆ



ସଡ଼କ ସଂଯୋଗ ମିଳିଛି। ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ଓ ଜୀବିକା ଆଦି କ୍ଷେତ୍ରରେ ଗ୍ରାମାଂଚଳର ଲୋକମାନଙ୍କ ଜୀବନ ଧାରଣର ମାନ ବୃଦ୍ଧି ତଥା ଗ୍ରାମୀଣ ଭିତିଭୂମିର ଉନ୍ନତିରେ ଏହି ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଯୋଜନାର ସଫଳ ରୂପାୟନ, କାର୍ଯ୍ୟାନ୍ୱୟନ, ଗୁଣାତ୍ମକ ନିର୍ମାଣ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ପାଇଁ ରାଜ୍ୟମାନଙ୍କୁ ବିଭିନ୍ନ ବର୍ଗରେ ଜାତୀୟ ସ୍ୱୀକୃତି ମିଳିଛି।

ଏହି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ସର୍ବାଧିକ ବସବାସ କ୍ଷେତ୍ରକୁ ସଡ଼କ ସଂଯୋଗ ପ୍ରଦାନ କରିଥିବା ରାଜ୍ୟମାନଙ୍କ ବର୍ଗରେ ଓଡ଼ିଶା ୧୬,୯୯୦ଟି ଜନବସତିକୁ ସଂଯୋଗ ପ୍ରଦାନ କରି ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଉତର-ପୂର୍ବ ରାଜ୍ୟ, କେନ୍ଦ୍ରାଶାସିତ ଅଂଚଳ ଏବଂ ପାହାଡ଼ିଆ ଅଞ୍ଚଳ ବର୍ଗରେ ମଧ୍ୟ ଓଡ଼ିଶା ପାହାଡିଆ ଅଂଚଳରେ ଥିବା ୨,୧୩୨ ଗୋଟି ଜନବସତିକୁ ସଡ଼କ ସଂଯୋଗୀକରଣ କରି ଜାତୀୟସ୍ତରରେ ତୃତୀୟ ସ୍ଥାନ ହାସଲ କରିଛି।

ଜାତୀୟ କାର୍ଯ୍ୟକ୍ରମର ଅଂଶ ଭାବରେ ଆୟୋଜିତ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା ମଡେଲ ପ୍ରଦର୍ଶନୀ ସମୟରେ ଓଡ଼ିଶାର 'ବନ୍ଧାରା ମଡେଲ' ପ୍ରଦର୍ଶିତ ହୋଇଛି। ଗ୍ରାମୀଣ ସଂଯୋଗ ଓ ଜଳ ନିରାପତାକୁ ସମନ୍ୱୟ କରିଥିବା ଏହି ବ୍ରିଜ୍-କମ୍-ୱିଅର (ଆଡ଼ିବନ୍ଧ ଯୁକ୍ତ ସେତୁ) ମଡେଲ ଓଡ଼ିଶାର ଏକ ସଫଳ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ଭାବେ ପରିଚିତ ହୋଇଛି। ଋତୁକାଳୀନ ନଦୀଗୁଡ଼ିକରେ ଜଳ ଅଭାବ ସମସ୍ୟାକୁ ଦୂର କରିବା ପାଇଁ ଏଥିରେ ଆଡ଼ିବନ୍ଧ ବ୍ୟବସ୍ଥା ମାଧ୍ୟମରେ ଜଳ ପ୍ରବାହକୁ ନିୟନ୍ତ୍ରଣ କରାଯାଇ ଭୂତଳ ଜଳ ସଂରକ୍ଷଣରେ ସହାୟତା କରାଯାଉଛି। ଏହା ଫଳରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଓ ଜଳସେଚନ ପାଇଁ ଜଳ ଉପଲବ୍ଧତା ସୁନିଶ୍ଚିତ ହେଉଛି।

ପିଏମଜିଏସୱାଇ ଅଧୀନରେ ଓଡ଼ିଶାକୁ ମିଳିଥିବା ଏହି ଜାତୀୟ ସ୍ୱୀକୃତି ଗ୍ରାମୀଣ ବିକାଶ କ୍ଷେତ୍ରରେ ରାଜ୍ୟର ଦୃଢ଼ ପ୍ରତିବଦ୍ଧତା ଓ ନିରନ୍ତର ପ୍ରୟାସର ପ୍ରତିଫଳନ, ବୋଲି ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି।

# ବିଜେପି ସପକ୍ଷରେ ହିନ୍ଦୁ

ତାମିଲନାଡୁରେ ଟିଭିକେର ବିଜୟ ସମ୍ଭାବନା ନେଇ କିଛିଟା ଦ୍ୱିମତ ରହିଥିଲା। ସଂଖ୍ୟାରେ ତାରତମ୍ୟ ରହିଥାଇପାରେ। କିନ୍ତୁ ଫଳାଫଳ ପ୍ରାୟତଃ ଆକଳନ ଅନୁଯାୟୀ ହୋଇଛି। କେରଳରେ ୧୦ ବର୍ଷ ହେବ କ୍ଷମତାରେ ଥିବା ଏଲଡିଏଫଙ୍କୁ ଏଥର ରାଜ୍ୟବାସୀ ପରିବର୍ତ୍ତନ କରିବେ ଏବଂ ଏହାର ଏକମାତ୍ର ବିକଳ୍ପ ୟୁଡିଏଫ ହିଁ ଜିତିବ ବୋଲି ସମସ୍ତେ ପୂର୍ବାନୁମାନ କରୁଥିଲେ। କାରଣ ସେଠାରେ ତୃତୀୟ ବିକଳ୍ପ ବୋଲି କିଛି ନାହିଁ। ତେଣୁ କେରଳରେ ଯାହା ଆଶା କରାଯାଉଥିଲା, ଜନମତ ଠିକ ତାହା ହିଁ ହେଲା। ଆସାମରେ ବିଜେପି ପୁନର୍ବାର ଜିତିବ ବୋଲି ସମସ୍ତେ ପୂର୍ବାନୁମାନ କରୁଥିଲେ। କାରଣ ସେଠାରେ ବିଜେପିର ଏକମାତ୍ର ବିକଳ୍ପ ବା ପ୍ରତିଦ୍ୱନ୍ଦ୍ୱି କଂଗ୍ରେସ ଦଳରେ ହିମନ୍ତ ବିଶ୍ୱଶର୍ମାଙ୍କ ସମକକ୍ଷ କେହି ନେତା ନାହାଁନ୍ତି। ହିମନ୍ତ ବିଶ୍ୱଶର୍ମା ଜଣେ ଦକ୍ଷ, ଲୋକପ୍ରିୟ ଏବଂ ଆକର୍ଷଣୀୟ ବ୍ୟକ୍ତିତ୍ୱ ସମ୍ପନ୍ନ ନେତା। ତାଙ୍କ ସମୟରେ ଆସାମରେ ବିକାଶ ତ୍ୱରାନ୍ୱିତ ହୋଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧିନ ରହିଛି। ନିର୍ବାଚନ ସମୟରେ ତାଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ବହୁ ଅପପ୍ରଚାର ହେଲା। କିନ୍ତୁ ଏହା ପରୋକ୍ଷରେ ତାଙ୍କୁ ସହାୟକ ହେଲା। ରାଜ୍ୟରେ ବିଜେପି ନେତୃତ୍ୱରେ ଏନଡିଏ ଜିତିଲା। କଂଗ୍ରେସ ଯେଉଁ ଆସନରେ ଜିତିଛି ସେସବୁ ମୁସଲମାନ ବହୁଳ। କେବଳ ସଂଖ୍ୟାଲଘୁ ଭୋଟକୁ ଆପଣାଇ କଂଗ୍ରେସ ୨୨ଟି ଆସନ ଜିତିଛି। ଅନ୍ୟ ପକ୍ଷରେ ଆଦିବାସୀ, ଚା'ବଗିଚା ଶ୍ରମିକ ଏବଂ ଅନ୍ୟ ରାଜ୍ୟରୁ ଆସି ବସବାସ କରୁଥିବା ହିନ୍ଦୁମାନେ ବିଜେପି ସପକ୍ଷରେ ରାୟ ଦେଲେ। ତେଣୁ ଆସାମରେ ବିଜେପି ଜିତିବାରେ କିଛି ବିସ୍ମିତ ହେବାର ନାହିଁ। ତାମିଲନାଡୁରେ ଡିଏମକେ ସରକାର ସ୍ୱେଚ୍ଛାଚାରିତାର ଚରମସୀମାରେ ପହଞ୍ଚିଥିଲା। ଷ୍ଟାଲିନ ସରକାର କେବଳ ଦୁର୍ନୀତିଗ୍ରସ୍ତ ନଥିଲେଏହା ମଧ୍ୟ ଅପାରଗ ସରକାର ଥିଲା। ଭାରତର ସଂଘୀୟ ବ୍ୟବସ୍ଥା ପ୍ରତି ଏହା ବିପଦ ସୃଷ୍ଟି କରୁଥିଲା। କେବଳ ଷ୍ଟାଲିନ ନୁହଁନ୍ତି ତାଙ୍କର ସମ୍ପୂର୍ଣ୍ଣ ପରିବାର କ୍ଷମତାର ଦୁରୂପଯୋଗ କରୁଥିଲେ। ରାଜ୍ୟରେ ଗୋଟିଏ ପରିବାର ଶାସନ କରୁଥିଲା। ତାମିଲନାଡୁବାସୀ ଏହାର ଅନ୍ତ ଘଟାଇଛନ୍ତି। ତେବେ ଡିଏମକେର ପରାଜୟ ସହ ଏକ ନୂତନ ରାଜନୈତିକ ଶକ୍ତି ଜନ୍ମ ନେଇଛି। ଅଭିନେତାରୁ ନେତା ହୋଇଥିବା ଚନ୍ଦ୍ରଶେଖର ଯୋଶେଫ ବିଜୟ ଓରଫ ଥାଲାପତି ବିଜୟଙ୍କ ଦଳ ଟିଭିକେ ଏହି ନିର୍ବାଚନରେ ବିଜୟ ହାସଲ କରିଛି। ପୂର୍ବରୁ ରାଜ୍ୟରେ ଡିଏମକେ ଏବଂ ଆନ୍ନାଡିଏମକେ ରାଜ୍ୟରେ ପାଳିକରି ଶାସନ କରୁଥିଲେ। ଲୋକଙ୍କ ନିକଟରେ ତୃତୀୟ ବିକଳ୍ପ ବୋଲି କିଛି ନଥିଲା। ଏବେ ତାମିଲନାଡୁବାସୀ ଲହି ପରମ୍ପରାରେ ପରିବର୍ତ୍ତନ କରିଛନ୍ତି। ଏହି ୪ ରାଜ୍ୟ ମଧ୍ୟରୁ ସବୁଠାରୁ ବଡ଼ ରାଜ୍ୟ ପଶ୍ଚିମବଙ୍ଗରେ ପରିବର୍ତ୍ତନର ହାୱା ନୁହେଁ, ଝଡ଼ ପ୍ରବାହିତ ହେଉଥିଲା। ମମତା ବାନାର୍ଜୀଙ୍କ କୁଶାସନରେ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ। ତାଙ୍କ ଅହଙ୍କାର ଚରମ ସୀମାରେ ପହଞ୍ଚିଥିଲା। ରାଜ୍ୟରେ ବିକାଶମୂଳକ କାର୍ଯ୍ୟ ଠପ ହୋଇଯାଇଥିଲା। ଆଇନ ଶୃଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ମମତାଙ୍କ ସଂଖ୍ୟାଲଘୁ ତୁଷ୍ଟିକରଣ ନୀତିରେ ହିନ୍ଦୁମାନେ ଅତିଷ୍ଠ ହୋଇପଡ଼ିଥିଲେ। ତେଣୁ ସେମାନେ ମମତାଙ୍କୁ ଏଥର କ୍ଷମତାରୁ ବହିଷ୍କାର କଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ମମତା ଜନମତକୁ ସମ୍ମାନ ଦେବା ଏବଂ ପରାଜୟକୁ ନମ୍ରତାର ସହ ଗ୍ରହଣ କରିବା ପରିବର୍ତ୍ତେ ସେ ପରାଜିତ ହୋଇ ନାହାଁନ୍ତି, ତାଙ୍କୁ ଯୋର ଜବରଦସ୍ତ ହରାଇ ଦିଆଯାଇଛି ବୋଲି କହିଛନ୍ତି। ଏପରିକି ନିର୍ବାଚନରେ ପରାଜୟୀତ୍ୱେ ସେ ଅତି ନିର୍ଲଜଙ୍କ ଭଳି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନାହିଁ। ଏହା ହେଉଛି ସମ୍ବିଧାନ ପ୍ରତି ତାଙ୍କର ସମ୍ମାନ। ଜନମତ ବିରୋଧରେ ସେ ଏବେ କୋର୍ଟକୁ ଯିବେ ବୋଲି କହିଛନ୍ତି। କ୍ଷମତା ପାଇଁ ଜଣେ କିପରି ପାଗଳ ହୋଇପାରେ।

# ବିଶ୍ୱ ଶକ୍ତି, ବିଶ୍ୱ ଗୁରୁ

॥ ରୋହିତ ଶତପଥି ॥

> ବିଶ୍ୱର ୬୦% ଜନସଂଖ୍ୟା ଏହି ୨୦ଟି ବିକଶିତ ଏବଂ ବିକାଶୋନ୍ମୁଖୀ ରାଷ୍ଟ୍ର। ବିଶ୍ୱର ୮୦% ଉତ୍ପାଦନ ଏହି ୨୦ ରାଷ୍ଟ୍ରରେ ହୋଇଥାଏ। ୭୫% ରପ୍ତାନୀ କରିଥାନ୍ତି ଏହି ୨୦ଟି ରାଷ୍ଟ୍ର। ସୁତରାଂ ଜି-୨୦କୁ କୁହାଯାଏ ବିଶ୍ୱ ବିକାଶର ଇଞ୍ଜିନ। କିନ୍ତୁ କୋଭିଡ଼-୧୯ ମହାମାରୀ ଯୋଗୁ ଅଧିକାଂଶ ଜି-୨୦ ଗୋଷ୍ଠୀଭୁକ୍ତ ରାଷ୍ଟ୍ର ବିପୁଳ କ୍ଷତି ସହିଛନ୍ତି। ଭାରତର କ୍ଷତି ହୋଇଛି ସର୍ବାଧିକ।

ଭାରତ ମଣ୍ଡପମ୍‌ରେ ଜି-୨୦ ଶିଖର ସମ୍ମିଳନୀ ସଫଳତାର ସହ ଆୟୋଜନ କରି ଭାରତ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଥିଲା। ତେବେ ଏଭଳି ଏକ ବିଶ୍ୱସ୍ତରୀୟ ସମ୍ମିଳନୀରେ ଓଡ଼ିଶାର ସଂସ୍କୃତି ଓ ଓଡ଼ିଆଙ୍କୁ ଅବଦାନର ଛାପ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଜି-୨୦ ଶିଖର ସମ୍ମିଳନୀ ସ୍ଥଳ ଭାରତ ମଣ୍ଡପମ୍‌ରେ ବିଶ୍ୱନେତା ଓ ପ୍ରତିନିଧିଙ୍କ ପାଇଁ ରାତ୍ରୀ ଭୋଜନର ଆୟୋଜନ ଏକ ପ୍ରମୁଖ ଘଟଣା ରହିଥିଲା।

ଆନ୍ତର୍ଜାତିକ ପରିସ୍ଥିତି ଦୃଷ୍ଟିକୋଣରୁ ଭାରତର ଭୂମିକା ଏବଂ ଦାୟିତ୍ୱ ଯେ ବଢ଼ିବ, ଏଥିରେ ସନ୍ଦେହ ନାହିଁ। ବାଲି ଶିଖର ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ପ୍ରତିନିଧିତ୍ୱ କରିଥିଲେ। ଗତ କିଛି ବର୍ଷ ହେଲା ମୋଦୀଙ୍କ ଶାସନ କାଳ ଭିତରେ ଆନ୍ତର୍ଜାତିକ ସ୍ତରରେ ଭାରତର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି। ଏହା ମଧ୍ୟ ବାଲିରେ ପ୍ରତିଫଳିତ ହୋଇଛି।

ବିଶ୍ୱର ନେତୃତ୍ୱ ନେବା ପାଇଁ ଭାରତ ଯେ ସମର୍ଥ ଏବଂ ଏହାର ଦକ୍ଷତା ଅଛି, ତାହାକୁ ପ୍ରଧାନମନ୍ତ୍ରୀ ମୋଦୀ ସବୁ ବୈଶ୍ୱିକ ମଞ୍ଚରେ ସୁନ୍ଦର ଭାବେ ଉପସ୍ଥାପନ କରିଆସୁଛନ୍ତି। ବିଶ୍ୱ ମଧ୍ୟ ଭାରତର ନେତୃତ୍ୱକୁ ସାଦର ଦୃଷ୍ଟିଭଙ୍ଗୀରେ ଦେଖୁଛି। ଏହା ଏକ ବଡ଼ କୂଟନୈତିକ ସଫଳତା ବୋଲି ବିବେଚନା କରିବାକୁ ପଡ଼ିବ।

ଦେଶ ଭିତରେ କିଛି ମୋଦୀ ବିରୋଧୀ ତତ୍ତ୍ୱ ଭାରତର ଉତ୍ତରଣକୁ ବିଶେଷ କାରଣରୁ ସହ୍ୟ କରିପାରୁ ନାହାନ୍ତି। କିନ୍ତୁ ଭାରତ ଯେ ଆଉ ଏକ ଗୋଡାଣିଆ ରାଷ୍ଟ୍ର ହୋଇ ରହିନାହିଁ, ତାହା ମୋଦୀଙ୍କ ଶାସନ କାଳରେ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଇଛି। ଯେହେତୁ ଜି-୨୦ର ଅଧକ୍ଷ ଦାୟିତ୍ୱ ନେଇଛି ଭାରତ, ସେ ହେତୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଭାରତ ଦୂରଗାମୀ ସଫଳତା ହାସଲ କରିବ ବୋଲି ଆଶା କରାଯାଇପାରେ।

ବାଲି ଶିଖର ବୈଠକରେ ଫୋକସରେ ଥିଲା ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଡିଜିଟାଲ ଟ୍ରାନ୍ସଫର୍ମେସନ ଏବଂ ନରନ୍ତର ଶକ୍ତି ବ୍ୟବସ୍ଥା। ବୁଝିବାକୁ ପଡ଼ିବ ଯେ, ୨୦୨୧ ରୋମ ଶିଖର ବୈଠକ ପରେ ଏହି ବର୍ଷକ ଭିତରେ ବିଶ୍ୱର ଅର୍ଥନୀତି ବିପର୍ଯ୍ୟସ୍ତ ଅବସ୍ଥା ଆଡ଼କୁ ଯାଇଛି।

ନୂଆଦିଲ୍ଲୀର ସଫଳ ଜି-୨୦ର ସବୁଠାରୁ ବଡ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା ଓଡ଼ିଶାର ବିଶ୍ୱ ପ୍ରସିଦ୍ଧ କୋଣାର୍କର ଐତିହ୍ୟ ସମ୍ମିଳନୀରେ କୋଣାର୍କ ଚକ୍ରର ପୃଷ୍ଠଭୂମିରେ ବିଶ୍ୱନେତାଙ୍କୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିବା ଫଳରେ ସାରା ବିଶ୍ୱ ଓଡ଼ିଶାର ସମୃଦ୍ଧ କଳା ସଂପର୍କରେ ଅବଗତ ହୋଇଛି। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ କେବଳ ଗୌରବର ମୁହୂର୍ତ୍ତ ନଥିଲା ବରଂ ଓଡ଼ିଶାର ଭାସ୍କର୍ଯ୍ୟ କଳାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିବା ଦିଗରେ ନୂଆ ଧାରା ସୃଷ୍ଟି କଲା।

ବିଶ୍ୱର ୬୦% ଜନସଂଖ୍ୟା ଏହି ୨୦ଟି ବିକଶିତ ଏବଂ ବିକାଶୋନ୍ମୁଖୀ ରାଷ୍ଟ୍ର। ବିଶ୍ୱର ୮୦% ଉତ୍ପାଦନ ଏହି ୨୦ ରାଷ୍ଟ୍ରରେ ହୋଇଥାଏ। ୭୫% ରପ୍ତାନୀ କରିଥାନ୍ତି ଏହି ୨୦ଟି ରାଷ୍ଟ୍ର। ସୁତରାଂ ଜି-୨୦କୁ କୁହାଯାଏ ବିଶ୍ୱ ବିକାଶର ଇଞ୍ଜିନ। କିନ୍ତୁ କୋଭିଡ଼-୧୯ ମହାମାରୀ ଯୋଗୁ ଅଧିକାଂଶ ଜି-୨୦ ଗୋଷ୍ଠୀଭୁକ୍ତ ରାଷ୍ଟ୍ର ବିପୁଳ କ୍ଷତି ସହିଛନ୍ତି। ଭାରତର କ୍ଷତି ହୋଇଛି ସର୍ବାଧିକ। ଏହାର ବଡ଼ କାରଣ ହେଲା ଏହା ଏକ ବିଶାଳ ରାଷ୍ଟ୍ର ଏବଂ ଏହାର ଜନସଂଖ୍ୟା ୧୩୦ କୋଟି। କୋଭିଡରୁ ଅର୍ଥନୀତି ବାହାରି ଆସୁଥିବାବେଳେ ସବୁଠୁ ବଡ଼ ଧକ୍କା ଆସିଛି ଋଷ-ୟୁକ୍ରେନ ଯୁଦ୍ଧ ଯୋଗୁ। ଏହାଦ୍ୱାରା କେବଳ ଯେ ବିଶ୍ୱ ରାଜନୀତିରେ ଅସ୍ଥିରତା ସୃଷ୍ଟି ତାହା ନୁହେଁ, ସାରା ବିଶ୍ୱର ଅର୍ଥନୀତିକୁ ଏହା ପ୍ରଭାବିତ କରିଛି। ମୁଦ୍ରାସ୍ଫୀତି ବଢ଼ିବା କାରଣରୁ ନିଯୁକ୍ତି ସଂକୋଚନ ଏକ ନୂଆ ବିପଦ ସୃଷ୍ଟି କରିବାକୁ ଯାଉଛି।

ଅଧିକାଂଶ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି। ସବୁଠାରୁ ବେଶୀ ପ୍ରଭାବିତ ହେଲେଣି ଗରିବ ରାଷ୍ଟ୍ର ଗୁଡ଼ିକ। ଏହାକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ମୋଦି ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ଋଷିଆ ଏବଂ ୟୁକ୍ରେନକୁ ଅନୁରୋଧ କରିଛନ୍ତି। ଯେଭଳି ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହୋଇଛି, ତାହା ବେଶୀ ଦିନ ଲାଗି ରହିଲେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ଆଶଙ୍କାକୁ ଆଦୌ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଏହି କାରଣରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଜି-୨୦ର। ଶାନ୍ତି ସହିତ ଅଭିବୃଦ୍ଧି। ଯେଉଁସବୁ କ୍ଷେତ୍ରରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଗୁରୁତର ମତପାର୍ଥକ୍ୟ ଅଛି, ତାହାକୁ ଭୁଲିଯିବାକୁ ପଡ଼ିବ। ଏହା ସହିତ ଅଭିବୃଦ୍ଧି ହାର ବଢ଼ାଇବାକୁ ପଡ଼ିବ।

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ମଧ୍ୟ କହିସାରିଛି ଯେ, ଯଦି ଜି-୨୦ ମିଳିତ କାର୍ଯ୍ୟକ୍ରମ ଗ୍ରହଣ କରେ ଏବଂ ୟୁକ୍ରେନ ଯୁଦ୍ଧର ଅବସାନ ଘଟାଇବାରେ ସଫଳ ହୁଏ ତେବେ ଏ ବିଶ୍ୱ ଏକ ବଡ଼ ବିପର୍ଯ୍ୟୟରୁ ରକ୍ଷା ପାଇଯିବ। ଏ ଦୃଷ୍ଟିରୁ ଦେଖିବାକୁ ଗଲେ ଜି-୨୦ ଅଧକ୍ଷ ଭାବେ ଭାରତର ଏବଂ ବିଶେଷକରି ପ୍ରଧାନମନ୍ତ୍ରୀ ମୋଦିଙ୍କର ଦାୟିତ୍ୱ ବଢ଼ିଯାଉଛି। ଏମିତି ସମୟରେ ଭାରତ ଅଧକ୍ଷ ପଦ ଗ୍ରହଣ କରିଛି, ଯେତେବେଳେ ସମୁଦାୟ ବିଶ୍ୱ ଏକ ଅଜଣା ବିପଦ ଭିତରେ ଦେଇ ଗତି କରୁଛି। ଆଶା କରାଯାଉଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱକୁ ଏହି ବିପଦରୁ ବାହାର କରି ଆଣିପାରିବେ। ବିଶ୍ୱର ମହାଶକ୍ତିମାନେ ପରିସ୍ଥିତି ସମ୍ପର୍କରେ ପର୍ଯ୍ୟାଲୋଚନା କରି ବିଶ୍ୱକୁ ଏକ ବଡ଼ ବିପଦରୁ ରକ୍ଷା କରିବା ପାଇଁ ଭାରତର ସହିତ ସମନ୍ୱୟ ରଖିବା ମଧ୍ୟ ଜରୁରୀ। ଭାରତ ଶାନ୍ତିର ବାର୍ତ୍ତାବହ।

ୟୁକ୍ରେନ ଯୁଦ୍ଧର ଅବସାନ ଘଟାଇବାରେ ଭାରତ ଅବଶ୍ୟ ଏକ ବଡ଼ ଭୂମିକା ନେବ ବୋଲି ଆମେ ମଧ୍ୟ ଆଶା କରୁ। ବିଶ୍ୱର ଦକ୍ଷିଣ ଗୋଲାର୍ଦ୍ଧ ଏବଂ ବିକାଶଶୀଳ ରାଷ୍ଟ୍ରଙ୍କ ସ୍ୱର ଭାବେ ଭାରତର ପ୍ରସ୍ତାବକୁ ଜି-୨୦ ନେତୃବର୍ଗ ଗ୍ରହଣ କରିଛନ୍ତି। ଏହା ପ୍ରମାଣିତ କରିଛି ଯେ ଧନୀ ଓ ଦରିଦ୍ର ରାଷ୍ଟ୍ର ଭାବେ ବିଶ୍ୱକୁ ଯେଉଁଭଳି ଭାବେ ପୂର୍ବରୁ ବିଭାଜିତ କରାଯାଇ ଆସୁଥିଲା ତାହା ଭବିଷ୍ୟତ ପାଇଁ ଆଉ କୌଣସି ଅର୍ଥ ରଖେ ନାହିଁ। ବିକାଶଶୀଳ ରାଷ୍ଟ୍ରଙ୍କୁ ବାଦ ଦେଇ ଯେ ବିକଶିତ ରାଷ୍ଟ୍ରମାନେ ସ୍ଥାୟୀ ଭାବେ ଆଗକୁ ଅଗ୍ରସର ହୋଇପାରିବେନାହିଁ ତାହା ପ୍ରମାଣିତ ହୋଇଛି। ତେଣୁ ଭାରତ କେବଳ ଏହି ସମ୍ମିଳନୀରେ ନିଜ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିନାହିଁ, ପାରମ୍ପରିକ ବିକାଶର ପୁନଃ ସଂଜ୍ଞା ନିରୂପଣ କରିଛି।

ଆଜି ସମଗ୍ର ବିଶ୍ୱରେ ଭାରତ ଏକ ବିଶ୍ୱ ମହାଶକ୍ତି ଓ ବିଶାଳ ଅର୍ଥନୀତି ଅଭିବୃଦ୍ଧି ଆଡ଼କୁ ଅଗ୍ରସର ହେଉଛି। ଭାରତର ପ୍ରଧାନମନ୍ତ୍ରୀ ବିଶ୍ୱର ଶ୍ରେଷ୍ଠ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଭାବେ ସମଗ୍ର ବିଶ୍ୱରେ ସୁପରିଚିତ। ତାଙ୍କ ନେତୃତ୍ୱରେ ଭାରତ ବିଶ୍ୱଶକ୍ତି ଓ ବିଶ୍ୱ ଗୁରୁର ଆଦର୍ଶ ସୃଷ୍ଟି କରୁଛି। ଜଣେ ଭାରତୀୟ ଭାବେ ଏହି ବିରଳ କୃତୀତ୍ୱରେ ମୁଁ ଗୌରବାନ୍ୱିତ।

ଜାମସେଦପୁର, ଝାଡ଼ଖଣ୍ଡ

# ସତ୍ୟାନୁସରଣରେ ଜୀବନ

॥ ଉମେଶ ଚନ୍ଦ୍ର ପାତ୍ର ॥

ପରମପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟଜୀବନ କେବଳ ରକ୍ତମାଂସ ଗଠିତ ଶରୀର ଭିତରେ ସୀମିତ ନୁହେଁ । ଯାହାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ମୁକ୍ତି ଅନ୍ୱେଷୀମାନଙ୍କୁ ଉଦ୍‌ବୁଦ୍ଧ କରିବା ସହ ଦିବ୍ୟ ଜୀବନ ଅଧିକାରୀ ହେବା ପାଇଁ ପ୍ରେରଣା ଯୋଗାଇ ଅନୁପ୍ରାଣିତ କରୁଛି । ଯେପରି ସୀମାହୀନ ମହାସିନ୍ଧୁର ନୀଳ ଜଳରାଶି, ଫେନିଳ ତରଙ୍ଗାଳା ଅବଲୋକନ କରି ଭାବବିହ୍ୱଳ ହେବା ଛଡ଼ା କାହାର ସାଧ ନାହିଁ ଜଳରାଶିର ଗଭୀରତା ଓ ବିସ୍ତୀର୍ଣ୍ଣତାର ପରିସୀମାକୁ ମାପିବାକୁ । କେବଳ ମାତ୍ର ଭାବନାହୀନ ତନ୍ମୟତାରେ ସାଗରର କୂଳ ଦେଶର ମୃତ ବାଲୁକା ଶଯ୍ୟାରେ ପଦାଚାରଣା କରିବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ପୂର୍ଣ୍ଣବ୍ରହ୍ମ ଶ୍ରୀ ଶ୍ରୀ ପୁରୁଷୋତ୍ତମଙ୍କ ଦିବ୍ୟଲୀଳା ମାଧୁରୀକୁ ଅବତରଣ କରି ଏହା କୁହାଯାଇପାରେ ସାଗରର ମଧ୍ୟ ଶେଷ ଅଛି ସୀମା ମଧ୍ୟ ଅଛି । ତେଣୁ ସାଗର ଅନନ୍ତ ନୁହେଁ କି ଅସୀମ ନୁହେଁ । ଜଣେ ହିଁ ଅନନ୍ତ ଓ ଅସୀମ, ସେ ହେଉଛନ୍ତି ପୁରୁଷୋତ୍ତମ । ଆଶ୍ରିତଜନଙ୍କୁ କୃପା କରି ସସୀମ ରୂପରେ ଲୀଳା ପ୍ରକଟ କରିଛନ୍ତି । ଅବିଭକ୍ତ ବଂଗଭୂମିର ପାବନା ଜିଲ୍ଲାର ଗୋୟାଁଖାନା ନିବାସୀ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନମୋହିନୀଙ୍କର କୋଳମଣ୍ଡନ କରିଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର । ସେ ମାହେନ୍ଦ୍ର ମୁହୂର୍ତ୍ତ ଥିଲା ୧୨୯୫ ବଙ୍ଗଳା ସାଲର ଭାଦ୍ରବ ମାସର ୩୦ ଦିନ ଶୁକ୍ଳପକ୍ଷ, ଇଂରାଜୀ ବର୍ଷ ଅନୁଯାୟୀ ୧୮୮୮ ମସିହା। ଜନ୍ମ ହେବାର ନବମ ମାସରେ ଅନ୍ନପ୍ରାଶନ୍ନ ଉତ୍ସବରେ ମାତା ମନମୋହିନୀ ଦେବୀ କବିତାଟିଏ ଲେଖିଥିଲେ ଯାହାର ପ୍ରଥମ ଅକ୍ଷରଗୁଡ଼ିକ ସମ୍ମିଳନରେ ଥିଲା 'ଅନୁକୂଳ'

ସତ୍ୟାନୁସରଣର ରଚୟିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଜୀବନବାଦର ପୁରୋଧା ଥିଲେ । ମଣିଷର ଜୀବନ ତାଙ୍କ ପାଖରେ ସର୍ବୋପରି ମୂଲ୍ୟବାନ ବସ୍ତୁ ହିସାବରେ ପରିଗଣିତ ହୋଇଆସୁଥିଲା । ସତ୍ୟାନୁସରଣ ହେଉଛି ଜୀବନର ଆସ୍ଥା । ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଜୀବନ ଅତ୍ୟନ୍ତ ମୂଲ୍ୟବାନ । ଜୀବନର ସ୍ୱରୂପ, ଗଭୀରତା ଏବଂ ଜ୍ୟୋତିର ପ୍ରକାଶ ଏକପ୍ରକାର ବିସ୍ମୟକର ଅଭିବ୍ୟକ୍ତ । ପ୍ରତ୍ୟେକ ବ୍ୟକ୍ତି ବିଶେଷ ପାଇଁ ଜୀବନର ରୂପ ଓ ପ୍ରକାଶ ଭିନ୍ନ ପ୍ରକାର । ସେହି ଦୃଷ୍ଟିରୁ ବ୍ୟକ୍ତିର ବ୍ୟକ୍ତିଗତ ଅନୁଭୂତି ଏବଂ ନିଜସ୍ୱ ଦୃଷ୍ଟିଭଙ୍ଗିର ଏକ ଅନନ୍ୟ ମୂଲ୍ୟ ରହିଛି । ବ୍ୟକ୍ତି ଜୀବନର ଏହି ଘନୀଭୂତ ଓ କେନ୍ଦ୍ରାୟୀତ ପୃଷ୍ଠଭୂମିରେ ସତ୍ୟାନୁସରଣ ହେଉଛି ଏକ ଅଭ୍ରାନ୍ତ ମାର୍ଗଦର୍ଶକ ଏବଂ ନିୟାମକ । ସତ୍ୟାନୁସରଣ ଭିତରେ ଜୀବନର ଦର୍ଶନ ଓ ଆଧ୍ୟାତ୍ମବିଦ୍ୟା ନିଶ୍ଚୟ ରହିଛି । କିନ୍ତୁ ସତ୍ୟାନୁସରଣର ମହତ୍ୱ ହେଉଛି ଜୀବନ ଦର୍ଶନକୁ ସୂତ୍ରାକାରରେ ପାଳନ କରିବାର ଏକ ପନ୍ଥା । ମଣିଷ କିଭଳି ନିଜର ଦୈନନ୍ଦିନ ଜୀବନରେ କର୍ମ ସମ୍ପାଦନା କରିବା ସହିତ ସାର୍ଥକତାର ପଥ ଅବଲମ୍ବନ କରିପାରିବ; ସତ୍ୟାନୁସରଣ ହେଉଛି ସେଥିପାଇଁ ଏକ ନିତି ନୀୟମ ସମ୍ବଳିତ ଏକ ନିର୍ଦ୍ଦେଶନାମା । ଧର୍ମର ସଂଜ୍ଞା ବର୍ଣ୍ଣନା କରି ଶ୍ରୀ ଶ୍ରୀ ଠାକୁର କହିଥିଲେ - 'ଯେନାତ୍ମନଂ ତଥାନ୍ୟେଷାଂ ଜୀବନବର୍ଦ୍ଧନାଞ୍ଚପି ଧ୍ରିୟତେ ସ ଧର୍ମଃ' ଅର୍ଥାତ୍ ଯାହାଦ୍ୱାରା ନିଜର ଓ ଅନ୍ୟର ଜୀବନ ଓ ବୃଦ୍ଧି ବିକଶିତ ହୁଏ, ତାକୁ ହିଁ ଧର୍ମ କୁହାଯାଏ । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏକ ପରିମାର୍ଜିତ ରୂପରେ ମୁଗ୍ଧ ହୋଇ ମନୁଷ୍ୟର ଚରିତ୍ରବତ୍ତା, ଈଶ୍ୱରାଭିମୁଖୀ ଚେତନା, ପିତୃମାତୃ କେନ୍ଦ୍ରିକତା, ଅନୁଚିନ୍ତନର ପ୍ରୟାସରେ ଆରମ୍ଭ କରିଥିଲେ 'ସତ୍‌ସଙ୍ଗ ତପୋବନ ବିଦ୍ୟାଳୟ' । 'ସତ୍‌ସଙ୍ଗ' ପ୍ରତିଷ୍ଠାନର ଆଭିମୁଖ୍ୟ ଓ କାର୍ଯ୍ୟ ପରିସର ବ୍ୟାପକ ହେବା ପରେ ଶ୍ରୀ ଶ୍ରୀ ଠାକୁର ତାଙ୍କର ଆଶ୍ରିତ ଓ ସେବକମାନଙ୍କୁ ଯାଜକ, ଅଧ୍ୱର୍ଯ୍ୟ, ସହପ୍ରତିଋତ୍ୱିକ ନାମରେ ନାମିତ କରି ଦୀକ୍ଷାଦାନ ପାଇଁ ପ୍ରେରିତ କରିଥିଲେ ।

ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିଭଙ୍ଗିରେ ଜୀବନର ଦୁଇଟି ଅପରିହାର୍ଯ୍ୟ ଦିଗ ରହିଛି । ପ୍ରଥମ ହେଉଛି - ବଞ୍ଚିବା ଓ ଦ୍ୱିତୀୟ ହେଉଛି ବୃଦ୍ଧି, ଆନନ୍ଦ କିମ୍ବା ବିସ୍ତାରିତ ଅନୁଭୂତି । ଏହି ଦୁଇଟି ଦିଗକୁ ପରିପୂରଣ କରିବାର ଉପାୟ ସତ୍ୟାନୁସରଣର ପ୍ରତ୍ୟେକ ପରିଚ୍ଛଦରେ ଦିଆଯାଇଛି । ଉଦାହରଣ ସ୍ୱରୂପ - 'ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ । ସାବଧାନ ହୁଅ - ଠକିଯିବ, ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ' । ମନୁଷ୍ୟ ଭିତରେ ଦେବତ୍ୱକୁ ଜାଗ୍ରତ କରିବା, ଆତ୍ମା ସହିତ ପରମାତ୍ମାର ମିଳନ କରାଇବା, ମନୁଷ୍ୟକୁ ତା'ର ଲକ୍ଷ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ଏହି ବାଣୀ ଏକ ଅମୋଘ ଅସ୍ତ୍ର । ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଭଗବାନ କୃଷ୍ଣ ଅର୍ଜୁନଙ୍କୁ ଆହ୍ୱାନ ଦେଲାଭଳି ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣ ପ୍ରଥମ ପରିଚ୍ଛଦରେ କହିଛନ୍ତି 'ସର୍ବ ପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ଼, ଯେତେ ଶୀଘ୍ର ପାର, ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଠବଙ୍କକ୍ତସବ୍ୱରକୁ । ସ୍ମରଣ କର ତୁମେ ସାହସୀ, ସ୍ମରଣକର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାର ସନ୍ତାନ । ଆଗେ ସାହସୀ ହୁଅ, ଅକପଟ ହୁଅ, ତେବେ ଜଣାଯିବ, ତୁମର ଧର୍ମରାଜ୍ୟରେ ପଶିବାର ଅଧିକାର ଜନ୍ମିଛି । ଭାରତବାସୀଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କର ବୈପ୍ଳବିକ ଆହ୍ୱାନ ହେଉଛି - 'ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇଉଠିଛନ୍ତି । ଋଷିଙ୍କୁ ବାଦ ଦେଇ ଋଷିବାଦର ଉପାସନା ଆରମ୍ଭ ହୋଇଛି । ଭାରତ, ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସଂପ୍ରଦାୟ ଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ, ଆଉ ତୁମର ମୂର୍ତ୍ତି ବା ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି, କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କ ଆବିର୍ଭାବ । ଅନ୍ୟତ୍ର ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁର କହିଲେ - 'କର୍ମ କରିଯାଓ, ଅଦୃଷ୍ଟ ଭାବି ଭାଙ୍ଗି ପଡ଼ନାହିଁ, ଅଳସୁଆ ହୁଅନାହିଁ । ତୁମେ ଯେପରି କାର୍ଯ୍ୟ କରିବ, ତୁମର ଅଦୃଷ୍ଟ ସେହିପରି ହୋଇ ଦୃଷ୍ଟ ହେବ ।' ଜୀବନର ଗତି ପଥରେ, ବିପଦ ଓ ବାଧା ଆସି ଛିଡ଼ା ହୁଏ । ଶ୍ରୀ ଶ୍ରୀ ଠାକୁର ଜୀବନରେ ବିଜୟ ଓ ସାଫଲ୍ୟର ଜୟ ଜୟକାର କରି ସତ୍ୟାନୁସରଣର ପୃଷ୍ଠାରେ କହିଲେ, 'ବିପଦକୁ ଫାଙ୍କି ଦେଇ ଓ ପରାସ୍ତ କରି ସଫଳତା ଲକ୍ଷ୍ମୀ ଲାଭ କର; ବିପଦ ଯେପରି ତୁମକୁ ସଫଳତାରୁ ବଞ୍ଚିତ ନକରେ ।' ସତ୍ୟାନୁସରଣ ଅଧ୍ୟୟନ କଲାବେଳେ ମଣିଷର ଅନ୍ତର୍ରାଜ୍ୟରେ ଏକପ୍ରକାର ଆଲୋଡ଼ନ ସୃଷ୍ଟି ହୁଏ । ସତ୍ୟାନୁସରଣର ପ୍ରତ୍ୟେକ ବାକ୍ୟ କିମ୍ବା ପରିଛେଦରେ ଏକ ଚିରନ୍ତନ ସତ୍ୟ ଏବଂ ଏକ ଜୀବନୀୟ ନିର୍ଦ୍ଦେଶ ପ୍ରସ୍ଫୁଟିତ ହୋଇଅଛି । ଅଧିକାଂଶ, ଅଧ୍ୟାୟରେ ମନସ୍ତାତ୍ତ୍ୱିକ, ଆତ୍ମିକ, ବ୍ୟବହାରିକ ଏବଂ ଦାର୍ଶନିକ ତତ୍ତ୍ୱର ବାସ୍ତବ ପ୍ରୟୋଗର କୌଶଳ ଓ ଉପାୟ ଦର୍ଶାଯାଇଛି । ପରିଶେଷରେ ଏକଥା କହିବାକୁ ପଡ଼େ, ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନ ଜାଗ୍ରତ ରହିଛି । ସତ୍ୟାନୁସରଣର ଭକ୍ତି ମାଧ୍ୟମରେ ସେ ଆମକୁ ନିରନ୍ତର ମାର୍ଗଦର୍ଶନ କରାଇଛନ୍ତି । ଜୀବନର ଜୟ ହେଉ - ଶ୍ରୀ ଶ୍ରୀ ଠାକୁରଙ୍କ ଜୟ ହେଉ -

ସହପ୍ରତିଋତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ବିଷାଦର ଫାଟକ

॥ ଅନୀତା ପଟ୍ଟନାୟକ ॥

ମୁଁ ସମୁଦ୍ରରେ ଏକ ଜାହାଜରେ ଯାଉଥିବା ସମୟରେ ଜାହାଜଟି ଏକ ଦୁର୍ବିପାକର ସମ୍ମୁଖୀନ ହେଲା। ମୁଁ ଭାସି ଭାସି ଆସି ଏକ ଦେଶରେ ଲାଗିଲି। ଲୋକଙ୍କୁ ପଚାରିବାରେ ଲୋକମାନେ ସେ ଦେଶ 'ଭାରତ' ବୋଲି କହିଲେ। ଦେଖିଲି ସେ ପୁରା ଦେଶଟି ଗୋଟିଏ ସାଜସଜ୍ଜା ପୂର୍ଣ୍ଣ ରାଜମହଲ। ପଚାରିବାରେ ଲୋକ କହିଲେ ଏହାକୁ ଗୀତା ରାଜପ୍ରସାଦ ବୋଲି କୁହାଯାଏ। ସ୍ୱର୍ଣ୍ଣ ଅଳଙ୍କାର ଖଚିତ ଏକ ଦ୍ୱାରର ଉପଦେଶରେ 'ବିଷାଦ' ଲେଖାଯାଇଥିବା ଦେଖିଲି। ମୁଁ ଦ୍ୱାରପାଳକୁ ପଚାରିଲି 'ଭାଇ ଏଠାରେ ଯେଉଁ ବିଷାଦ ଶବ୍ଦ - ଲେଖାଯାଇଛି ତାର ଅର୍ଥ କଣ ? ସେ କହିଲେ 'ଇନ୍ଦ୍ରିୟ ସୁଖର ଅସାରତା ଉପଲବ୍ଧି କଲେ ହିଁ ବିଷାଦତାର ଦ୍ୱାର ଖୋଲିଯାଏ। ଏହି ଦ୍ୱାର ଦେଇ ଯେଉଁମାନେ ପ୍ରବେଶ କରନ୍ତି ସେମାନେ ଅଧିକ ସାରବତ୍ତାପୂର୍ଣ୍ଣ ଓ ଅଧିକ ଆନନ୍ଦ ପ୍ରଦାନକାରୀ ବିଷୟକୁ ଅନ୍ୱେଷଣ କରିବାକୁ ଯାଆନ୍ତି। ମୁଁ କହିଲି ସର୍ବୋଚ୍ଚ ପୁରୁଷକୁ ଲାଭ କରିବା ବା ପୁରୁଷୋତ୍ତମ ପ୍ରାପ୍ତି ହେଉଛି ଏ ବିଷାଦ ଏହା ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ ଲାଭ। ଦ୍ୱାରପାଳ କହିଲେ ଏହି ପୁରରେ ବାସ କରୁଥିବା ପୁରୁଷ ହେଉଛନ୍ତି ପୁରୁଷୋତ୍ତମ। ଲୋକେ ଏହି ପୁରୁଷୋତ୍ତମ କ୍ଷେତ୍ରକୁ ଆସନ୍ତି ପୁରୁଷୋତ୍ତମଙ୍କୁ ଦର୍ଶନ କଲି ବୋଲି ଡିଣ୍ଡିମ ପିଟନ୍ତି। ପ୍ରକୃତପକ୍ଷେ ସେମାନେ ସମୁଦ୍ରକୂଳରେ ଡଙ୍ଗା ଉପରେ ବସି ଏପରି ବାହସ୍ଫୋଟ ମାରିଥାନ୍ତି। ପ୍ରକୃତ ପକ୍ଷେ ପୁର ହେଉଛି ମନୁଷ୍ୟର ଶରୀର। ପ୍ରଭୁ ଜଗନ୍ନାଥ ଶରୀର ରୂପକ ବିଶ୍ୱ ବ୍ରହ୍ମାଣ୍ଡରେ ବାସ କରନ୍ତି। ସେ ସର୍ବୋତ୍ତମ ବା ପୁରୁଷୋତ୍ତମ। ମନୁଷ୍ୟ ଚାଲୁଥିବା ସମୟରେ ଜନ୍ଦାଟିର ଅନୁଭୂତି ମଧ୍ୟ ତାଙ୍କ ଦୟାରୁ ଲାଭ ହୁଏ। ଅନ୍ୟପକ୍ଷରେ କହିବାକୁଗଲେ ଜଗନ୍ନାଥ ବା ପରମ ପୁରୁଷଙ୍କର ଚେତନଶୀଳତା ସମସ୍ତ ଶରୀରରେ ପରିବ୍ୟାପ୍ତ। ତାଙ୍କର ବିଶ୍ୱ ବ୍ରହ୍ମାଣ୍ଡ ରୂପକ ଶରୀରଟିକୁ ଏହି ଚେତନଶୀଳତା ବଳରେ ସେ ସକ୍ରିୟ ଓ ପରିପୂର୍ଣ୍ଣ ରଖନ୍ତି। ମୁଁ କହିଲି ଆପଣଙ୍କ କଥାରୁ ପ୍ରତୀୟମାନ ହେଉଛି ଜଗନ୍ନାଥ ଦେବ ପୁରୁଷୋତ୍ତମ ହେଉଛନ୍ତି ଏକ ବିଶାଳ ବନାନୀ। ବ୍ୟକ୍ତି ହେଉଛି ସେ ବନର ଏକ ବୃକ୍ଷ। ତେବେ ଜୀବ ହେଉଛି ବ୍ୟକ୍ତି ଓ ଜଗନ୍ନାଥ ହେଉଛନ୍ତି ସମଷ୍ଟି।

ମୁଁ ପଚାରିଲି ମହଲରେ ଥିବା ପୁରୁଷୋତ୍ତମଙ୍କୁ ମୁଁ ଦର୍ଶନ କରିପାରେ କି ? ଦ୍ୱାରପାଳ କହିଲେ ପୁରୁଷକୁ ପୁରୁଷୋତ୍ତମରେ ପରିଣତ ହେବାକୁ ହେଲେ ଯୋଗ ହେଉଛି ଏକ ମାର୍ଗ। ଜ୍ଞାନ, ଭକ୍ତି ଓ କର୍ମ ମାର୍ଗରେ ମଧ୍ୟ ଏହି ଦର୍ଶନ ସମ୍ଭବ ହୋଇପାରିଥାଏ। ମୁଁ କହିଲି ଭାଇ ମୋର ପଞ୍ଚ ଇନ୍ଦ୍ରିୟ ମତେ ପାଞ୍ଚଟି ପୃଥକ ପୃଥକ ଦିଗରେ ଆକର୍ଷିତ କରୁଛନ୍ତି। ଦ୍ୱାରପାଳ କହିଲେ ଠିକ କହିଛ। ପାଞ୍ଚଟି ଯାକ ଇନ୍ଦ୍ରିୟ ପୁରୁଷର କ୍ଷତି ସାଧନା କରନ୍ତି। କିନ୍ତୁ ଇନ୍ଦ୍ରିୟ ଗୁଡ଼ିକ ଗୋଟିଏ ପରିବାରର ସଦସ୍ୟ ଅଟନ୍ତି। ଇନ୍ଦ୍ରିୟ ଗୁଡ଼ିକୁ ସାଧନା ଦ୍ୱାରା ତାଲିମ ଦିଆଯାଇପାରେ। ମଣିଷର ବୁଦ୍ଧି ବେଳେ ବେଳେ ଶତ୍ରୁପରି କାମ କରିଥାଏ। ବୁଦ୍ଧି ଛଳନା ସୃଷ୍ଟି କରେ। ଦେଖାଇ ହେବା ଭଳି ପ୍ରତିଯୋଗୀ ମନଭାବ ସୃଷ୍ଟି କରେ। ଦ୍ୱାରପାଳ କହିଲେ ହେ ଆଗନ୍ତୁକ ବ୍ୟବହାର ଓ ଅଭ୍ୟାସ ହିଁ ଗୁରୁତ୍ୱପୂର୍ଣ୍ଣ। ଧର୍ମ ଓ ସାଧନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାର୍ଯ୍ୟ ଆଚରଣ ଓ ବ୍ୟବହାର ଦ୍ୱାରା ପ୍ରକାଶ ପାଉଥିବା ସ୍ୱଭାବରୁ ମନୁଷ୍ୟକୁ ବିଚାର କରାଯାଏ। ଏପରି ବ୍ୟକ୍ତିର ମୂଲ୍ୟାୟନ ପାଇଁ କୌଣସି ସାକ୍ଷୀ ପ୍ରମାଣର ପ୍ରୟୋଜନ ହୁଏନାହିଁ। ଅର୍ଜୁନଙ୍କ ବିଷାଦ ତାଙ୍କ ଭିତରେ ଲୁଚି ରହିଥିବା ଅହମିକାକୁ ଛଦ୍ମରୂପରେ ପ୍ରକାଶ କରିଥିଲା। ଏହା ତାଙ୍କ ଚରିତ୍ରର ଏକ ଦୁର୍ବଳତା ଥିଲା। ସେ ପୂର୍ବରୁ ବୀର ସ୍ୱଭାବର ଥିଲେ କିନ୍ତୁ ଯୁଦ୍ଧକ୍ଷେତ୍ରରେ ଭୀରୁତା ଦର୍ଶାଇଥିଲେ। ମୁଁ ଓ ମୋର ଭାବ ପ୍ରକାଶ ପାଇଲା। ଅର୍ଜୁନ କୃଷ୍ଣଙ୍କୁ କହିଥିଲେ ମୁଁ ପଛେ ନର୍କକୁ ଯିବି ଭିକ୍ଷା ମାଗିବି ମୁଁ ମୋର ଗୁରୁଜନ ଓ ଭାଇ ମାନଙ୍କ ସହ ଯୁଦ୍ଧ କରିବି ନାହିଁ। ଦ୍ୱାରପାଳ କହିଲେ 'ମୁ' ଓ 'ମୋର' ଭାବନା ଦୁଇଟି ବିଷ ବୃକ୍ଷ ସଦୃଶ। ହେ ଆଗନ୍ତୁକ ତୁମେ ନିଜକୁ ଅକ୍ଷତ ରଖିବାକ ହେଲେ ତୁମକୁ ଏ ବିଷର ମୂଳୋତ୍ପାଟନ କରିବାକୁ ହେବ। ଆଶ୍ଚର୍ଯ୍ୟର ବିଷୟ ମରଣାନ୍ତକ ଯନ୍ତ୍ରଣା ପାଉଥିବା ବ୍ୟକ୍ତିମାନେ ଅତୀତରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ କାନ୍ଦୁଛନ୍ତି। ଅର୍ଜୁନ ଯୁଦ୍ଧ କ୍ଷେତ୍ରରେ ତାହା ହିଁ କରିଥିଲେ। ତାଙ୍କର ମୂର୍ଖତା ବିଷାଦର ଛଦ୍ମବେଶର ଭାଷା ମଧ୍ୟରେ ଲୁଚି ରହିଥିଲା। ଯୁଦ୍ଧକ୍ଷେତ୍ର ପ୍ରକୃତ ପ୍ରଶ୍ନ ନଥିଲା। କିଏ କାହାର ଆତ୍ମୀୟ ସ୍ୱଜନ, କିଏ ଭୁଲ ଠିକ କରୁଛି ତାହା ପ୍ରକୃତ ପ୍ରଶ୍ନ ନଥିଲା। ନ୍ୟାୟ ପାଇଁ ସଂଗ୍ରାମ, ସତ୍ୟର ପ୍ରତିଷ୍ଠା ପାଇଁ ସଂଗ୍ରାମ, କ୍ଷତ୍ରୀୟ ଚିତ କର୍ତ୍ତବ୍ୟ ଓ ଫଳାଫଳକୁ ସର୍ବୋମୟ କର୍ତ୍ତାଙ୍କ ନିକଟରେ ସମର୍ପଣ କରିବା ହିଁ ଉଚିତ ମାର୍ଗ ଥିଲା। ପୁରୁଷୋତ୍ତମ କହିଥିଲେ ଆଶ୍ଚର୍ଯ୍ୟ ଲାଗୁଛି ଅର୍ଜୁନ ଯୁଦ୍ଧ କ୍ଷେତ୍ରରେ ତୁମେ କାନ୍ଦୁଛ। ତୁମେ ଗୁଡ଼ାକେଶ ତୁମେ ନିଦ୍ରା ଓ ଧଜ୍ଞାନକୁ ଜୟ କରିଥିବା ବ୍ୟକ୍ତି ତୁମେ କାହାକୁ ହତ୍ୟା କରୁନାହଁ। ତୁମର ଗ୍ଲାନି ରହିବା ଉଚିତ ନୁହେଁ କେହି ମୃତ୍ୟୁ ମୁଖରେ ପଡୁନାହାଁନ୍ତି। ସେମାନଙ୍କର ଅନେକ କାମ କରିବାର ଅଛି। ସେମାନେ ମଧ୍ୟ ମୃତ୍ୟୁହୀନ। ମୁଁ ସେମାନଙ୍କ ପାଇଁ ମୃତ୍ୟୁଦଣ୍ଡ ଘୋଷଣା କରିସାରିଛି ଏ ଆଦେଶ ତୁମକୁ ମାନିବାକୁ ହେବ। ଅର୍ଜୁନ ସେଦିନ ଅନୁଭବ କରିଥିଲେ ସେ ଈଶ୍ୱରଙ୍କ ହସ୍ତରେ ସେ ଏକ ଆୟୁଧ ମାତ୍ର। ଦ୍ୱାରପାଳ କହିଲେ ହେ ଆଗନ୍ତୁକ ! ତୁମେ ଏ ଦୀକ୍ଷାରେ ଦୀକ୍ଷିତ ହେବ କି ? ନହେଲେ ଯନ୍ତ୍ରଣାରୁ ମୁକ୍ତି ନାହିଁ। ତମସୋ ମା ଜ୍ୟୋତିର୍ଗମୟ। ଅହଂକାର ହିଁ ତମସ ବା ଅନ୍ଧକାର ଶରଣାଗତି ହିଁ ଜ୍ୟୋତି। ମୁଁ ଦେଖିଲି ଦ୍ୱାରପାଳ ମୋ ପାଇଁ ବିଷାଦର ଫାଟକ ଖୋଲି ଦେଇଛନ୍ତି। ଚର୍ତୁଦିଗ ଆଲୋକ ହିଁ ଆଲୋକ ପୁରୁଷୋତ୍ତମ ପ୍ରଭୁ ଜଗନ୍ନାଥ ମୋ ସମ୍ମୁଖରେ ଦଣ୍ଡାୟମାନ।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, ସେକ୍ଟର-୧୦,
କଟକ, ଦୂରଭାଷ : ୯୬୯୨୯୮୦୦୨୬

# ବିଶ୍ୱ ସେବିକା ଦିବସ ପାଳିତ

କପ୍ତିପଦା, (ମହାଭାରତ) : ମୟୁରଭଞ୍ଜ ଜିଲ୍ଲା ଉଦଳା ମେଡିକାଲ ବ୍ଲଡ଼ ବ୍ୟାଙ୍କ ସଭାଗୃହରେ ଆଜି ବିଶ୍ୱ ସେବିକା ଦିବସ ପାଳିତ ହୋଇ ଯାଇଛି । ବିଶେଷ କରି ନର୍ସ ମାନେ କିପରି ରୋଗୀ ମାନଙ୍କୁ ଉତ୍ତମ ବ୍ୟବହାର କରିବା ସହ ଡାକ୍ତରଙ୍କ ଅନୁପସ୍ଥିତିରେ ରୋଗୀ ମାନଙ୍କୁ ପ୍ରାଥମିକ ଚିକିତ୍ସା କରି ପାରିବେ ସେ ନେଇ ଆଜିର ବିଶ୍ୱ ସେବିକା ଦିବସର ଆଭିମୁଖ୍ୟ ଥିଲା । ପରସ୍ପର ମଧ୍ୟ ରେ ନର୍ସ ମାନଙ୍କ ସହଯୋଗ ରହିଲେ ରୋଗୀ ମାନଙ୍କର ଚିକିତ୍ସା ରେ ଆଉ ସମସ୍ୟା ରହିବ ନାହିଁ ବୋଲି ଶିଶୁ ବିଶେଷଜ୍ଞ ଡ଼. ଲକ୍ଷ୍ମୀକାନ୍ତ ପତି କହିଥିଲେ । ଉଦଳା ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡ଼. ମଧୁସ୍ମିତା ବେହେରା, ପ୍ରଜ୍ଞା ବେହେରାଙ୍କ ସମେତ ନର୍ସ ମାନେ ସାମିଲ ହୋଇଥିଲେ ।

## ବାଲିସାହି ହତ୍ୟାକାଣ୍ଡରେ ପୋଲିସ ପକ୍ଷରୁ ଛାନଭିନ୍ ଜୋରଦାର

ଗଣିଆ, (ମହାଭାରତ): ବହୁ ଚର୍ଚ୍ଚିତ ଗଣିଆ ବାଲିସାହି ହତ୍ୟାକାଣ୍ଡ ଅଭିଯୋଗର ରହସ୍ୟ ଉନ୍ମୋଚନ ପାଇଁ ପୋଲିସ ପକ୍ଷରୁ ଛାନଭିନ୍ ଜୋରଦାର କରାଯାଇଛି । ଖଣ୍ଡପଡ଼ା ଏସ.ଡି.ପି.ଓ.ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣିଆ ଥାନା ପୋଲିସ ଏହି ଘଟଣାରେ ସନ୍ଦେହଜନକ ଭାବେ ଚାରି ଜଣକୁଆଣି ଜେରା କରିଥିଲା । ମିଳିଥିବା ସୂଚନା ଅନୁଯାୟୀ, ହତ୍ୟାକାଣ୍ଡ ପଛର ମୁଖ୍ୟ ପ୍ରମାଣ ଖୋଜିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ସଂପୃକ୍ତ ବ୍ୟକ୍ତିଙ୍କ ମୋବାଇଲ୍ ଫୋନ୍ ଥାନା ଅଧିକାରୀ, ଏସ ଆଇ ଶାହା ଆଲାମ ଖାନ ଓ ଥାନା କର୍ମଚାରୀ ଖୋଜାଖୋଜି କରିଥିଲା । ତେବେ ଦୀର୍ଘ ସମୟର ଖୋଜାଖୋଜି ପରେ ମଧ୍ୟ ମୋବାଇଲ୍ ମିଳିପାରି ନଥିଲା ବୋଲି ଗଣିଆ ଥାନା ଅଧିକାରୀ ଟଙ୍କଧର ଛାତ୍ରୀୟା ସୂଚନା ଦେଇଥିଲେ । ଏହି ମୋବାଇଲ୍‌ଟି ଘଟଣାର ଗୁରୁତ୍ୱପୂର୍ଣ୍ଣ କଲ୍ ରେକର୍ଡ ଓ ତଥ୍ୟ ପ୍ରଦାନ କରିବାରେ ସହାୟକ ହୋଇଥାନ୍ତା । ଏସ.ଡି.ପି.ଓ.ଙ୍କ ନିର୍ଦ୍ଦେଶକ୍ରମେ ଗଣିଆ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି । ଅଟକ ୪ ଜଣଙ୍କୁ ପୃଥକ ପୃଥକ ଭାବେ ପଚରାଉଚରା କରାଯାଉଥିବା ବେଳେ ଖୁବଶୀଘ୍ର ହତ୍ୟାକାଣ୍ଡର ପ୍ରକୃତ କାରଣ ଓ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିବ ବୋଲି ପୋଲିସ ଆଶା ପ୍ରକଟ କରିଛି । ଅନ୍ୟପଟେ ବାଲିସାହି ଅଞ୍ଚଳରେ ଏହି ଘଟଣାକୁ ନେଇ ଏବେ ବି ଚାପା ଉତ୍ତେଜନା ଓ ଶୋକାକୁଳ ପରିବେଶ ଲାଗି ରହିଛି ।

## ସିବିଏସଇ ଦ୍ୱାଦଶ ଫଳ ପ୍ରକାଶ: ଡିଏଭିପ୍ସ ପାସ୍ ହାର ୭୨.୧୭, ବିଜ୍ଞାନରେ ବ୍ରିଜେଶ କୁମାର ପାତ୍ରଏବଂ ବାଣିଜ୍ୟରେ ପ୍ରାଞ୍ଜଳ ଟପର

ରାଜଗାଙ୍ଗପୁର, (ଅଟଳ ବିହାରି ପଣ୍ଡା) : ବୁଧୁବାର ସିବିଏସଇ ଦ୍ୱାଦେଶ ଫଳ ପ୍ରକାଶ ପାଇଥିବା ବେଳେ ରାଜଗାଙ୍ଗପୁରର ଡିଏଭି ପବ୍ଲିକ ସ୍କୁଲରେ ୭୨.୧୭ ପ୍ରତିଶତ ପାସ ହାର ରହିଛି । ବିଦ୍ୟାଳୟର ଉଭୟ ବିଜ୍ଞାନ ଓ ବାଣିଜ୍ୟବିଭାଗ ରେ ମୋଟ ୪୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି । ବିଜ୍ଞାନ ବିଭାଗରେ ୮୦ ପ୍ରତିଶତ ଉପରେ ୩ ଜଣ , ୬୦ ପ୍ରତିଶତ ଉପରେ ୨୫ଜଣ, ଛାତ୍ରଛାତ୍ରୀ ମାର୍କ ରଖିଛନ୍ତି ।ତାଙ୍କ ମଧ୍ୟରେ ୮୭ଶତକଡା ନମ୍ବର ରଖି ବିଜ୍ଞାନ ରେ ବ୍ରିଜେଶ ପାତ୍ର ଟପର ହୋଇଥିବା ବେଳେ ଦିତୀୟ ସ୍ଥାନରେ ପୀୟୁଷ ମିଶ୍ର(୮୪%) ତୃତୀୟ ସ୍ଥାନରେ ରେବେକା ସା (୮୧%) । ସେଇଭଳି ବାଣିଜ୍ୟ ବିଭାଗରେ ୯୦ ପ୍ରତିଶତ ଉପରେ ୩ ଜଣ , ୮୦ ପ୍ରତିଶତ ଉପରେ ୮ ଜଣ, ୬୦ ପ୍ରତିଶତ ଉପରେ ୧୭ଜଣ ଜଣ ଛାତ୍ରଛାତ୍ରୀ ମାର୍କ ରଖିଛନ୍ତି ।ତାଙ୍କ ମଧ୍ୟରେ ପ୍ରାଞ୍ଜଳ ୯୨.୬୦? ମାର୍କ ରଖି ଟପର ହୋଇଚନ୍ତି । ଦିତୀୟ ଶାସନରେ ଶ୍ୱେତା ୯୨.୨୦ଓ ତୃତୀୟ ରେ ଆୟୁଷ (୯୦.୨) ମାର୍କ ରଖି ବିଦ୍ୟାଳୟ ର ଗୌରବ ବଢାଇଛନ୍ତି । ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ଅଧକ୍ଷ ରୀନା ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉନ୍ନତ ଭବିଷ୍ୟତ ର କାମନା କରିଛନ୍ତି ।

# ବାପା ମଦ ପିଇବାରୁ ପୁଅର ଆତ୍ମହତ୍ୟା !

ବାଲିପାଟଣା, (ମହାଭାରତ) : ବାଲିପାଟଣା ଥାନା ତୁରିନ୍ତିରା ସ୍ଥିତ ମହାବୀର ଛକ ଏକ ଜଳଖିଆ ଦୋକାନରେ ଜଣେ ଯୁବକ ରଶି ଲଗାଇ ଝୁଲି ପଡ଼ିଛନ୍ତି । ମୃତ ଯୁବକ ହେଲେ ଗୁଆପୁର ପଞ୍ଚାୟତ ବସନ୍ତଡିହ ଗ୍ରାମର ରାଜ କିଶୋର ସାହୁଙ୍କ ପୁଅ ଶିବ ପ୍ରସାଦ ସାହୁ । ରାଜଧାନୀ ଉପକଣ୍ଠ ଭୁବନେଶ୍ୱର କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ତୁରିନ୍ତିରା ସ୍ଥିତ ମହାବୀର ଛକ ଏକ ଜଳଖିଆ ଦୋକାନରେ ଜଣେ ଯୁବକ ରଶି ଲଗାଇ ଝୁଲି ପଡ଼ିଛନ୍ତି । ମୃତ ଯୁବକ ହେଲେ ଗୁଆପୁର ପଞ୍ଚାୟତ ବସନ୍ତଡିହ ଗ୍ରାମର ରାଜ କିଶୋର ସାହୁଙ୍କ ପୁଅ ଶିବ ପ୍ରସାଦ ସାହୁ । ବାପା ବଜାର ଉପରେ ମଦ ପିଉଥିବା ଦେଖି ସହି ପାରିଲା ନାହିଁ ପୁଅ । ବାରମ୍ବାର ବାପାଙ୍କୁ ମଦ ପିଇବା ପାଇଁ ପୁଅ ବାରଣ କରି ଆସୁଥିଲା । ବାପା ସୁଧୁରି ନ ଥିଲେ । ଆଜି ଶେଷରେ ନିଜ ଦୋକାନ ଭିତରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛି ।ସୂଚନା ମୁତାବକ ରାଜ କିଶୋରଙ୍କ ଗୋଟିଏ ପୁଅ ଏବଂ ଝିଅ ଅଛନ୍ତି । ଶିବ ଘରର ବଡ଼ ପୁଅ । ମହାବୀର ଛକରେ ବାପା ରାଜୁ ଦୀର୍ଘ ବର୍ଷ ହେଲା ଜଳଖିଆ ଦୋକାନ କରିଛନ୍ତି । ସେଥିରୁ ଯାହା ରୋଜଗାର ହୁଏ ପରିବାର ଚଳେ । ହେଲେ ରାଜୁ ସବୁବେଳେ ମଦ ନିଶାରେ ଚୁର ରହୁଥିଲେ । ଦୋକାନ ରୁ ଯାହା ରୋଜଗାର ହୁଏ ପ୍ରଥମେ ମଦ କିଣି ପିଇ ଦିଅନ୍ତି ବାପା । ପରିବାର କଳହ ଏବଂ ଅଭାବ ଅନାଟନରେ ଚଳୁଥିଲାଝବାପାଙ୍କୁ ମଦ ନବାପାଙ୍କୁ ମଦ ନ ପିଇବା ପାଇଁ ଶିବ ବହୁତ ବୁଝେଇଥିଲାଶିବ ଜଣେ ଶାନ୍ତ, ସରଳ ଏବଂ ମେଳାପୀ ପିଲା ଥିଲେ । ସେ ବାଲିପାଟଣା ସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ଯୁକ୍ତ ୩ ( କଳା ବିଭାଗ )ର ଶେଷ ବର୍ଷର ଛାତ୍ର ଥିଲେ । ବାପାଙ୍କୁ ମଦ ନ ପିଇବା ପାଇଁ ଶିବ ବହୁତ ବୁଝେଇଥିଲା । ହେଲେ ମଦ୍ୟପ ବାପା ପୁଅର କୌଣସି କଥା ଶୁଣି ନଥିଲେ । ସେଥିପାଇଁ ପୁଅ ଶିବ ମନସ୍ତାପରେ ରହୁଥିଲେ । ଆଜି ସକାଳୁ ଶିବ ଜଳଖିଆ ଦୋକାନରେ ବାପାଙ୍କୁ କାମରେ ସାହାଯ୍ୟ କରିଥିଲେ । ବେପାର ବନ୍ଦ ହେବା ପରେ ଦୋକାନ ବନ୍ଦ କରିବାକୁ କହି ବାପା ରାଜୁ ସେଲୁନକୁ ଚୁଟି କାଟିବାକୁ ଯାଇଥିଲେ । ଶିବ ପ୍ରାୟ ୧୨ଟା ବେଳେ ନିକଟସ୍ଥ ତୁରିନ୍ତିରା ପଞ୍ଚାୟତ ଅଫିସ ବ୍ୟାଙ୍କକୁ ଟଙ୍କା ପଇଠ ପାଇଁ ଯାଇଥିଲା ।

## ବାଲିକୁଦା ଏରସମା ବିଧାୟକଙ୍କୁ ଭେଟିଲେ ବିଦ୍ୟୁତ ବିଭାଗର ଠିକା କର୍ମଚାରୀ

ଏରସମା, (ମହାଭାରତ) : ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ଶାରଦା ପ୍ରସନ୍ନ ଜେନାଙ୍କୁ ଭେଟି ବିଦ୍ୟୁତ ବିଭାଗର ଠିକା କର୍ମଚାରୀ ନିଜର ଦାବି ପତ୍ର ମୁଖ୍ୟ ଦେଇଛନ୍ତି । ଟାଟା ପାଓ୍ୱାରରେ ଠିକା କର୍ମଚାରୀ ଦୀର୍ଘ ଦିନ ହେବ ସ୍ୱଳ୍ପ ବେତନରେ କାମ କରି ଆସୁଛନ୍ତି । ଏହି କର୍ମଚାରୀମାନେ ଏହି ସ୍ୱଳ୍ପ ବେତନ ପାଇ ନିଜ ପରିବାରକୁ ଚଳାଉଛନ୍ତି । ହଠାତ୍ ସେମାନଙ୍କୁ ଛଟେଇ କଲେ ସେମାନଙ୍କ ପରିବାର ଚଳିବ କେମିତି ବୋଲି କର୍ମଚାରୀ ମାନେ ଦୁଃଖ ପ୍ରକାଶ କରିଛନ୍ତି । ବିଧାୟକ ଶ୍ରୀ ଜେନା ଦୁଃଖ ପ୍ରକାଶ କରିବା ସହ ନୂତନ ସରକାରଙ୍କ ଦୋମୁହା ନିତିକୁ ନିନ୍ଦା କରିଛନ୍ତି । ସେପଟେ ନିଯୁକ୍ତି ମେଳା କରୁଥିବା ସମୟରେ ଏପଟେ କର୍ମଚାରିମାନଙ୍କୁ ଛଟେଇ କରିବା ଏକ ଦୁର୍ଭାଗ୍ୟଜନକ ପଦକ୍ଷେପ ବୋଲି ମତ ବ୍ୟକ୍ତ କରିଥିଲେ । କର୍ମଚାରୀ ମାନେ କଳା ବ୍ୟାଚ ପିନ୍ଧି ୧୮ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି କହିଥିଲେ । ଦାବି ପୁରଣ ନ ହେଲେ ଓଡିଶାର ସମସ୍ତ କର୍ମଚାରୀ ସମୁହ ଭାବରେ କାର୍ଯ୍ୟରୁ ନିବୃତ୍ତ ହେଇ ରାଜ ରାସ୍ତାରେ ଆନ୍ଦୋଳନ କରିବେ ବେଲି ଟାଟା ପାଓ୍ୱାର ସହ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଓଡିଶା ବିଦ୍ୟୁତ ବଣ୍ଟନ କ୍ଷେତ୍ରର କୌଣସି କର୍ମଚାରୀଙ୍କୁ ଛାଟ କିମ୍ବା କାର୍ଯ୍ୟରୁ ବଞ୍ଚିତ କରାଯିବ ନାହିଁ ବୋଲି ନିଶ୍ଚିତ କରିବା । ଓଡିଶା ଡିସକମ୍‌ମାନଙ୍କରେ ୮ ଘଣ୍ଟିଆ କାର୍ଯ୍ୟ ପ୍ରଣାଳୀ ଲାଗୁ କରି ରାଜ୍ୟରେ ୨୪୭ ନିରବିଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ଯଥେଷ୍ଟ ମାନବ ସମ୍ପଦ ବ୍ୟବସ୍ଥା କରିବା । ୨୦୧୨ ମସିହାରୁ ଖାଲି ରହିଥିବା ଅନୁମୋଦିତ ଅଣ-କାର୍ଯ୍ୟନିର୍ବାହୀ ପଦବୀଗୁଡ଼ିକ ପୂରଣ କରିବା ସହିତ, ଦଶକ ଧରି କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ଭାବେ ନିଯୁକ୍ତିର ସୁଯୋଗ ଦେବା । ଓଡିଶା ବିଦ୍ୟୁତ କ୍ଷେତ୍ରର ଅଣ-କାର୍ଯ୍ୟନିର୍ବାହୀ କ୍ୟାଡର ପୁନର୍ଗଠନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା, ଯାହା ଶେଷଥର ୧୯୭୬ ମସିହାରେ କରାଯାଇଥିଲା ।

# ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ନିର୍ବାଚନରେ ସୁଧୀର ଜେନାଙ୍କ ପଲ୍ଲା ଭାରି : ମିଳୁଛି ବିପୁଳ ସମର୍ଥନ



ପାରାଦୀପ, (ମହାଭାରତ) : ପାରାଦୀପରେ ଜଗନ୍ନାଥ ଟ୍ରକ ମାଲିକ ସଂଘ ନିର୍ବାଚନ ଯେତେ ପାଖେଇ ଆସୁଛି ଟ୍ରକ ମାଲିକ ମାନଙ୍କ ମନରେ ଏକ ଉନ୍ମାଦନା ବଢ଼ିଚାଲିଛି । ନିର୍ବାଚନୀ ଦୃଶ୍ୟ ପଟ୍ଟ ଓ ବିଭିନ୍ନ ମାଲିକମାନଙ୍କ ସଭା ସମିତିରୁ ସାମ୍ବାଦିକମାନଙ୍କ ଦ୍ୱାରା ହୋଇଥିବା ଏକଜିଟ ପୋଲ ଆକଳନ ଅନୁସାରେ ସୁଧୀର ଜେନା ଓ ତାଙ୍କ ଟିମର ପଲ୍ଲା ଭାରି ଥିବା ପରି ମନେ ହେଉଛି । ବିଶାଳ ଶୋଭାଯାତ୍ରା ଦ୍ୱାରା ଟ୍ରକ ମାଲିକମାନଙ୍କ ସମର୍ଥନ ସୁଧୀରଙ୍କ ଟିମର ରଣନୀତିକୁ ଶକ୍ତିଶାଳୀ କରୁଥିବା ଭଳି ଦୃଶ୍ୟ ପ୍ରଚାର ସମୟରେ ଦେଖିବାକୁ ମିଳୁଛି । ଜଗନ୍ନାଥ ଟ୍ରକ ମାଲିକ ସଙ୍ଘର କର୍ମକର୍ତ୍ତା ନିର୍ବାଚନକୁ ନେଇ ପାରାଦୀପରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି । ପାରାଦୀପ ସମେତ ବିଭିନ୍ନ ସ୍ଥାନରେ ପ୍ରାର୍ଥୀ ମାନେ ତାଙ୍କର ସମର୍ଥକ ମାନଙ୍କୁ ନେଇ ଚଳାଇଛନ୍ତି ଜୋରଦାର ପ୍ରଚାର । ଗୋଟିଏ ପଟେ ଗୌତମ ନାୟକ ଏବଂ ତାଙ୍କର ପ୍ୟାନେଲ ପ୍ରତିଦ୍ୱନ୍ଦୀତା କରୁଥିବା ବେଳେ ତାଙ୍କୁ କଡା ଟକ୍କର ଦେଉଛନ୍ତି ସୁଧୀର ଜେନାଙ୍କ ଟିମ କ୍ଷ ସୁଧୀରଙ୍କ ଟିମରେ ସମ୍ପାଦକ ଭାବେ ବିଶ୍ୱରଞ୍ଜନ ପଲାଇ, କାର୍ଯ୍ୟକାରୀ ସଭାପତି ସରୋଜ ମହାପାତ୍ର, ସହ-ସମ୍ପାଦକ ଭାବେ ରତ୍ନାକର ଜେନା, ଉପ-ସଭାପତି ମାନସ ପାତ୍ର, କୋଷାଧ୍ୟକ୍ଷ ଭାବେ ବଳରାମ ଦାସ ପ୍ରମୁଖ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ ଏବଂ ସଭାପତି ପ୍ରାର୍ଥୀ ସୁଧୀର ଜେନା ଦୀର୍ଘବର୍ଷ ହେବ ସହସମ୍ପାଦକ ଭାବରେ କାର୍ଯ୍ୟ କରି ଆସୁଛନ୍ତି । କେବଳ ସୁଧୀର ନୁହନ୍ତି ସମ୍ପାଦକ ପ୍ରାର୍ଥୀ ବିଶ୍ୱରଞ୍ଜନ ପଲାଇ ହୁଅନ୍ତୁ କିମ୍ବା ସହ-ସମ୍ପାଦକ ରତ୍ନାକର ଜେନା ଓ କାର୍ଯ୍ୟକାରୀ ସଭାପତି ପ୍ରାର୍ଥୀ ସରୋଜ ମହାପାତ୍ର ହୁଅନ୍ତୁ ସେମାନେ ଦୀର୍ଘ ବର୍ଷ ହେବ ସଙ୍ଘର କର୍ମକର୍ତ୍ତା ଭାବରେ କାର୍ଯ୍ୟ କରି ଆସୁଥିବା ବେଳେ ମାଲିକ ମାନଙ୍କ ଉନ୍ନତି ପାଇଁ ଅନେକ କାର୍ଯ୍ୟ କରି ଆସୁଛନ୍ତି । ତେବେ ସୁଧିରଙ୍କ ବିରୋଧୀ ଗୋଷ୍ଠିଙ୍କ ପ୍ରଚାରରେ ନିର୍ବାଚନ ଜିତିଲେ ଡିଜିଟାଲ ଟେକନୋଲୋଜିରେ ସଂଘର କାର୍ଯ୍ୟ ଅର୍ଥାତ୍ ଡିଜିଟାଲାଇ ଜେଶନ ମାଧ୍ୟମରେ ଟ୍ରକ ଲୋଡିଙ୍ଗ ପାଇଁ ସିରିଏଲ୍ କରାଯାଇ ଲୋଡିଙ୍ଗରେ ହେଉଥିବା ଅନିୟମିତତାକୁ ସବୁ ଦିନ ପାଇଁ ବନ୍ଦ କରିବାକୁ ଗୌତମ ଟିମ ଚଳାଇଥିବା ପ୍ରଚାରକୁ ସିଧା ସଳଖ ଗଣ ମାଧ୍ୟମ ଆଗରେ ଜବାବ ଦେଇଛନ୍ତି ସୁଧୀର ଜେନା ଏବଂ ତାଙ୍କ ଟିମ । ଟ୍ରକ ମାଲିକ ସଙ୍ଘରେ କିପରି ସୁରୁଖୁରୁରେ ଟ୍ରକ ଚାଲିବା ଏବଂ ମାଲିକ ମାନେ କିପରି ଉପକୃତ ହେବେ ଏ ନେଇ କାର୍ଯ୍ୟ ନ କରି ଏଠି ଟେକନୋଲୋଜି କଣ ରାସ୍ତାରେ ଗାଡି ଚଳାଇବ ବୋଲି ପ୍ରଶ୍ନ କରିଛନ୍ତି । ସଭାପତି ପ୍ରାର୍ଥୀ ଗୌତମ ନାୟକଙ୍କ ପ୍ୟାନେଲର ଏକାଧିକ ପ୍ରାର୍ଥୀଙ୍କୁ ସଙ୍ଘର ମାଲିକ ମାନେ ଦେଖିନାହାନ୍ତି କିମ୍ବା ଜାଣିନାହାନ୍ତି, ଆଜି ହଠାତ ନିର୍ବାଚନ ସମୟରେ ଉଡ଼ା ଚଢେଇ ହୋଇ ଉଡି ଆସିଛନ୍ତି, ନିର୍ବାଚନ ସରିଗଲେ ପୁଣି ତାଙ୍କ ଗନ୍ତବ୍ୟ ପଥରେ ଉଡିଯିବେ ବୋଲି କହିଛନ୍ତି ସମ୍ପାଦକ ପ୍ରାର୍ଥୀ ବିଶ୍ୱରଞ୍ଜନ ପଲାଇ । ସଙ୍ଘର କୌଣସି ସାଧାରଣ ବୈଠକରେ ଖୋଦ ସଭାପତି ପ୍ରାର୍ଥୀ ହୋଇଥିବା ଗୌତମ ନାୟକଙ୍କୁ ଦେଖିବାକୁ ମିଳେ ନାହିଁ ବୋଲି ଅଭିଯୋଗ କରିଛନ୍ତି, ଦିନ ଦଶଟା ପରେ ତାଙ୍କର ମୋବାଇଲ ସ୍ୱିଚ ଅଫ ହୋଇଯାଏ, ତେବେ ସେ ମାଲିକଙ୍କ କଥା କଣ ବୁଝିବେ ବୋଲି ପ୍ରଶ୍ନ କରିଛନ୍ତି, ଏହା ସହିତ ଯେଉଁ ଭାଇମାନଙ୍କୁ ସାଥିରେ ନେଇ କାମ କରନ୍ତି ପର ମୁହୂର୍ତ୍ତରେ ତାଙ୍କ ମୁଣ୍ଡରେ ବନ୍ଧୁକ ରଖି ଶିକାର କରନ୍ତି, ଆଉ ମାଲିକ ମାନଙ୍କ ପାଇଁ ଯାହା କରିବେ ତାହା ସଙ୍ଘର ସଦସ୍ୟ ଜାଣିଛନ୍ତି । ନିର୍ବାଚନ ସମୟରେ ବଦନାମ କରିବାକୁ ନିଜେ ହାତରେ ଟାଇପ କରି ଭୁଲ ତଥ୍ୟ ଦେଖାଇ ମାଲିକ ମାନଙ୍କୁ ଯେଉଁଭଳି ଦୁର୍ନୀତିର କଥା କହୁଛନ୍ତି ତାହାକୁ ପ୍ରମାଣ କରିବରେ ସେ ବିଫଳ ହୋଇଛନ୍ତି । ସଭାପତି ପ୍ରାର୍ଥୀ ଗୌତମ ନାୟକ ହୁଅନ୍ତୁ କିମ୍ବା ତାଙ୍କ ଟିମର ସମସ୍ତ ପ୍ରାର୍ଥୀ ମାନଙ୍କୁ ମାଲିକ ମାନେ ଭଲ ଭାବରେ ଜାଣିଛନ୍ତି, ଯେତେ ଅପପ୍ରଚାର କରିଲେ ତାହା କିଛି କାମ ଦେବନାହିଁ, ଆସନ୍ତା ୧୭ ତାରିଖ ସନ୍ଧ୍ୟାରେ ମାଲିକ ମାନେ ତାଙ୍କର ବାଲଟ ପେପରରେ ଏହାର ଜବାବ ଦେବେ ବୋଲି କହିଛନ୍ତି ସଭାପତି ପାର୍ଥୀ ସୁଧୀର ଜେନା ଓ ଟିମ ।

## ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ : ଆଇନ ଶୃଙ୍ଖଳା ରେ ସୁଧାର ନଆସିଲେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି



ନୟାଗଡ଼, (ମହାଭାରତ) : ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା କୁ ଏନେଇ ଆଜି ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ବିରୋଧୀ ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ, ବିଜେଡ଼ି ଜିଲ୍ଲା ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ସୂଚନାନୁସାରେ, ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟରେ ଅରାଜକତା ବଢ଼ିଛି । ଅପରାଧି ମାନେ ଆଇନକୁ ଭୃକ୍ଷେପ କରୁ ନାହାନ୍ତି । ବର୍ବରତା ସୀମା ଅତିକ୍ରାନ୍ତ କରିଛି । ଢେଙ୍କାନାଳ ଜିଲ୍ଲା ଭାପୁର ଅଞ୍ଚଳରେ ଦଳୀତ ମହିଳାଙ୍କୁ ଦୁଷ୍କର୍ମ ପରେ ପଥରରେ ଛେଚି ହତ୍ୟା ଘଟଣାରୁ ଆରମ୍ଭ କରି ପୁରୀ ଜିଲ୍ଲା ବଳଙ୍ଗା ଯୁବତୀଙ୍କୁ ହତ୍ୟା ଘଟଣା, ଗଞ୍ଜାମରେ ଗର୍ଭବତୀ ମହିଳାଙ୍କୁ ହତ୍ୟା ଘଟଣା, ବ୍ରହ୍ମଗିରିରେ ୬ ବର୍ଷ ଶିଶୁକନ୍ୟାକୁ ଦୁଷ୍କର୍ମ, କଣାସ ଥାନା ଅଞ୍ଚଳରେ ବାଲି ମାଫିଆଙ୍କ ଦୌରାତ୍ମ ପ୍ରସଙ୍ଗ ଉଠାଇ ସରକାରକୁ ଘେରିଛନ୍ତି । ନୟାଗଡ଼ ଓଡ଼ଗାଁରେ ଖଣି ମାଫିଆଙ୍କ ଦ୍ୱାରା ହତ୍ୟା ଘଟଣା ସବୁ ସୀମା ଟପିଛି ବୋଲି କହିଛନ୍ତି । ୨ ବର୍ଷରେ ବିଜେପି ସରକାର ଓଡ଼ିଶାର ଛବିକୁ ମଳିନ କରିଥିବା କହିଛନ୍ତି । ଶାନ୍ତିର ଜିଲ୍ଲା ନୟାଗଡରେ ଦିନକୁଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି ବୋଲି ବିଜେଡି ଅଭିଯୋଗ କରିଛି । ଅପରାଧୀ ମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଅପରାଧ ଘଟାଇ ଚାଲିଛନ୍ତି । ଭାପୁର ବ୍ଲକରେ ବିଭିନ୍ନ ଗଣ୍ଡଗୋଳ, ଓଡଗାଁରେ ଯୁବକଙ୍କୁ ହତ୍ୟା, ଗଣିଆରେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ଘଟଣା ଏହାର ଉଦାହରଣ ବୋଲି ବିଜେଡି କହିଛି । ପୋଲିସ କାହାର ଚାପରେ ନପଡି ଏବଂ ବିଶେଷକରି ଶାସକଦଳର କର୍ମୀଙ୍କ ଦ୍ୱାରା ପ୍ରଭାବିତ ନହୋଇ କାର୍ଯ୍ୟ କରିବାକୁ ବିଜେଡି ଆହ୍ୱାନ ଦେଇଛି । ନୟାଗଡ଼ ବିଧାୟକ ବିଭିନ୍ନ ଜିଲ୍ଲାରେ ଘଟୁଥିବା ନୃସଂଶ ହତ୍ୟାକାଣ୍ଡକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଓଡ଼ିଶା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । କଥା କଥାରେ ଗୁଳି, ବୋମା, ଖଣ୍ଡା ଠେଙ୍ଗା ଚାଲୁଛି । ଯେଉଁ ମାନେ ଆଇନକୁ ହାତକୁ ନେଉଛନ୍ତି, ସେମାନଙ୍କର ପୁଲିସ ପ୍ରତି ତିଳେମାତ୍ର ଭୟ ନାହିଁ ବୋଲି କହିଛନ୍ତି । ପୋଲିସ ନିଜର ଦାୟୀତ୍ୱ ଠିକ୍ ଭାବେ ନତୁଲାଇଲେ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ କୁହାଯାଇଛି । ତେଣୁ ନୟାଗଡ ଜିଲ୍ଲାରେ ସୃଷ୍ଟି ହୋଇଥିବା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ରେ ସୁଧାର ଆଣିବା ପାଇଁ ବିଜେଡି ପକ୍ଷରୁ ଆଜି ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀଙ୍କୁ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ କରିବା ସମୟରେ ବିଜୁ ଜନତା ଦଳର ନେତା ମାନେ ଉପସ୍ଥିତ ଥିଲେ ।

## ମା' ବାଗଦେବୀ ବାର୍ଷିକ କ୍ରୀଡ଼ା ଉଦଯାପିତ

ନୂଆଗାଁ, (ମହାଭାରତ ) : ନୂଆଗାଁ ବ୍ଲକ ଜାକେଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ କନ୍ଧଖାଲମଡା ଖେଳ ପଡ଼ିଆ ଆନୁକୂଲ୍ୟରେ ତିନିଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ଫାଇନାଲ ମ୍ୟାଚରେ ଜାମୁସାହି ସହିତ ବରକୋଳା ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା ।ପ୍ରଥମେ ବରକୋଳା ଦଳ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଓ୍ୱାଇକେଟ ହରାଇ ୧୨୨ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଜାମୁସାହି ଦଳ ୯ ଓଭରରେ ୪ ଓ୍ୱାଇକେଟ ହରାଇ ୧୨୩ ରନ ସଂଗ୍ରହ ଚମ୍ପିୟାନ ହୋଇଥିଲା । ଫଳରେ ବରକୋଳା କ୍ରିକେଟ ଦଳ ପରାଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବୁଲୁ ମଳିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗ୍ରାମ ସଭାପତି ଉତ୍ତମ ମଳିକ,ଉପ ସଭାପତି ସୁବଳ ପ୍ରଧାନ,ସମ୍ପାଦକ ନିରଞ୍ଜନ ମଳିକ, କୋରଡ଼ା ମାଳ ସଭାପତି ନରସିଂହ ଜାନି,ଓ୍ୱାର୍ଡ ମେମ୍ବର ଭାବଗ୍ରାହୀ ଜାନି,କୁବେର ଜାନି ସମେତ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ରହିଥିଲେ ।ସମସ୍ତ ଅତିଥି ମାନେ ଜାମୁସାହି ଦଳକୁ ଚମ୍ପିୟାନ ଟ୍ରଫି ସହ ୨୫୫୫ ଟଙ୍କା ଏବଂ ବରକୋଳା କ୍ରିକେଟ ଦଳଙ୍କୁ ରନର୍ସ ଅଫ ଟ୍ରଫି ସହ ୧୫୫୫ ଟଙ୍କା ପ୍ରଦାନ କରିଥିଲେ । ଏଥି ସହିତ କରୁଣାକର ମଳିକଙ୍କୁ ମ୍ୟାନ ଅଫ ଦି ସିରିଜ,ସୋନୁ ଙ୍କୁ ୪ଟି ଓ୍ୱାଇକେଟ ନେଇଥିବାରୁ ବେଷ୍ଟ ବୋଲର ଏବଂ ବିଜୁ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇ ଟ୍ରଫି ପ୍ରଦାନ କରିଥିଲେ ।ଆଜିର ଖେଳକୁ ଦାଶରଥି ସାନବଡ଼ ଏବଂ ପ୍ରଭାତ ମଳିକ ପରିଚାଳନା କରିଥିବା ବେଳେ ମା' ବାଗଦେବୀ କ୍ରିକେଟ କ୍ଲବର ଯୁବ ସାମ୍ବାଦିକ ତଥା ସମାଜସେବୀ ଦିଲ୍ଲୀପ କୁମାର ଜାନି, ତ୍ରିଲୋଚନ ଜାନି, ପ୍ରମୋଦ ପ୍ରଧାନ, ଭାଗିରଥି ସାନବଡ଼,ସତ୍ୟବାନ ଦେହୁରୀ, ଅନନ୍ତ ସାନବଡ଼, ଅଜୟ ମଳିକ, ଚନ୍ଦନ ଜାନି, ରତ୍ନାକର ପ୍ରଧାନ, ପ୍ରଭାତ ସାନବଡ଼, ଆକାଶ ଜାନି, ପ୍ରଭାତ ମଳିକ, ସୁନୀଲ ଦେହୁରୀ, ଶ୍ରୀକାନ୍ତ ସାନବଡ଼, ଗୋକୁଳ ମହାରଣା ସମେତ ଦଳର ସମସ୍ତ ସଦସ୍ୟଙ୍କ ସହଯୋଗ କ୍ରମେ ଶାନ୍ତି ଶୃଙ୍ଖଳାରେ ଖେଳ ସମାପନ ହୋଇଥିଲା ।

## ପାରାଦୀପ ଲକ୍ ପୋଲିସ୍‌ର ସଫଳତା ବ୍ରାଉନ୍ ସୁଗାର ଜବତ, ଅଭିଯୁକ୍ତ ଗିରଫ




ପାରାଦୀପ, (ମହାଭାରତ) : ପାରାଦୀପ ଲକ୍ ଥାନା ଅନ୍ତର୍ଗତ ସିଜୁ ରେଳ ଷ୍ଟେସନ୍ ନିକଟରେ ନିଷିଦ୍ଧ ବ୍ରାଉନ୍ ସୁଗାର (ମରଫିନ୍)ବିକ୍ରି କରୁଥିବା ଅଭିଯୋଗରେ ଜଣେ ବ୍ରାଉନ୍ ସୁଗାର ବିକ୍ରେତାକୁ ଗିରଫ କରିବା ସହିତ ତା ନିକଟରୁ ୦୯.୮୫ ଗ୍ରାମ୍‌ର ବ୍ରାଉନ୍ ସୁଗାର (ମରଫିନ୍) ଜବତ ହୋଇଥିବା ନେଇ ଥାନା ଅଧିକାରୀ ରଶ୍ମିରଂଜନ ଦାଶ ସୂଚନା ଦେଇଛନ୍ତି । ଜିଲ୍ଲାରୁ ନିଷିଦ୍ଧ ବ୍ରାଉନ୍ ସୁଗାର (ମରଫିନ୍) ବ୍ୟବସାୟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିର୍ଦ୍ଦେଶ ଦେଇଛନ୍ତି । ଏହିକ୍ରମରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମାଣେ ଆଜିଙ୍କ୍ୟ ବାବୁରାଓ ପାରାଦୀପ ଅଂଚଳର ସମସ୍ତ ଥାନାକୁ ସୂଚନା ଦେଇଛନ୍ତି । ବ୍ରାଉନ୍ ସୁଗାର ବିକ୍ରି କରୁଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ ସୂଚନା ମିଳିଲେ ତାଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ୍ ଉଚ୍ଚ ଅଧିକାରୀ । ତଦନୁଯାୟୀ ପାରାଦୀପ ଲକ୍ ପୋଲିସ୍ ଆକ୍ସନ ମୋଡ୍‌କୁ ଆସି ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ କରୁଥିବା ବେଳେ ଲକ୍ ଥାନା ଏସଆଇ ସ୍ୱେତା ବେକ୍ ଜଣେ ବ୍ୟକ୍ତି ସିଜୁ ରେଳ ଷ୍ଟେସନ୍ ନିକଟରେ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ନେଇ ସୂଚନା ପାଇଥିଲେ । ଥାନା ଅଧିକାରୀଙ୍କ ପରାମର୍ଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ସହିତ ସେଠାରରେ ପହଂଚିଥିଲେ । ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନୁଣୁକୁଆ ଗ୍ରାମର ନାରାୟଣ ଲେଙ୍କାଙ୍କ ପୁଅ ଜଗବନ୍ଧୁ ଲେଙ୍କା(୨୮) ସେଠାରେ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ବେଳେ ପୋଲିସ୍ ଟିମ୍ ହାତରେ ଧରା ପଡିଥିଲେ । ଅବିଯୁକ୍ତ ନିକଟରୁ ୦୯.୮୫ ଗ୍ରାମ୍‌ର ନିଷିଦ୍ଧ ବ୍ରାଉନ୍ ସୁଗାର (ମରଫିନ୍) ଜବତ ହେବା ସହିତ ମୋଟର ସାଇକେଲ୍, ମୋବାଇଲ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିବା ନେଇ ଲକ୍ ଥାନା ପୋଲିସ୍ ସୂଚନା ଦେଇଛି । ଏହି ବ୍ୟବସାୟ ପଛରେ ଥିବା ମୁଖ୍ୟ ଅଭିଯୁକ୍ତକୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

## ନିର୍ଦ୍ଦେଶ ଲୋକକୁ ଦୋଷୀ ସଜାଇଥିଲା ନୟାଗଡ଼ ଜିଲ୍ଲା ପୋଲିସ

ନୟାଗଡ, (ମହାଭାରତ ) : ନିର୍ଦ୍ଦେଶ ଲୋକ କୁ ଦୋଷୀ ସଜାଇଥିଲା ନୟାଗଡ଼ ଜିଲ୍ଲା ପୋଲିସ । ଦୋଷ ଜଣେ କରି ଅନ୍ୟ ଜଣେ ଦଣ୍ଡ ପାଇବ । ନିର୍ଦ୍ଦେଶ କୁ କଲେ ଦୋଷୀ । ଭଣଜା ଅଭିଯୁକ୍ତ ମାମୁଁ ହେଉଛି ଗରଫ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନୟାଗଡ଼ ପୋଲିସ ବିଭାଗ ରେ । ପ୍ରତିବାଦ କରିବାରୁ ଛାଡିଦେଲେ । ? କିନ୍ତୁ ଗଣମାଧ୍ୟମ ଆଗରେ ଦୋଷୀ କରାଇଦେଲେ । ଭୁଲ କାହାର ? ଦୋଷୀ ଜଣେ ଦଣ୍ଡ ପାଉଛି ଅନ୍ୟ ଜଣେ । ମିଛ ଆରେଷ୍ଟ କୁ ନେଇ ବଦନାମ ମୁଣ୍ଡାଇଲା ନୟାଗଡ଼ ପୋଲିସ । ନୟାଗଡ଼ ପୋଲିସର ଏଭଳି ଅଜବ ନୀତି ଦେଖିବା ପାଇଁ ମିଳିଛି । ଭଣଜା ହେଉଛି ଅଭିଯୁକ୍ତ କିନ୍ତୁ ମାମୁଁ ପାଉଛି ଏଠି ଦଣ୍ଡ । ନୟାଗଡ ର ବହୁ ଚର୍ଚ୍ଚିତ ଓଡ଼ଗାଁ ଚୋରା ମାଙ୍କଡା ପଥର ଚାଲାଣ କୁ ନେଇ ଅଜିତ ସାହୁ ହତ୍ୟାକାଣ୍ଡ ରେ ଗିରଫ ଅଭିଯୁକ୍ତ ଙ୍କ ମଧ୍ୟରେ ଦେଖନ୍ତୁ ଏହି ବ୍ୟକ୍ତି ଅଭିଯୁକ୍ତ ନୁହନ୍ତି କିନ୍ତୁ ଗତ ମଙ୍ଗଳବାର ଦିନ ନୟାଗଡ଼ ପୋଲିସ ର ଅଜିତ ମର୍ଡର ମିଟ୍ରି ତଥ୍ୟ କୁ ନେଇ ସାମ୍ବାଦିକ ସମ୍ମିଳନୀ କରି ଅଭିଯୁକ୍ତ ସଜାଇଥିଲା ପୋଲିସ । ସେ ସାମ୍ବାଦିକ ସମ୍ମିଳନୀ ରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଙ୍କ ଆଗରେ ପ୍ରତିବାଦ କରିବା ରୁ ପୋଲିସ ତାଙ୍କୁ ଛାଡି ଦେଇଛି । ତାଙ୍କର ଦୋଷ ଏତିକି ଯେ ଭଣଜା ଅଭିଯୁକ୍ତ କିନ୍ତୁ ଏଠି ଓଡ଼ଗାଁ ପୋଲିସ ମାମୁଁଙ୍କୁ ଅଭିଯୁକ୍ତ ସଜାଇଥିଲା । ଅଜିତ ସାହୁ ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ଭଣଜା କୁଲୁ ଭଟ ଫେରାର ରହିଥିବା ବେଳେ ମାମୁଁ ଶ୍ରୀଧର ସାହୁଙ୍କୁ ଏହି ଘଟଣାରେ ଅଭିଯୁକ୍ତ ସଜାଇ ମୁହଁରେ ଗାମୁଛା ଘୋଡାଇ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶାଇ ୪ ଜଣଙ୍କୁ ଗିରଫ ଦର୍ଶାଇ ସାମ୍ବାଦିକ ସମ୍ମିଳନୀରେ ଠିଆ କରିଥିଲା ନୟାଗଡ଼ ପୋଲିସ । ଶ୍ରୀଧର ସାହୁଙ୍କ ଘର ଓଡ଼ଗାଁ ଥାନା କୋମଣ୍ଡ ମକରପଦା ଗାଁରେ । ଓଡ଼ଗାଁ ପୋଲିସ ତାଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା ସେ ପ୍ରତିବାଦ କରିବା ରୁ ପୋଲିସ ତାଙ୍କୁ ଛାଡି ଦେଇଛି । ତାଙ୍କ ସ୍ଥାନରେ ଅନ୍ୟ ଜଣେ ଅଭିଯୁକ୍ତ ଡ୍ରାଇଭର ନରେଶ ବିଶୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଜିତ ସାହୁ ହତ୍ୟାକାଣ୍ଡ ଘଟଣାରେ ମୋଟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ ।

# ଗଜପତି ଜିଲ୍ଲାରେ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ ତରଫରୁ ୨୦୨୬ ଦଶମ ଶ୍ରେଣୀ ପରୀକ୍ଷାରେ ଏ୧ ଗ୍ରେଡ୍ (୬ ଜ ଣ)ପ୍ରାପ୍ତ କୃତୀ ଛାତ୍ରଛାତ୍ରୀ ଓ ଜିଲ୍ଲାର ୭ଟି ବ୍ଲକର ଶୀର୍ଷ ୩ ଜଣ ସଫଳତା ଅର୍ଜନକାରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଜିଲ୍ଲାପରିଷଦ ସ୍ଥିତ ଆର୍ ସେ ଟି ଭବନରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗଜପତି ଜିଲ୍ଲା ପୁନର୍ବାର ସମଗ୍ର ଓଡ଼ିଶାରେ ସର୍ବାଧିକ ପାସ୍ ପ୍ରତିଶତ ୯୯.୩% ହାସଲ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ରାଜ୍ୟରେ ଶୀର୍ଷ ସ୍ଥାନ ଅଧିକାର କରିଥିବାରୁ ସମଗ୍ର ଜିଲ୍ଲାରେ ଗର୍ବ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା । କାର୍ଯ୍ୟକ୍ରମର ଶୁଭାରମ୍ଭ ପାରଳାଖେମୁଣ୍ଡି ମହାରାଜା ଗାର୍ଲସ୍ ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ମନୋମୁଗ୍ଧକର ଉଦ୍‌ଘାଟନୀ ସଙ୍ଗୀତ ମାଧ୍ୟମରେ ହୋଇଥିଲା । ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ପ୍ରଶଂସାପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସମାରୋହରେ ଯୋଗଦେଇଥିବା ଅତିଥିମାନେ ନିଜ ଉଦ୍‌ବୋଧନରେ କହିଥିଲେ ଯେ, "ଗଜପତି ଆଜି କେବଳ ଏକ ଏସ୍ପିରେସନାଲ ଜିଲ୍ଲା ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଏକ ଇନପିରେସନାଲ ଜିଲ୍ଲା ଭାବେ ପରିଚିତ ହୋଇଛି ।" ଜିଲ୍ଲାର ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପ୍ରୟାସ ଏହି ଅଭୂତପୂର୍ବ ସଫଳତାର ମୂଳ କାରଣ ବୋଲି ସେମାନେ ମତପ୍ରକାଶ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ ଙ୍କ ମାର୍ଗଦର୍ଶନ ରେ ପ୍ରୟାସ 'ସୁପର ୩୦' ଦ୍ୱାରା ସଫଳତା ହାସଲ ହେଇଥିବାର ସମସ୍ତ ଅତିଥି ଭୂରି ଭୂରି ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ସାଂସଦ ବ୍ରହ୍ମପୁର ଶ୍ରୀ ପ୍ରଦୀପ କୁମାର ପାଣିଗ୍ରାହୀ ତାଙ୍କ ଭାଷଣରେ କହିଥିଲେ ଯେ, "ଗଜପତିର ଛାତ୍ରଛାତ୍ରୀମାନେ ଆଜି ପ୍ରମାଣ କରିଛନ୍ତି ଯେ ପରିଶ୍ରମ, ଶୃଙ୍ଖଳା ଓ ସଂକଳ୍ପ ଥିଲେ କୌଣସି ଲକ୍ଷ୍ୟ ଅସମ୍ଭବ ନୁହେଁ ।" ସେ ଆହୁରି କହିଥିଲେ ଯେ, ଗ୍ରାମାଞ୍ଚଳର ପ୍ରତିଭାମାନେ ଆଜି ରାଜ୍ୟସ୍ତରରେ ଗଜପତିକୁ ଗୌରବାନ୍ୱିତ କରିଛନ୍ତି । ଅନ୍ୟତମ ଅତିଥି ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଇଞ୍ଜିନିୟର ଶ୍ରୀ ରୂପେଶ କୁମାର ପାଣିଗ୍ରାହୀ ଓ ମାନ୍ୟବର ବିଧାୟକ ମୋହନ ଶ୍ରୀ ଦାଶରଥି ଗମାଙ୍ଗ ନିଜ ଅଭିଭାଷଣରେ କହିଥିଲେ, "ଏହି ସମ୍ବର୍ଦ୍ଧନା କେବଳ ଛାତ୍ରଛାତ୍ରୀଙ୍କ ସଫଳତାର ଉତ୍ସବ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ପ୍ରେରଣାର ମଞ୍ଚ ।" ସେମାନେ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଉଚ୍ଚ ଲକ୍ଷ୍ୟ ନିର୍ଦ୍ଧାରଣ କରି ଜାତି ଗଠନରେ ସହଭାଗୀ ହେବାକୁ ଆହ୍ୱାନ ଜଣାଇଥିଲେ । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲ ସଭାପତି ଭାବେ ଦାୟିତ୍ୱ ତୁଲାଇବା ସହ ଏହି ରେଜଲ୍ଟ କୁ ନେଇ ଗର୍ବ ପ୍ରକାଶ କରିବା ସହ ଶିକ୍ଷା ବିଭାଗର କୁ ଧନ୍ୟବାଦ ଦେବା ସହ ଉତ୍ସାହିତ କରିଥିଲେ ଭବିଷ୍ୟତ ରେ ଆହୁରି ସୁନାମ ଅର୍ଜନ କରିବା ପାଇଁ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷାବିତ୍, ଅଭିଭାବକ, ଶିକ୍ଷକ- ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ . ଗିରିଧର ଧନ୍ୟବାଦ ଅର୍ପଣ କରିବା ସହ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ. ରବିକୁମାରଙ୍କ କର୍ତ୍ତବ୍ୟ ନିଷ୍ଠା ଓ ପରିଶ୍ରମ ବିଷୟରେ ଆଲୋକ ପାତ କରି ସଭା କାର୍ଯ୍ୟ ସମାପ୍ତ କରିଥିଲେ । ସୁଲତା ଶୁଭଦର୍ଶିନୀ ଓ ରମାକାନ୍ତ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲାର ବିଭିନ୍ନ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହେବା । ସହ ଏକ ସୁନ୍ଦର ପରିବେଶ ମଧ୍ୟରେ ସମାପ୍ତ କରିଥିଲେ ।

## ବ୍ରାହ୍ମଣ ସୀତାପୁର ଗ୍ରାମରେ କିଶୋରୀ ମେଳା ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣ ସୀତାପୁର ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କିଶୋରୀ ମେଳା ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ କାହ୍ନୁଚରଣ ଭୁକ୍ତା,ଗାୟତ୍ରୀ ପଟ୍ଟନାୟକ, କେରାଣ୍ଡି ସରପଞ୍ଚ ଏରୁସୁ ଦଣ୍ଡପାଣି, ସି ଡି ପି ଓ ନମିତା ମହାରଣା, ସୁପଭାଇଜର ଅନିତା କୁମାରୀ ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।କିଶୋର କିଶୋରୀ ମାନଙ୍କର ଓଜନ, ଉଚ୍ଚତା, ହେମୋଗ୍ଲୋବିନ ପରୀକ୍ଷା କରାଯାଇ ଥିଲା।ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ବାଲ୍ୟ ବିବାହ ରୋକିବା,ଶିଶୁ ଶୋଷଣରୁ ରକ୍ଷା କରିବା,ଘରୋଇ ହିଂସା ରୋକିବା, ଶିଶୁ ଚାଲାଣ କିପରି ରୋକିବା ଏହା ଉପରେ କିଶୋର କିଶୋରୀ ମାନଙ୍କୁ ସଚେତନତା ସହ ହେଲ୍ପ ଲାଇନ ନମ୍ବର ପ୍ରଦାନ କରାଯାଇ ଥିଲା।କିଶୋର କିଶୋରୀ ବାଳକ ବାଳିକାଙ୍କ ଠାରେ ଥିବା ଲୁକ୍କାୟିତ ପ୍ରତିଭା କିପରି ଉଜ୍ଜୀବିତ ହେବ ସେଥିପାଇଁ ସଙ୍ଗୀତ, ନାଚ ଓ ଖେଳ କୂଦ ପ୍ରତିଯୋଗିତାମାନ କରାଯାଇ ଥିଲା।ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ଓ ହେଲ୍ ପର ପ୍ରମୁଖ ଉପସ୍ଥିତ ଥିଲେ।ବି ସୀତା ପୁରର ଅଙ୍ଗନବାଡି କର୍ମୀ ପୁଷ୍ପାଞ୍ଜଳି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆକାଶ ଛୁଆଁ ଫଳ ଦର: ଫିକା ପଡୁଛି ସାବିତ୍ରୀ ବେପାର

ବାଲିପାଟଣା(ମହାଭାରତ): ଆସନ୍ତା ସାବିତ୍ରୀ ବ୍ରତକୁ ନେଇ ଏବେ ଗାଁ ଠାରୁ ସହର ପର୍ଯ୍ୟନ୍ତ ଚାଲିଛି ଜୋରଦାର ପ୍ରସ୍ତୁତି। ବିବାହିତ ମହିଳାମାନେ ପତିଙ୍କ ଦୀର୍ଘାୟୁ କାମନା କରି ପାଳନ କରୁଥିବା ଏହି ପବିତ୍ର ପର୍ବ ପାଇଁ ହାଟବଜାରରେ ବଢ଼ିଛି ଭିଡ଼।ବଜାର ରେ ଏବେ ଫଳ ଦର ଆକାଶଛୁଆଁ ହୋଇଛି। ହେଲେ ଆମର ଓଡ଼ିଆ ପରମ୍ପରା ଆଗରେ ଫିକା ପଡ଼ିଛି ଆକାଶଛୁଆଁ ଦର। ଫଳ, ସାବିତ୍ରୀ ପୂଜା ସାମଗ୍ରୀ, ଶାଢ଼ୀ, ଶଙ୍ଖା, ସିନ୍ଦୂର ଓ ପୂଜା ଉପକରଣ କିଣିବାରେ ମହିଳାମାନେ ବ୍ୟସ୍ତ ଦେଖାଯାଉଛନ୍ତି।ବଜାରରେ ଆମ୍ବ, କଦଳୀ, ନଡ଼ିଆ, ଖଜୁରୀ ଓ ବିଭିନ୍ନ ପୂଜା ସାମଗ୍ରୀର ଚାହିଦା ବଢ଼ିଥିବାରୁ ବ୍ୟବସାୟୀମାନଙ୍କ ମୁହଁରେ ହସ ଫୁଟିଛି। ବଜାର ରେ ଲିଚୁକୋଳିର ଦାମ୍



୨୦୦ରୁ ୨୫୦ ଥିବାବେଳେ କଦଳୀ ଡର୍ଜନ ୧୦୦ରୁ ୨୦୦ଟଙ୍କା ,ନଡ଼ିଆ ୫୦ଟଙ୍କା,ଆମ୍ବ ୧୦୦ରୁ ୧୫୦ଟଙ୍କା, ଅଙ୍ଗୁର ୧୫୦ ରୁ ୨୦୦ଟଙ୍କା , ପଣସ ୨୦୦ଟଙ୍କା,ସେଉ ୨୫୦ଟଙ୍କା, ସପୁରୀ ୧୦୦ଟଙ୍କା ଇତ୍ୟାଦି ରହିଛି।କଦଳୀ,ଆମ୍ବ,ପଣସ କୁ ଛାଡ଼ିଦେଲେ ବାକି ଫଳ ସବୁ ବାହାରୁ ଆସୁଥିବାରୁ ଚଢ଼ା ଦରରେ ରେ ବିକ୍ରି ହେଉଛି। ଏପଟେ ବିଧିପାଇଁ ଫଳ ବାଧ୍ୟତା ମୂଳକ ଥିବାରୁ ଗ୍ରାହକ କେଉଁ ଫଳରୁ କେତେ କିଣିବ ତାକୁ ନେଇ ଦ୍ୱନ୍ଦରେ। ସାବିତ୍ରୀ ବ୍ରତ ସହ ଜଡ଼ିତ ପୌରାଣିକ କଥା ଅନୁଯାୟୀ, ସତୀ ସାବିତ୍ରୀ ନିଜ ଭକ୍ତି ଓ ସତୀତ୍ୱ ବଳରେ ଯମରାଜଙ୍କୁ ପ୍ରସନ୍ନ କରି ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ସେହି ଦିନଠାରୁ ଏହି ବ୍ରତ ନାରୀମାନଙ୍କ ମଧ୍ୟରେ ଆସ୍ଥା ଓ ଭକ୍ତିର ପ୍ରତୀକ ଭାବେ ପାଳନ ହୋଇଆସୁଛି।ଆଧୁନିକତାର ପ୍ରଭାବ ଥିଲେ ମଧ୍ୟ ଓଡ଼ିଆ ପରମ୍ପରା ଓ ସଂସ୍କୃତି ପ୍ରତି ନାରୀମାନଙ୍କ ଆସ୍ଥା ଏବେ ମଧ୍ୟ ଅତୁଟ ରହିଛି। ସାବିତ୍ରୀ ବ୍ରତକୁ ନେଇ ଘରେ ଘରେ ଉତ୍ସାହ ଦେଖାଯାଉଥିବା ବେଳେ ଏହି ପର୍ବ ପରିବାରିକ ସମ୍ପର୍କ ଓ ଆଧ୍ୟାତ୍ମିକ ଭାବନାକୁ ଆହୁରି ମଜବୁତ କରୁଥିବା ଦେଖିବାକୁ ମିଳୁଛି।

## କଳିଙ୍ଗ ରୋଡ଼ ମୁଖ୍ୟ ରାସ୍ତାରୁ ଅଜଣା ମୃତ ଦେହ ଉଦ୍ଧାର

ଆସିକା(ମହାଭାରତ) :ଆସିକା କଳିଙ୍ଗ ରୋଡ଼ କଡ଼ରୁ ଅଜଣା ମୃତ ଦେହ ପୋଲିସ ଉଦ୍ଧାର କରଛି। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଘଟଣା ସ୍ଥଳରେ ଆସିକା ପୋଲିସ ପହଞ୍ଚି ମୃତ ଦେହକୁ ଜବତ କରି ଆସିକା ସବଡ଼ିଭିଜନ ଡାକ୍ତରଖାନାକୁ ଆଣିଥିଲା ଏଠାରେ କାର୍ଯ୍ୟରତ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।ଏନେଇ ଆସିକା ଥାନା କେସ ନମ୍ବର ୧୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ କୁ ସ୍ଥାନାନ୍ତରିତ କରିଛି।ପ୍ରକାଶ ଥାଉକି ମୃତକ ଜଣକ ଜଣେ ମାନସିକ ବିକୃତ ବ୍ୟକ୍ତି ସେ କିଛି ଦିନ ହେବ ଆସିକା ଅଞ୍ଚଳରେ ଘୁରି ବୁଲୁଥିଲା। ସେ ଏକ ଫୁଲ ପ୍ୟାଣ୍ଟ ଓ ହାଫ ସାର୍ଟ ଓ ବେକରେ ଗୁଡିଏ ମାଳି ପିନ୍ଧିଥିଲେ।

## ଆସିକା ଏସଡ଼ିପିଓ ସନ୍ତୋଷ କୁମାର ଜେନାଙ୍କ ରାତିଅଧିଆ ନିଲମ୍ବନ



ଆସିକା(ମହାଭାରତ): ବହୁ ବିବାଦୀୟ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା ଙ୍କ ନାମରେ ଗତକାଲି ରାଜ୍ୟ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପକ୍ଷରୁ ପତ୍ର ସଂଖ୍ୟା ୧୬୨୩୬ ତାରିଖ ୧୨/୦୫/୨୦୨୬ ପ୍ରକାରେ ନିଲମ୍ବନ ଆଦେଶ ଜାରି ହୋଇଛି। ଆସିକା ଉପଖଣ୍ଡ ଅଧୀନରେ ଥିବା ଆଠଟି ପୋଲିସ ଥାନା ଇଲାକାରେ ଥିବା କେତେକ ଥାନାରେ ଅସାମାଜିକ କାର୍ଯ୍ୟକଳାପ ହତ୍ୟା,ଡକାୟତି, ବଳାତ୍କାର, ଚୋରା ବନ୍ଧୁକ ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବା ସାଙ୍ଗକୁ ନିକଟରେ ହିଞ୍ଜିଳିକାଟୁ ଥାନା ଅଧୀନ କେ.ଖରିଡା ଗ୍ରାମରେ ପ୍ରେମିକଙ୍କ ଘର ଆଗରେ ପ୍ରେମିକଙ୍କ ଭାଇ ଠିଆ କୋଡ଼ିରେ ଗର୍ଭବତୀ ଭାଉଜକୁ ନିଜ ଛୁଆ ଆଗରେ ହତ୍ୟା କରିଥିବା ଘଟଣା ଓଡ଼ିଶାରେ ଚାଞ୍ଚଲ୍ୟ ଘଟେଇ ଦେଇଥିବା ସହିତ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଅନୁଧ୍ୟାନ କରି ଏହି ନିଲମ୍ବନ କରାଯାଇଛି। ପ୍ରକାଶ ଥାଉକି ସନ୍ତୋଷ କୁମାର ଜେନା ୦୧/୧୨/୨୦୧୭ ରୁ ୨୬/୦୨/୨୦୧୯ ପର୍ଯ୍ୟନ୍ତ ଆସିକା ଥାନାରେ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସେହି ହୋଇଥିବା ସାଧାରଣ ନିର୍ବାଚନ ସମୟରେ ଆସିକା କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ବହୁ ବିବାଦୀୟ ମଦ ମାଫିଆ ମନୋଜ କୁମାର ଜେନା ହତ୍ୟା ସହ ଅନେକ ମାଫିଆ ମାନଙ୍କ ସମ୍ପର୍କ ରଖି ଚର୍ଚ୍ଚା କୁ ଆସିଥିଲେ।ଏହାପରେ ପୁଣି ରାଜନୈତିକ ହାତବାରିସୀ କରି ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଭାବେ ୧୭/୦୨/୨୦୨୫ ଠାରୁ ଗତକାଲି ଅର୍ଥାତ ୧୨/୦୫/୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। ଏହି ସମୟରେ ଆସିକା ଉପଖଣ୍ଡ ପୋଲିସ ଅଧୀନରେ ଆସିକା, ହିଞ୍ଜିଳିକାଟୁ, ଶେରଗଡ଼, ବଡ଼ଗଡ଼, ସୋରଡ଼ା, ଧରାକୋଟ ପାଟପୁର, କୋଟିନଡ଼ା ଥାନା ଇଲାକାରେ ଜଣେ ପୁରୁଣା ପୋଲିସ ଅଧିକାରୀ ଭାବେ ଅସାମାଜିକ କାର୍ଯ୍ୟକଳାପ ରୋକବା ଶାନ୍ତି ଶୃଙ୍ଖଳା ରକ୍ଷା କରିବା ତ ଦୂରର କଥା ପୁରୁଣା ଅସାମାଜିକ ଗୋଷ୍ଠୀ ସେମାନଙ୍କ କାୟା ବିସ୍ତାର କରିବା ଦେଖିବାକୁ ମିଳିଥିଲା। ଅସାମାଜିକ ମାନେ ପୂର୍ବ ଭଳି ଗୋଷ୍ଠୀ ବନେଇ ଅବାଧରେ ଚୋରା ବନ୍ଧୁକ ଧରି ସେମନଙ୍କ କାୟା ମେଲାଇ ଚାଲିଥିଲେ। ଏହାକୁ ରୋକିବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକାରୀ ଅନେକ ଥର ଉପଖଣ୍ଡ ପୋଲିସ ଅଧିକାରୀ ଙ୍କୁ ତାଗିଦ କରିଥିଲେ ମଧ୍ୟ ସନ୍ତୋଷ କୁମାର ଜେନା ଏହାକୁ ଖାତିର କରିନଥିଲେ। ଆସିକା ଉପଖଣ୍ଡ ଅଧୀନ ଥାନା ଗୁଡିକରେ ମଦ ମାଫିଆ, ବାଲି ମାଫିଆ,ପଥର ମାଫିଆ, ଚୋରା ସୁନା ଚଲାଣ,ଗଞ୍ଜେଇ ଚୋରା ଚାଲାଣ, ଚୋରା ମଦ ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଥିଲା।

## ଗଡିଆରେ ବୁଡି ଦୁଇ ବର୍ଷର ଶିଶୁର ମୃତ୍ୟୁ, ଗ୍ରାମରେ ଶୋକର ଛାୟା

କରଞ୍ଜିଆ,(ମହହାଭାରତ):ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ତରାମରା ଗ୍ରାମରେ ଏକ ହୃଦୟବିଦାରକ ଘଟଣା ଘଟିଛି। ପାଣିରେ ବୁଡି ଦୁଇ ବର୍ଷର ଏକ ଶିଶୁର ମୃତ୍ୟୁ ଘଟିଥିବାରୁ ଗାଁରେ ଶୋକର ପରିବେଶ ସୃଷ୍ଟି ହୋଇଛି। ମୃତ ଶିଶୁଟି ହେଲେ ତରାମରା ଗ୍ରାମର ରଞ୍ଜିତ ନାଏକ ଙ୍କ ଦୁଇ ବର୍ଷର ପୁଅ ଆକାଶ ନାଏକ। ସୂଚନା ଅନୁସାରେ, ବୁଧବାର ଦିନ ଘରୋଇ କାମ ପାଇଁ ରଞ୍ଜିତ ନାଏକ ନିଜ ଘର ପାଖରେ ଥିବା ଏକ ଗଡ଼ିଆରୁ ପାଣି ଆଣି କାମ କରୁଥିଲେ। ସେହି ସମୟରେ ଛୋଟ ଶିଶୁ ଆକାଶ ଗଡ଼ିଆ ନିକଟରେ ଖେଳୁଥିଲା। ପରିବାର ଲୋକଙ୍କ ଧ୍ୟାନ ଅନ୍ୟତ୍ର ଥିବା ବେଳେ, ଖେଳୁ ଖେଳୁ ସେ କେବେ ପାଣିରେ ପଡ଼ି ବୁଡି ଯାଇଥିଲା, ତାହା କାହାର ଧ୍ୟାନକୁ ଆସିନଥିଲାୟକିଛି ସମୟ ପରେ ଶିଶୁଟି ନ ଦେଖା ଯିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ।ପରେ ଗଡ଼ିଆ ଭିତରେ ଶିଶୁଟି ପଡ଼ିଥିବା ଦେଖି ତୁରନ୍ତ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକ ବାଇକ ଯୋଗେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେୟ ସେଠାରେ ଡାକ୍ତର ପରୀକ୍ଷା ପରେ ଆକାଶଙ୍କୁ ମୃତ ଘୋଷଣା କରିଥିଲେ।

## ଧରିତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ ଲୋକାର୍ପିତ



ଦଶପଲ୍ଲା,(ମହାଭାରତ) :ଗ୍ରାମୀଣ ସ୍ତରରେ ମହିଳା ମାନଙ୍କ ସାମାଜିକ ଅର୍ଥନୈତିକ ଓ ସ୍ୱରୋଜଗାର ବୃଦ୍ଧି କରିବା ସହିତ ନିଜ ଗ୍ରାମରେ କର୍ମନିଯୁକ୍ତି ସୃଷ୍ଟି କରିବା,ମହିଳା ସଶକ୍ତକରଣ କରିବା, ଜଙ୍ଗଲ ଓ ପରିବେଶ ସୁରକ୍ଷା କରିବା, ବୃକ୍ଷରୋପଣ କରିବା, ବାଲ୍ୟ ବିବାହ ବନ୍ଦ କରିବା, ସ୍ୱାସ୍ଥ୍ୟ, ଶିକ୍ଷା ଓ ସ୍ୱଚ୍ଛତା ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ପ୍ରକଳ୍ପ ଅଧିକାର ଦଶପଲ୍ଲା ଦ୍ୱାରା ଧରିତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ ତେଣ୍ଡାବାଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡାପାଜୁ ଗ୍ରାମରେ ସଭାନେତ୍ରୀ କିରଣ ବାଳା ବେହେରାଙ୍କ କର କମଳରେ ଆଜି ଆନୁଷ୍ଠାନିକ ଭାବେ ଲୋକାର୍ପଣ ହୋଇଯାଇଛି। ଧରିତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଯଥାକ୍ରମେ ଅନିତା ଯାନୀ, ସୁମିତ୍ରା ଯାନୀ,ଶୁଭଶ୍ରୀ ଯାନୀ, କୁନ୍ତଳା ବେହେରା, ସୁଭଦ୍ରା ବେହେରା,ପ୍ରଭାତୀ ମଳିକ,ସସ୍ମିତା ସାହୁ ଓ ସୁନିତା ମାଝୀଙ୍କ ଉପସ୍ଥିତିରେ ସମ୍ପାଦିକା ରଂଜିତା ବେହେରାଙ୍କ ପୌରାହିତ୍ୟରେ ଏବଂ ଅଧିକାର ମିତ୍ର ଶ୍ରୀମତୀ ଉର୍ମିଳା ଯାନୀଙ୍କ ଆୟୋଜନ କ୍ରମେ ଏ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ପ୍ରକଳ୍ପ ଅଧିକାର, ଦଶପଲ୍ଲା ଶାଖା ପରିଚାଳକ ପ୍ରଭାତ କୁମାର ସାହୁ ନାରୀ ଅଧିକାର ଓ ସେମାନଙ୍କ ପାଇଁ ଥିବା ସାମାଜିକ ଓ ପରିବାର ମଙ୍ଗଳ ଯୋଜନା ବିଷୟରେ ଅବଗତ କରିଥିବା ବେଳେ ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ଜଙ୍ଗଲ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କ ଭୂମିକା ଉପରେ ଆଧାରିତ ସଚେତନତା ଗୀତ ପରିବେଷଣ କରିଥିଲେ। ଶେଷରେ ମନୋରଞ୍ଜନ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ଗ୍ରାମୀଣ ବିକାଶ ପାଇଁ ଏ ଧରିତ୍ରୀ ମହିଳା ଗୋଷ୍ଠୀ ନିଷ୍ଠାପର ସହିତ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ।

## ବିଳମ୍ବରେ ଆରମ୍ଭ ହେଲା ଠାକୁରମୁଣ୍ଡା ପଞ୍ଚାୟତ ସମିତିର ବୈଠକ



କରଞ୍ଜିଆ,(ମହାଭାରତ): ଠାକୁରମୁଣ୍ଡା ପଞ୍ଚାୟତ ସମିତି ର ୧୦ମ ସମିତି ବୈଠକ ବୁଧବାର ଦିନ ପଞ୍ଚାୟତ ସମିତିର ସଭା ଗୃହରେ ଦୁଇ ଘଣ୍ଟା ବିଳମ୍ବରେ ଅନୁଷ୍ଠିତ ହୋଇ ଯାଇଛି। ଚିଠି ରେ ପୂର୍ବାହ୍ନ ୮ ଘଟିକା ରୁ ବୈଠକ ଆରମ୍ଭ ହେବା ପାଇଁ ଉଲ୍ଲେଖ ରହିଥିବା ବେଳେ କିଛି ଅଧିକାରୀ ଓ ଜନପ୍ରତିନିଧି ମାନେ ବିଳମ୍ବରେ ପହଞ୍ଚି ବାରୁ ୧୦.୧୦ ରୁ ବୈଠକ ଆରମ୍ଭ ହୋଇଥିଲା। ଯାହାକୁ ନେଇ କରଞ୍ଜିଆ ବିଧାୟକ ଦୁଃଖ ପ୍ରକାଶ କରିଥିଲେ। ପଞ୍ଚାୟତ ସମିତି ର ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, କେନ୍ଦୁଝର ସାଂସଦ ଙ୍କ ବ୍ଲକ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ,ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତ,ବିଡ଼ିଓ ସପ୍ନେଶ୍ୱର ବେହେରା ଯୋଗ ଦେଇଥିଲେ।ବୈଠକ ପ୍ରାରମ୍ଭ ରେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଯଜ୍ଞପ୍ରଭା ମିଶ୍ର ପୂର୍ବ ସମିତି ବୈଠକ ର ବିବରଣୀ କୁ ପାଠ କରିଥିଲେ।ପରେ ୧୬ ଗୋଟି ଆଲୋଚ୍ୟ ବିଷୟ ବସ୍ତୁ ଉପରେ ବୈଠକରେ ଆଲୋଚନା ହୋଇଥିଲା।ଏଥିରେ ମୁଖ୍ୟତଃ କୃଷି,ପଶୁ ସମ୍ପଦ,ଶିକ୍ଷା,ସ୍ୱାସ୍ଥ୍ୟ, ଶିଶୁ ବିକାଶ, ଉଦ୍ୟାନ କୃଷି,ମତ୍ସ୍ୟ ଚାଷ,ବିଦ୍ୟୁତ,ଜଙ୍ଗଲ,ମୃତ୍ତିକା ସଂରକ୍ଷଣ, ଶିଶୁ ବିକାଶ,ଉନ୍ନୟନ କାର୍ଯ୍ୟ,ପାନୀୟଜଳ, ସାଧାରଣ ବଣ୍ଟନ ,ସାମାଜିକ ସୁରକ୍ଷା,,ମଙ୍ଗଳ ବିଭାଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆଲୋଚ୍ୟ ସମସ୍ତ ବିଷୟ ବସ୍ତୁ ଉପରେ ସମିତି ସଭ୍ୟ/ସଭ୍ୟା, ସରପଞ୍ଚ ମାନେ ନିଜ ନିଜ ଗ୍ରାମପଞ୍ଚାୟତ ଗୁଡିକ ରେ ଥିବା ସମସ୍ୟା ଗୁଡିକ ଆଲୋକପାତ କରିଥିଲେ। ଉପସ୍ଥିତ ସଂପୃକ୍ତ ବିଭାଗ ର ଅଧିକାରୀ ମାନେ ନିଜ ନିଜ ବିଭାଗ ରେ କାର୍ଯ୍ୟକାରୀ ହେଉଥିବା ବା ହେବାକୁ ଥିବା ସରକାରୀ ଯୋଜନା ଗୁଡିକୁ ଅବଗତ କରାଇଥିଲେ। ପଞ୍ଚାୟତ ସଭ୍ୟ ମାନଙ୍କ ଦ୍ୱାରା ଉତ୍ଥାପନ କରାଯାଇଥିବା ସମସ୍ୟା ଗୁଡିକ ର ସମାଧାନ ନିମନ୍ତେ ବିଭାଗ ର ଅଧିକାରୀ ମାନେ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ସେ ବିଷୟରେ ବୈଠକରେ ସୂଚନା ଦେଇଥିଲେ। ପଞ୍ଚାୟତ ପ୍ରତିନିଧି ମାନଙ୍କ ପକ୍ଷରୁ ନୂତନ ଅଙ୍ଗନବାଡି କେନ୍ଦ୍ର ସ୍ଥାପନ,ବିଦ୍ୟାଳୟ ଗୁଡିକ ରେ ଥିବା ସମସ୍ୟା, ବିଦ୍ୟୁତ ସମ୍ପର୍କିତ ସମସ୍ୟା,ପାନୀୟଜଳ ସମସ୍ୟା ବିଷୟ ରେ ବିଶେଷ ଆଲୋଚନା ହୋଇଥିଲା। ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ବର୍ହିବିଭାଗ ଦିନ ୧୧ ଟା ରେ ବନ୍ଦ ରହୁଥିବା ରୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ମାନେ ଡାକ୍ତର ଙ୍କୁ ଦେଖାଇ ପାରୁ ନ ଥିବାରୁ ଏଥି ପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ପ୍ରସ୍ତାବ ଆସିଥିଲା।ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ବର୍ତ୍ତମାନ ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ମିଶାଇ ମାତ୍ର ୨ ଜଣ ଡାକ୍ତର ଥିବା ନେଇ ସ୍ୱାସ୍ଥ୍ୟ କେନ୍ଦ୍ରର ବି. ପି ଏମ ସତ୍ୟରଞ୍ଜନ ଦାଶ ପ୍ରକାଶ କରିଥିଲେ। ଏନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଉପାଧ୍ୟକ ସନ୍ତଶ କୁମାର ମହାନ୍ତ ସେମିତି ବୈଠକ ରେ ସେମିତି ସଭ୍ୟ ମାନଙ୍କୁ ଉଚିତ ସମ୍ମାନ ମିଳୁନି ନାହିଁ କୁ ବସିବା ପାଇଁ ଚଉକି ମିଳୁ ନଥିବାରୁ ଦୁଃଖ ପ୍ରକାଶ କରିଥିଲେ। ସମିତି ବୈଠକରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ,ସିଡିପିଓ ପ୍ରେମାଲତା ସେଠୀ,ବିଭିନ୍ନ ବିଭାଗର ଅଧିକାରୀ, ବ୍ଲକ ର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ ପାତ୍ର ବୈଠକ ରେ ଯୋଗ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କୃଷ୍ଣପ୍ରସାଦ ଥାନା ପକ୍ଷରୁ ଜୁଭେଣ୍ଟିକା ସଚେତନତା କର୍ମଶାଳା

କୃଷ୍ଣପ୍ରସାଦ(ମହାଭାରତ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ କିଶୋରୀ ବାଳିକାଙ୍କ ସୁରକ୍ଷା, ଚପମୁକ୍ତ ଜୀବନରୁ ମୁକ୍ତ ରଖିବା ପାଇଁ ଜୁଭେଣ୍ଟିକା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଥାନା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କିଶୋରୀ ବାଳିକା, ମହିଳା, ଅଙ୍ଗନବାଡି କର୍ମୀ, ପ୍ରମୁଖ ଯୋଗ ଦେଇଥିଲେ କିଶୋରୀ ବାଳିକା ଓ ମହିଳା ମାନଙ୍କ ପ୍ରତି ବୃଦ୍ଧି ପାଉଥିବା ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ରଖିବା, ଚପମୁକ୍ତ ହୋଇ ନିଜର ପ୍ରତିଭା ବିକାଶ କରିବା, ଅପରାଧିକ କାର୍ଯ୍ୟକଳାପ ଓ ସାଇବର ଠକାମିର ଶିକାର ହେଲେ ନିର୍ଭୟରେ ପୁଲିସକୁ ତଥ୍ୟ ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ବିକଶିତ ସମାଜ ଗଠନରେ ବ୍ରତୀ ହେବାକୁ ଥାନା ଅଧିକାରୀ ଶ୍ରୀ ପ୍ରଧାନ ସଚେତନ କରାଇଥିଲେ । ବୈଠକରେ ଏସଆଇ ନାରାୟଣ ରେଡି, ପ୍ରଫୁଲ୍ଲ କୁମାର ନାୟକ, ଶିଶୁ ମଙ୍ଗଳ ପୁଲିସ ଅଧିକାରୀ ବ୍ରଜମୋହନ ଜେନା ପ୍ରମୁଖ ପୁଲିସ କର୍ମଚାରୀ ଉପସ୍ଥିତ ରହି ଉତ୍ସାହିତ କରିବା ସହ ଆଇନରେ ଥିବା ବ୍ୟବସ୍ଥା,ଧାରା, ଦଣ୍ଡବିଧାନ ସମ୍ପର୍କରେ ପ୍ରବର୍ତ୍ତାଇଥିଲେ।

## କୃଷ୍ଣପ୍ରସାଦରେ ଚନ୍ଦନ ଯାତ୍ରା ମହୋତ୍ସବ ଉଦଯାପିତ

କୃଷ୍ଣପ୍ରସାଦ(ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାଞ୍ଚ ମୌଜା ପରିଚାଳନା କମିଟି ତରଫରୁ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଶତାୟୁ ଚନ୍ଦନ ଯାତ୍ରା ମହୋତ୍ସବ ମହାସମାରୋହରେ ଉଦଯାପିତ ହୋଇଯାଇଛି ।ଏହି ମହୋତ୍ସବ ୬ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା । ଏଥି ନିମନ୍ତେ ଇପିଙ୍ଗ ସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପରିସରକୁ ରଙ୍ଗ ବେରଙ୍ଗ ଆଲୋକ ମାଳରେ ସଜ୍ଜିତ କରାଯାଇଥିଲା । ଏହି ଅବସରରେ ବିଗ୍ରହ ମାନଙ୍କ ଚନ୍ଦନ ପୁଷ୍କରିଣୀରେ ଚପ ଖେଳ ସହିତ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରତ୍ୟହ ସନ୍ଧ୍ୟାରେ ସମରକଳା ପାଇକ ଆଖଡ଼ା, ସଂକୀର୍ତ୍ତନ ସହିତ ରାତ୍ର ସମୟରେ ମନୋରଞ୍ଜନ ନିମନ୍ତେ ପ୍ରତିଷ୍ଠିତ ଅପେରା ପାର୍ଟି ଖୋଲା ମଞ୍ଚରେ ନାଟକ ପରିବେଷଣ କରିଥିଲେ। ଏହାକୁ ଉପଭୋଗ କରିବା ନିମନ୍ତେ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

## ବିଜେଡି ଗଡ଼ରେ ପଦ୍ମ ଧରିଲେ ୪୫ ପରିବାର



ଅସ୍ତରଙ୍ଗ,(ମହାଭାରତ): କାକଟପୁର ନିର୍ବାଚନ ମଣ୍ଡଳୀରେ ଅସ୍ତରଙ୍ଗ ବିଜେପିରେ ମିଶ୍ରଣ ପର୍ବ ଜାରିରହିଛି। ଶିଶୁଅ ପଞ୍ଚାୟତରୁ ୪୫ ପରିବାର ବିଜେପିରେ ମିଶିଛନ୍ତି । ଏନେଇ ବିଜେପି ନେତା ଦିବାକର ଛାଟୋଇ ଓ ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକଙ୍କ ନେତୃତ୍ୱରେ ଶିଶୁଅ ଗାଦିବ୍ରହ୍ମ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏହି ବୈଠକରେ ଜୋନ୍-୧ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନା,ଜୋନ୍-୨ ମଣ୍ଡଳ ସଭାପତି ନରେଶ ପତି,ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି,ବିଜେପି ନେତା ଅଧିକାରୀ ବେହେରା ସମେତ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ ସ୍ଥାନୀୟ ଅଞ୍ଚଳରୁ କେତେକ ଲୋକ ନିଜର ମତ ପରିବର୍ତ୍ତନ କରି ବିଜେପିରେ ମିଶିବା ଦେଖିବାକୁ ମିଳିଛି ସ୍ୱେଚ୍ଛାକୃତ ଭାବେ ଦଳ ପରିବର୍ତ୍ତନ କରି ଗେରୁଆ ଟୋପି ପିନ୍ଧିବା ସହ ବିଧିବଦ୍ଧ ଭାବେ ଦଳରେ ମିଶି ବିଜେପି ନେତାଙ୍କ ସହ ହାତ ମିଳାଇବା ଦେଖିବାକୁ ମିଳିଥିଲା ଏମାନଙ୍କ ମଧ୍ୟରେ ଦୁର୍ଯ୍ୟୋଧନ ସ୍ୱାଇଁ (ସଭାପତି),ତରୁଣପ୍ରଧାନ(ସମ୍ପାଦକ),ଦେବ ପରିଡା ବବୁଲ ଭଟ୍ଟ,ଗୁଡୁ ଭଟ୍ଟ, ମନୋଜ ଭଟ୍ଟ,ଶ୍ରୀଧର ଭଟ୍ଟ,ପିଣ୍ଟୁ ବେହେରା,ବାବୁ ବେହେରା, ପ୍ରମୁଖ ୪୫ ପରିବାର ବିଜେପିରେ ମିଶିବା ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ ସୂଚନା ଦେଇଛନ୍ତି।

### ଦଶପଲ୍ଲାରେ ବିଦ୍ୟୁତ ସମସ୍ୟା

# ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ପାଇଁ ଦାବି

ଦଶପଲ୍ଲା(ମହାଭାରତ): ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୦୮ ନମ୍ବର ୱାର୍ଡ ଯୋଗୀବନ୍ଧ ସାହିର ବାସିନ୍ଦାମାନେ ବିଦ୍ୟୁତ ସେବାରେ ବ୍ୟାଘାତ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନେ ଟିପିସିଓଡିଏଲ୍ ର ବିଦ୍ୟୁତ ବିଭାଗୀୟ ଏସ.ଡି.ଓ. ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯୋଗୀବନ୍ଧ ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ସହିତ ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି।ମାତ୍ର ବର୍ତ୍ତମାନ ସେଠାରେ ଲାଗିଥିବା ୧୦ କେଭି କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମରଟି



ଆବଶ୍ୟକୀୟ ବିଦ୍ୟୁତ ଯୋଗାଇବାରେ ଅକ୍ଷମ ହେଉଛି। ଏହି କମ୍ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ଯୋଗୁଁ ଅଞ୍ଚଳରେ ବାରମ୍ବାର 'ଲୋ-ଭୋଲଟେଜ୍' ସମସ୍ୟା ଦେଖାଦେଉଛି। ବିଶେଷ କରି ଚଳିତ ଗ୍ରୀଷ୍ମ ଋତୁରେ ଭୋଲଟେଜ୍ କମ୍ ରହୁଥିବାରୁ ଘରୋଇ ବୈଦ୍ୟୁତିକ ଉପକରଣଗୁଡ଼ିକ ଠିକ୍ ଭାବେ ଚାଲିପାରୁ ନାହିଁ ଏବଂ ଅନେକ ସମୟରେ ନଷ୍ଟ ମଧ୍ୟ ହେଉଛି। ଅସହ୍ୟ ଗରମ ମଧ୍ୟରେ ବିଦ୍ୟୁତ ସେବାର ଏଭଳି ଦୁରାବସ୍ଥା ଯୋଗୁଁ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି। ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ସେଠାରେ ଥିବା ପୁରୁଣା ୧୦ କେଭି ଟ୍ରାନ୍ସଫର୍ମର ବଦଳରେ ଏକ ନୂତନ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ତୁରନ୍ତ ସ୍ଥାପନ କରିବାକୁ ବାସିନ୍ଦାମାନେ ଅନୁରୋଧ କରିଛନ୍ତି।ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ବାହାଘର ଦିନ କନ୍ୟାଙ୍କ ଦୁର୍ଘଟଣା , କନ୍ୟାଙ୍କ ସିନ୍ଥିରେ ସିନ୍ଦୁର ଭରିଲେ ବର

ଗୋରଖପୁର : ବାହାଘର ଦିନ କନ୍ୟାଙ୍କ ସଡକ ଦୁର୍ଘଟଣା । ଗୋରଖପୁର ରେ ଏକ ଭିନ୍ନ ଧରଣର ବିବାହ ଘଟଣା ସମ୍ନାକୁ ଆସିଛି । ଯେଉଁଥିରେ ଓଉଟରେ ଅଚେତ କନ୍ୟାଙ୍କୁ ବିବାହ କରିଛନ୍ତି ବର । ଏଠାରେ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ବିବାହ ହୋଇଛି । ଏହି ସମୟରେ କନ୍ୟା ହସ୍ପିଟାଲର



ପୋଷାକ ପିନ୍ଧିଥିବା ନଜରକୁ ଆସିଛନ୍ତି । ଏହି ଅନନ୍ୟ ବିବାହ କାର୍ଯ୍ୟରେ ଡ଼ାକ୍ତର ଏବଂ ନର୍ସ ମଧ୍ୟ ସାକ୍ଷୀ ଭାବରେ ଉପସ୍ଥିତ ଅଛନ୍ତି । ପରେ ବର ଓ କନ୍ୟା ଉଭୟ ଗାଁକୁ ଯାଇ ବିବାହର ଅନ୍ୟ ରୀତିନୀତି ସମ୍ପୂର୍ଣ୍ଣ କରିଛନ୍ତି ।

ଖବର ଅନୁସାରେ ଗୋରଖପୁର ର ହଟବର ଗାଁର ନିବାସି ପୂଜା ଯାଦବଙ୍କ ବିବାହ ମହାଦେବା ନିବାସୀ ସନ୍ନୀ ଯାଦବଙ୍କ ସହିତ ବିବାହ ଲଗ୍ନ ସ୍ଥିର ହୋଇଥିଲା । ଶୁଭ ଲଗ୍ନ ଅନୁସାରେ ୧୩ ମେ ୨୦୨୬ ରେ ବିବାହ କାର୍ଯ୍ୟ ସ୍ଥିର ହୋଇଥିଲା । ଏହି ଦିନ କନ୍ୟାଙ୍କ ଖଖଇ ପରୀକ୍ଷାର ଶେଷ ସେମିଷ୍ଟାର ଥିଲା । ସକାଳେ ସେ ତାଙ୍କ ଭାଇଙ୍କ ସହ ଖଲିଲାବାଦ ଠାରେ ଥିବା କଲେଜକୁ ପରୀକ୍ଷା ଦେବାକୁ ଯାଇଥିଲେ । ସେପଟେ ଘରେ ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ସରିଥାଏ । ପରୀକ୍ଷା ସରିବା ପରେ ଉଭୟ ଦିନ ୧୨ ଟା ସମୟରେ ବାଇକରେ ଘରକୁ ଫେରୁଥିଲେ । ସେହି ସମୟରେ ଅଚାନକ ଘଟଣା ଘଟିଥିଲା । ହଠାତ ପୂଜାଙ୍କ ମୁଣ୍ଡ ବୁଲାଇଥିବାରୁ ସେ ରାସ୍ତାରେ ପଡିଯାଇଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ସେଠାରେ ତାଙ୍କ ଭାଇ ଘରକୁ ଖବର ଦେଇ ଭଉଣୀଙ୍କୁ ହସ୍ପିଟାଲକୁ ନେଇ ଯାଇଛନ୍ତି । ଗୋରଖପୁର ର ଦାଉଦପୁର ସ୍ଥିତ ଆର୍ଯ୍ୟନ ହସ୍ପିଟାଲରେ ତାଙ୍କର ଚିକିତ୍ସା ହେଉଛି । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଯୋଗୁ ତୁରନ୍ତ ଓଉଟ ରେ ଭର୍ତ୍ତି କରାଯାଇଛି । ଏହା ଶୁଣି ହସ୍ପିଟାଲରେ ପରିବାର ଲୋକଙ୍କ ଭିଡ ଲାଗି ରହିଛି ।ସେପଟେ ସନ୍ଧ୍ୟାରେ ବର ବାରତ ଧରି କନ୍ୟା ଘର ପାଖରେ ପହଞ୍ଚିଛି । ସେଠାରେ କେତେକ ରୀତିନୀତି ସାରିବା ପରେ ବର ପଣ୍ଡିତଙ୍କ ସହ ହସ୍ପିଟାଲରେ ପହଞ୍ଚିଛନ୍ତି । ଏଠାରେ ସେ ଓଉଟ ରେ କନ୍ୟାଙ୍କ ମଥାରେ ସିନ୍ଦୁର ଦେଇଛନ୍ତି । ପରେ ଗାଁକୁ ଫେରି ବିବାହର ଅନ୍ୟ ନୀତି ଗୁଡିକ ସମ୍ପୂର୍ଣ୍ଣ କରିଛନ୍ତି ।କନ୍ୟାଙ୍କ ଭାଇ କହିବା ଅନୁସାରେ ପୂଜା ଖଖଇ ପରୀକ୍ଷା ଦେବାକୁ ଯାଇଥିଲେ । ସେଠାରେ ଘରକୁ ଫେରିବା ସମୟରେ ଏଭଳି ଅଘଟଣ ଘଟିଥିଲା । ବରଙ୍କ ଏଭଳି ନିଷ୍ପତିକୁ ସବୁ ମୋହଲରୁ ପ୍ରଶଂସା ମିଳିଛି । ଓଉଟ ରେ ବିବାହ କରିବା ଏକ ବିରଳ ଘଟଣା ଏବେ ସମ୍ନାକୁ ଆସିଛି ।

## ପଞ୍ଚତତ୍ତ୍ୱରେ ବିଲୀନ ହେଲେ ପ୍ରତୀକ ଯାଦବ, ଶ୍ୱଶୁର ଦେଲେ ମୁଖାଗ୍ନି

ଲକ୍ଷ୍ନୌ : ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଲାୟମ ସିଂ ଯାଦବଙ୍କ ସାନ ପୁଅ ପ୍ରତୀକ ଯାଦବଙ୍କ ଅନ୍ତିମ ସଂସ୍କାର ଶେଷ ହୋଇଛି । ଗୁରୁବାର ଲକ୍ଷ୍ନୌର ବୈକୁଣ୍ଠଧାମରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଆଜି ସକାଳ ୧୧.୩୦ ମିନିଟରେ ସମାଜବାଦୀ ପାର୍ଟି ଅଫିସରୁ ଅନ୍ତିମ ଯାତ୍ରା ଆରମ୍ଭ ହୋଇ ବୈକୁଣ୍ଠଧାମ ଶ୍ମଶାନକୁ ଅଣାଯାଇଥିଲା । ଡିମ୍ପଲ ଯାଦବ, ଶିବପାଲ ଯାଦବ ସମତେ ପରିବାର ସହିତ ପ୍ରତୀକଙ୍କ ପତ୍ନୀ ଅପର୍ଣ୍ଣା ଯାଦବ ଉପସ୍ଥିତ ଥିଲେ ।

ପ୍ରତୀକ ଯାଦବଙ୍କୁ ମୃତ୍ୟୁ ବେଳକୁ ତାଙ୍କୁ ୩୮ ବର୍ଷ ବୟସ ହୋଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତାଙ୍କୁ ହସ୍ପିଟାଲକୁ ନିଆଯିବା ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ହସପିଟାଲରେ ଡାକ୍ତର ତାଙ୍କୁ ଆନୁଷ୍ଠାନିକ ଭାବରେ ମୃତ ଘୋଷଣା କରିଥିଲେ । ପ୍ରତୀକ ଯାଦବଙ୍କୁ ଅସୁସ୍ଥତା ଯୋଗୁଁ ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ଲକ୍ଷ୍ନୌର ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ହର୍ମୁଜ୍ ନିକଟରେ ଭାରତୀୟ ଜାହାଜ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ: ଭାରତ ଦେଲା କଡ଼ା ଚେତାବନୀ

ନୂଆଦିଲ୍ଲୀ: ବୁଧବାର ଦିନ ଓମାନ ଉପକୂଳରେ ଏକ ଭାରତୀୟ ପତାକା ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତ କଡ଼ା ନିନ୍ଦା କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଗୁରୁବାର ଏକ ବିବୃତି ଜାରି କରି କହିଛି ଯେ ଏପରି ଆକ୍ରମଣକୁ ସହ୍ୟ କରାଯାଇପାରିବ ନାହିଁ । ଏହା ଅସ୍ୱୀକାର୍ଯ୍ୟ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସରକାରୀ ବିବୃତୀ ଅନୁଯାୟୀ, ବୁଧବାର ଦିନ ଓମାନ ଉପକୂଳରେ ଏକ ଭାରତୀୟ ପତାକା ଜାହାଜ ଉପରେ ହୋଇଥିବା ଆକ୍ରମଣ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ । ଆମେ ବାଣିଜ୍ୟିକ ଜାହାଜ ଏବଂ ସାଧାରଣ ନାବିକମାନଙ୍କୁ ଲଗାତାର ଟାର୍ଗେଟ କରାଯାଉଥିବା ଘଟଣାର ନିନ୍ଦା କରୁଛୁ । ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ ସମସ୍ତ ଭାରତୀୟ କ୍ରୁ ସଦସ୍ୟ ସୁରକ୍ଷିତଥିବା ନିଶ୍ଚିତ କରି ଓମାନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି । ବିବୃତିରେ କୁହାଯାଇଛି ଯେ ଜାହାଜରେ ଥିବା ଭାରତୀୟ କ୍ରୁ ସୁରକ୍ଷିତ ଅଛନ୍ତି ଏବଂ ସେମାନଙ୍କୁ ଉଦ୍ଧାର କରିଥିବା ପାଇଁ ଆମେ ଓମାନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଉଛୁ । ଭାରତ ବାଣିଜ୍ୟିକ ଜାହାଜ ଚଳାଚଳକୁ ଟାର୍ଗେଟ କରିବା ଏବଂ ନିରୀହ ନାଗରିକ କ୍ରୁ ସଦସ୍ୟଙ୍କୁ ବିପଦରେ ପକାଇବା କିମ୍ବା ନୌପରିବହନ ଏବଂ ବାଣିଜ୍ୟର ସ୍ୱାଧୀନତାକୁ ବାଧା ଦେବାରୁ ନିବୃତ୍ତ ରହିବାର ଆବଶ୍ୟକତାକୁ ଦୋହରାଇଛି । ଏହି ଗୁଜରାଟୀ ମାଲବାହୀ ଜାହାଜଟି ଓମାନ ଉପକୂଳରେ ହର୍ମୁଜ ପ୍ରଣାଳୀରେ ବୁଡ଼ି ଯାଇଛି । 'ହାଜି ଅଲି' ନାମକ ଏହି ଜାହାଜଟି ମେ' ୧୩ ତାରିଖ ସକାଳେ ଓମାନ ଜଳପଥରେ ଗତି କରୁଥିଲା ବେଳେ ଏହା ଉପରେ ଏକ ଡ୍ରୋନ୍ କିମ୍ବା କ୍ଷେପଣାସ୍ତ୍ର ପରି ଅସ୍ତ୍ର ଆଘାତ କରିଥିଲା । ଦୁର୍ଘଟଣା ପରେ, ଜାହାଜରେ ନିଆଁ ଲାଗିଯାଇଥିଲା, କିନ୍ତୁ ଓମାନ ତଟରକ୍ଷୀ ବାହିନୀ ସମସ୍ତ ୧୪ ଜଣ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲା।

# ଏଲ୍‌ପିଜି ଚିନ୍ତା ଦୂର ହେବ!: କୋଇଲା ଗ୍ୟାସିଫିକେସନ୍ କରିବ ଭାରତ, ପାଖରେ ୪୦୦ ବର୍ଷର କୋଇଲା ଭଣ୍ଡାର

ନୂଆଦିଲ୍ଲୀ: ପ୍ରତ୍ୟେକ ବିପର୍ଯ୍ୟୟ ନିଜ ସହିତ ଏକ ସୁଯୋଗ ଆଣିଥାଏ । ଇରାନ ଯୁଦ୍ଧ ଏବଂ ପଶ୍ଚିମ ଏସିଆ ସଙ୍କଟ ଭାରତର ଶକ୍ତି ସୁରକ୍ଷା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି, ଏବଂ ସେଗୁଡ଼ିକୁ ସମାଧାନ କରିବା ପାଇଁ ବିଭିନ୍ନ ପ୍ରୟାସ ଚାଲିଛି । ଗ୍ୟାସ୍ ଅଭାବକୁ ଦୂର କରିବା ପାଇଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଏବେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । କୋଇଲାରୁ ଗ୍ୟାସ୍ ଉତ୍ପାଦନ କରିବା ପ୍ରକଳ୍ପକୁ ସରକାର ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଆଗାମୀ ୪-୫ ବର୍ଷ ମଧ୍ୟରେ କୋଇଲାକୁ ଗ୍ୟାସ୍‌ରେ ପରିଣତ କରି ଗ୍ୟାସ୍ ଆମଦାନି ହ୍ରାସ କରିବା । ଭାରତରେ ବର୍ତ୍ତମାନ ୪୦୦ ବିଲିୟନ ଟନ୍ ?ରୁ ଅଧିକ କୋଇଲା ଗଚ୍ଛିତ ଅଛି ।

ଦେଶର ବାର୍ଷିକ ବ୍ୟବହାର ପ୍ରାୟ ଏକ ବିଲିୟନ ଟନ୍ । ଏହା ସୂଚାଇ ଦିଏ ଯେ ଦେଶରେ ଅତି କମରେ ୪୦୦ ବର୍ଷ ପାଇଁ କୋଇଲା ଗଚ୍ଛିତ ଅଛି । ସେହିପରି, ୪୭ ବିଲିୟନ ଟନ୍ ଲିଗନାଇଟ୍ ଗଚ୍ଛିତ ମଧ୍ୟ ଉପଲବ୍ଧ । ଗ୍ୟାସ୍ ଯୋଗାଣ ପାଇଁ ଆମଦାନି ଉପରେ ନିର୍ଭରତା ହ୍ରାସ କରିବା ପାଇଁ ସରକାର ଏବେ ଏହି କୋଇଲାକୁ ଗ୍ୟାସ୍‌ରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ, ସରକାର ପ୍ରତିବର୍ଷ ପ୍ରାୟ ୭୫ ନିୟୁତ ଟନ୍ କୋଇଲାକୁ ଗ୍ୟାସ୍‌ରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ସରକାର ଦେଶର ବିଭିନ୍ନ ସ୍ଥାନରେ ୨୫ଟି କୋଇଲା ଚାଳିତ ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ଏକ ଯୋଜନାକୁ ଅନୁମୋଦନ କରିଛନ୍ତି । ଏହି ଯୋଜନା



ଅନୁଯାୟୀ, କୋଇଲା ଚାଳିତ ଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରୁଥିବା କମ୍ପାନି କିମ୍ବା ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସରକାର ପ୍ଲାଣ୍ଟର ମୋଟ୍ ମୂଲ୍ୟର ୨୦ ପ୍ରତିଶତ ସବସିଡି ଭାବରେ ପ୍ରଦାନ କରିବେ । ଆଗାମୀ ଚାରିରୁ ପାଞ୍ଚ ବର୍ଷ ମଧ୍ୟରେ କୋଇଲା ଚାଳିତ ଗ୍ୟାସ୍ ଉତ୍ପାଦନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । ସରକାର ସମଗ୍ର ପ୍ରକଳ୍ପ ପାଇଁ ୩୭,୫୦୦ କୋଟି ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି । ନିଷ୍ପତ୍ତି ଘୋଷଣା କରି କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି ଯୋଜନାରେ ୩ ଲକ୍ଷ କୋଟି ନିବେଶ ହେବାର ସମ୍ଭାବନା ରହିଛି । ଅଶ୍ୱିନୀ ବୈଷ୍ଣବଙ୍କ ଅନୁଯାୟୀ, ଏହି ପ୍ରକଳ୍ପ ପ୍ରାୟ ୫୦,୦୦୦ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ । ବର୍ତ୍ତମାନ,ଭାରତ ଏହାର ଆବଶ୍ୟକତାର ପ୍ରାୟ ୫୦ ପ୍ରତିଶତ ଏଲ୍‌ଏନ୍‌ଜି, ୨୦ ପ୍ରତିଶତ ୟୁରିଆ, ପ୍ରାୟ ୧୦୦ ପ୍ରତିଶତ ଆମୋନିଆ ଏବଂ ପ୍ରାୟ ୯୦ ପ୍ରତିଶତ ମିଥାନଲ ଆମଦାନି କରିଥାଏ । ଏଗୁଡ଼ିକ ଦେଶରେ ସାର ଉତ୍ପାଦନ ପାଇଁ ଆବଶ୍ୟକ । କୋଇଲା ଚାଳିତ ଗ୍ୟାସ୍ ପ୍ରକଳ୍ପ ଏହି ସମସ୍ତ ସାମଗ୍ରୀର ଆମଦାନି ହ୍ରାସ କରିବାରେ ଏବଂ ଗ୍ୟାସ୍ ଆମଦାନି ପାଇଁ ଅନ୍ୟ ଦେଶ ଉପରେ ନିର୍ଭରଶୀଳତାକୁ ଯଥେଷ୍ଟ ହ୍ରାସ କରିବାରେ ସାହାଯ୍ୟ କରିବ ।

# ଇନ୍ଧନ ସଞ୍ଚୟ ପାଇଁ ତ୍ରିପୁରା ସରକାରଙ୍କ ବଡ଼ ନିଷ୍ପତ୍ତି; ୫୦% କର୍ମଚାରୀ କରିବେ ''ୱର୍କ ଫ୍ରମ୍ ହୋମ୍''

ଅଗରତାଲା: ବିଶ୍ୱବ୍ୟାପୀ ଦେଖାଦେଇଥିବା ଇନ୍ଧନ ସଙ୍କଟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ ପରେ ବିଭିନ୍ନ ରାଜ୍ୟ ସରକାର ଇନ୍ଧନ ସଂରକ୍ଷଣ ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଥିବା ବେଳେ ତ୍ରିପୁରା ସରକାର ଏହି ଦିଗରେ ପ୍ରଥମ ବଡ଼ ନିଷ୍ପତ୍ତି ନେଇ ୫୦ ପ୍ରତିଶତ ଗ୍ରୁପ୍-ସି ଓ ଗ୍ରୁପ୍-ଡି କର୍ମଚାରୀଙ୍କ ପାଇଁ ଘରୁ କାମ (ୱର୍କ ଫ୍ରମ୍ ହୋମ୍) କରିବା ନିୟମ ଲାଗୁ କରିଛନ୍ତି । ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମେ' ୧୩, ୨୦୨୬ରେ ଜାରି କରାଯାଇଥିବା ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ସରକାରୀ ଖର୍ଚ୍ଚ କାଟ୍ ଓ ଇନ୍ଧନ ସଂରକ୍ଷଣ ପାଇଁ ଗ୍ରୁପ୍-ସି ଓ ଗ୍ରୁପ୍-ଡି ଶ୍ରେଣୀର ମାତ୍ର ୫୦ ପ୍ରତିଶତ କର୍ମଚାରୀ ଦୈନିକ ଅଫିସ ଆସିବେ । ଅବଶିଷ୍ଟ କର୍ମଚାରୀମାନେ ଘରୁ ରହି କାର୍ଯ୍ୟ କରିବେ । ଏଥିପାଇଁ ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ସାପ୍ତାହିକ ଡ୍ୟୁଟି ରୋଷ୍ଟର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ଅଫିସ ନିକଟରେ ରହୁଥିବା କର୍ମଚାରୀଙ୍କୁ ପ୍ରଥମ ସପ୍ତାହରେ ପ୍ରାଥମିକତା ଦିଆଯିବ ।

ସେହିପରି, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉତ୍ତର ପ୍ରଦେଶରେ ଏହି ନିଷ୍ପତ୍ତିକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିବା ସହ ମନ୍ତ୍ରୀ ଓ ଅଧିକାରୀଙ୍କ କାଫିଲାରେ ଗାଡ଼ି ସଂଖ୍ୟା ୫୦ ପ୍ରତିଶତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉତ୍ତରାଖଣ୍ଡର ଧାମି ସରକାର ମଧ୍ୟ ଘରୋଇ କ୍ଷେତ୍ରରେ ''ୱର୍କ ଫ୍ରମ୍ ହୋମ୍'' କାର୍ଯ୍ୟକାରୀ କରିବା ଏବଂ ସରକାରୀ ବିଭାଗରେ ଭିଡିଓ କନଫରେନ୍ସିଂକୁ ପ୍ରୋତ୍ସାହିତ କରିବା ବିଷୟରେ ବିଚାର କରୁଛନ୍ତି ।

ଏପରିକି ସପ୍ତାହରେ ଗୋଟିଏ ଦିନକୁ 'ନୋ ଭେହିକିଲ୍ ଡେ' ଭାବେ ଘୋଷଣା କରିବାକୁ ଯୋଜନା ଚାଲିଛି । ଏହି ନୂତନ ନିୟମ ଅନୁଯାୟୀ, ଘରୁ କାମ କରୁଥିବା କର୍ମଚାରୀମାନେ ଟେଲିଫୋନ୍ କିମ୍ବା ଇଲେକ୍ଟ୍ରୋନିକ୍ ମାଧ୍ୟମରେ ସବୁ ସମୟରେ ଉପଲବ୍ଧ ରହିବେ ଏବଂ ଜରୁରୀ ପରିସ୍ଥିତିରେ ଅଫିସରେ ରିପୋର୍ଟ କରିବେ । ସରକାରଙ୍କ ଏହି ନିଷ୍ପତ୍ତି ପିଏସୟୁ, ସ୍ଥାନୀୟ ନିକାୟ ଏବଂ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକ ପାଇଁ ମଧ୍ୟ ଲାଗୁ ହେବ ।

## କୋଲକାତା ହାଇକୋର୍ଟରେ ଆଇନଜୀବୀ ଅବତାରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା, ନିର୍ବାଚନ ପରବର୍ତ୍ତୀ ହିଂସା ବିରୋଧରେ ନିଜେ ପକ୍ଷ ରଖିଲେ

କଳା ଗାଉନ୍ ରେ 'ଦିଦି'ଙ୍କ ଏଣ୍ଟ୍ରି । କୋଲକାତା ହାଇକୋର୍ଟରେ ଆଇନଜୀବୀ ଅବତାରରେ ପହଞ୍ଚିଲେ ମମତା ବାନାର୍ଜୀ । ନିଜ ଦଳର କର୍ମୀଙ୍କ ଉପରେ ହେଉଥିବା କଥିତ ନିର୍ବାଚନ ପରବର୍ତ୍ତୀ ହିଂସା ବିରୋଧରେ ନିଜେ କୋର୍ଟରେ ପକ୍ଷ ରଖିଛନ୍ତି ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ । ମମତା ବାନାର୍ଜୀ ଜଣେ ଏଲଏଲବି ଡିଗ୍ରୀ ଧାରୀ ହୋଇଥିଲେ ମଧ୍ୟ କେବେ ସେ ଓକିଲାତି କରନ୍ତି ନାହିଁ । କିନ୍ତୁ ଆଜି ମୁଖ୍ୟ ବିଚାରପତି ସୁଜୟ ପଲ୍ ଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଆଗରେ ମମତା କଳା କୋର୍ଟ ଏବଂ ହ୍ୱାଇଟ୍ ବ୍ୟାଣ୍ଡ ପିନ୍ଧି ହାଜର ହୋଇଥିଲେ । ଦଳୀୟ ନେତାମାନେ ଏହାକୁ "କର୍ମୀଙ୍କ ପାଇଁ ନେତ୍ରୀଙ୍କ ସଂଗ୍ରାମ" ବୋଲି ଅଭିହିତ କରିଛନ୍ତି । ନିର୍ବାଚନରେ ବିଜେପି ୨୦୭ଟି ଆସନ ଜିତି ପଶ୍ଚିମବଙ୍ଗରେ ଏକ ନୂତନ ସରକାର ଗଢ଼ିଛି । ଟିଏମସି ପକ୍ଷରୁ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲରେ ଦର୍ଶାଯାଇଛି ନିର୍ବାଚନ



ପରେ ରାଜ୍ୟରେ ପ୍ରାୟ ୨୦୦୦ରୁ ଅଧିକ ଟିଏମସି କର୍ମୀ ଆହତ ହୋଇଛନ୍ତି । ଏହା ସହ ଏବଂ ୩୬୫ରୁ ଅଧିକ ଦଳୀୟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯାଇଛି । ଆଇନଜୀବୀ ଶୀର୍ଷାନ୍ୟ ବାନାର୍ଜୀଙ୍କ ଦ୍ୱାରା ଦାୟର ଏହି ମାମଲାରେ ହିଂସା ରୋକିବା ପାଇଁ ଏବଂ ସମ୍ଭାବ୍ୟ ସିବିଆଇ ତଦନ୍ତ ପାଇଁ ଦାବି କରାଯାଇଛି । ମମତା କୋର୍ଟରେ ଅଭିଯୋଗ କରିଛନ୍ତି ବିଜେପି କର୍ମୀମାନେ ଟିଏମସି ସମର୍ଥକଙ୍କୁ ଟାର୍ଗେଟ୍ କରୁଛନ୍ତି । ଅନ୍ୟପଟେ, ବିଜେପି ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି । କହିଛି ଯେ ଏହା ଟିଏମସିର ଆଭ୍ୟନ୍ତରୀଣ କନ୍ଦଳ କିମ୍ବା ପୁରୁଣା ଶତ୍ରୁତା । ହାଇକୋର୍ଟରେ ଏହି ମାମଲାର ଶୁଣାଣି ଜାରି ରହିଛି । ମାମଲା ରୁଜୁ କରିବା ଏବଂ କେନ୍ଦ୍ରୀୟ ବାହିନୀର ମୁତୟନ ନେଇ କୋର୍ଟ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇପାରନ୍ତି ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା, ସରକାରୀ କର୍ମଚାରୀଙ୍କ ପାଇଁ ୨ ଦିନ ୱାର୍କ ଫ୍ରମ ହୋମ୍ ନିର୍ଦ୍ଦେଶ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପିଲ ପରେ ଦିଲ୍ଲୀ ସରକାରଙ୍କ ବଡ଼ ନିଷ୍ପତ୍ତି । ଦିଲ୍ଲୀରେ ଆଗମୀ ଦୁଇଦିନ ଯାଏଁ ସରକାରୀ ଅଫିସରେ ୱାର୍କ ଫ୍ରମ ହୋମ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା । ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ପାଇଁ ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି, ୱାର୍କ ଫ୍ରମ ହୋମ ନିୟମର ଆରମ୍ଭ ନିଜ ଅଫିସରୁ ଲାଗୁ କରାଯିବ । ସରକାରୀ ଅଫିସର ଏବଂ ମନ୍ତ୍ରୀଙ୍କ କାରକେଡରେ ଗାଡ଼ି ସଂଖ୍ୟା ହ୍ରାସ କରାଯାଇଛି । ଅଫିସରମାନଙ୍କୁ ପେଟ୍ରୋଲ ପାଇଁ ଅର୍ଥ ଦିଆଯାଉଥିଲା, ସେଥିରେ ୨୦ ପ୍ରତିଶତ କମ୍ କରାଯାଇଛି । ଯେଉଁମାନଙ୍କୁ ୨୦୦ ରୁ ୨୫୦ ଲିଟର ପେଟ୍ରୋଲ ଡିଜେଲ ପ୍ରତି ମାସରେ ଦିଆଯାଉଥିଲା, ତାହା ମଧ୍ୟ ହ୍ରାସ କରାଯିବ । ଗୋଟିଏ ଦିନ ନୋ ଭେଇକିଲ୍ ଡେ ପାଳନ କରିବୁ




। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଯେଉଁ ଅଧିକାରୀଙ୍କୁ ଗାଡି ପାଇଁ ଭତ୍ତା ମିଳୁଥିଲା, ଯଦି ସେମାନେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରନ୍ତି, ତେବେ ୧୦% ଇନକ୍ରିମେଣ୍ଟ ମିଳିବ । ବସ୍ ର ରୁଟ୍ ନିର୍ଦ୍ଧାରିତ କରାଯିବ, ଆଉ ଅଧିକରୁ ଅଧିକ ଲୋକ ଏହାକୁ ବ୍ୟବହାର କରିପାରିବେ । ୫୦ ପ୍ରତିଶତ ମିଟିଂ ଭର୍ଚୁଆଲ୍ କରିବା ପାଇଁ ଚେଷ୍ଟା କରାଯିବ । ମୁଖ୍ୟମନ୍ତ୍ରୀ କୋର୍ଟକୁ କହିଛନ୍ତି, ଅଧିକାଂଶ ଶୁଣାଣି ଭର୍ଚୁଆଲ କରିବାକୁ ଚେଷ୍ଟା କରାଯାଉ । ସୋମବାର ଦିନ ସମସ୍ତ ଲୋକ ମେଟ୍ରୋର ବ୍ୟବହାର କରନ୍ତୁ । ଆଗାମୀ ୩ ମାସ ଯାଏଁ ଆମେ କୌଣସି ବଡ଼ ଇଭେଣ୍ଟ କରିବା ନାହିଁ । ଦିଲ୍ଲୀ ପାଇଁ ବିଶେଷ ଟ୍ରାଭେଲ ପ୍ଲାନ ପ୍ରସ୍ତୁତ କରାଯାଉ, ଯେଉଁଥିରେ ପର୍ଯ୍ୟଟକଙ୍କୁ କୌଣସି ସମସ୍ୟା ନ ଉପୁଜୁ ।

# ଏସ୍‌ଆଇଆର୍ ପ୍ରଭାବ: ବିହାର ଓ ପଶ୍ଚିମବଙ୍ଗରେ ଭୋଟର ତାଲିକାରେ ନାଁ ନଥିବା ଲୋକଙ୍କୁ ମିଳିବନି ସରକାରୀ ଯୋଜନାର ଲାଭ

ନୂଆଦିଲ୍ଲୀ: ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରଭାବ ନିର୍ବାଚନ ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ । ପଶ୍ଚିମବଙ୍ଗ ଓ ବିହାର ସରକାର ଏ ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏହି ଦୁଇ ରାଜ୍ୟରେ ଏସ୍‌ଆଇଆର୍ ପରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଲୋକଙ୍କୁ ସରକାରୀ ତଥା ଜନକଲ୍ୟାଣକାରୀ ଯୋଜନାର ଲାଭ ମିଳିବ ନାହିଁ । ଏହାର ମୁଖ୍ୟ ଉଦ୍ଦେଶ୍ୟ ସରକାରୀ ଯୋଜନାର ବଣ୍ଟନରେ ହେଉଥିବା ଜାଲିଆତିକୁ ରୋକିବା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ଲାଭ ଉଠାଇବାରୁ ଦୂରେଇ ରଖିବା ।

ନିର୍ବାଚନ ଆୟୋଗ ୨୦୨୫ ବିହାର ଓ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂଶୋଧନ କରିବାକୁ ଏସ୍‌ଆଇଆର୍ କରିଥିଲା ।



ଏହାଦ୍ୱାରା ମୃତ, ଜାଲ୍ ଭୋଟରଙ୍କୁ ତାଲିକାରୁ ହଟାଯାଇଥିଲା । ରିପୋର୍ଟ ଅନୁସାରେ ଏହି ପ୍ରକ୍ରିୟାରେ ବିହାରରେ ପାଖାପାଖି ୬୫ ଲକ୍ଷ ଓ ପଶ୍ଚିମବଙ୍ଗରେ ୯୧ ଲକ୍ଷ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଥିଲା । ପଶ୍ଚିମବଙ୍ଗରୁ ଅପସାରିତ ୯୧ ଲକ୍ଷ ଲୋକଙ୍କ ମଧ୍ୟରୁ ୨୭ ଲକ୍ଷରୁ ଅଧିକ ଲୋକଙ୍କ ନାମ 'ବିସଙ୍ଗତି' ତାଲିକାରେ ରହିଛି ଓ ସେମାନେ ଗତ ଏପ୍ରିଲ ୨୩ ଓ ୨୯ ତାରିଖରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭୋଟ ଦେଇପାରି ନାହାନ୍ତି ।

ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ପ୍ରତ୍ୟକ୍ଷ ଲାଭ ପ୍ରଦାନ ବେଳେ ଅଯୋଗ୍ୟ ହିତାଧିକାରୀଙ୍କୁ ଦୂରେଇ ରଖିବାକୁ ଏସ୍‌ଆଇଆର୍ ଯାଞ୍ଚ ଡାଟାବେସ୍ ବ୍ୟବହାର କରିବ । କଂଗ୍ରେସ ନେତା ତଥା ରାଜ୍ୟସଭା ସାଂସଦ ପି ଚିଦାମ୍ବରମ୍ ପଶ୍ଚିମବଙ୍ଗ ଓ ବିହାରରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ଏହି ପଦକ୍ଷେପକୁ ଅପରାଧଜନକ ବୋଲି କହିଛନ୍ତି । ଏହି ପଦକ୍ଷେପଗୁଡ଼ିକ ଗମ୍ଭୀର ପ୍ରଶ୍ନ ଉଠାଇଛି ବୋଲି କହି ଚିଦାମ୍ବରମ କହିଛନ୍ତି, ନାଗରିକତା ଭୋଟର ତାଲିକାରେ ଅନ୍ତର୍ଭୁକ୍ତିର ଆଧାର, ନା ଭୋଟର ତାଲିକାରେ ଅନ୍ତର୍ଭୁକ୍ତି ନାଗରିକତାର ଆଧାର ସେ ଉପରେ ସୁପ୍ରିମକୋର୍ଟ ଚିନ୍ତା କରିବା ଉଚିତ । ମେ ୧୦ ତାରିଖରେ ବିଜେପି ପଶ୍ଚିମବଙ୍ଗରେ ସରକାର ଗଠନ କରିବା ପରେ ଘୋଷଣା କରିଥିଲା ଯେ, ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଓ ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବା ମାମଲାର ହିତାଧିକାରୀଙ୍କୁ ଏବେ ପାଇଁ ଅନ୍ନପୂର୍ଣ୍ଣା ଭଣ୍ଡାର ଯୋଜନା ପରି ଯୋଜନାର ଲାଭ ମିଳିପାରିବ ନାହିଁ । ପଶ୍ଚିମବଙ୍ଗ ପରି ବିହାରରେ ଏନ୍‌ଡିଏ ସରକାର ମଧ୍ୟ ସମାନ ପଦକ୍ଷେପ ନେଇଛି । ବିହାର ସରକାର ଘୋଷଣା କରିଛନ୍ତି ଯେ, ଏସ୍‌ଆଇଆର୍‌ରେ ବାଦ୍ ପଡ଼ିଥିବା ନାଁ ସାମାଜିକ କଲ୍ୟାଣ ଯୋଜନା ଓ ରାସନ କାର୍ଡ଼ ଯୋଜନାରୁ ଲାଭ ଉଠାଇ ପାରିବେ ନାହିଁ ।

## ମୁମ୍ବାଇରେ ପୁଣି ବଢ଼ିଲା ସିଏନଜି ଦାମ୍

ମୁମ୍ବାଇ : ପୁଣି ଗ୍ରାହକଙ୍କୁ ମହଙ୍ଗା ମାଡ଼ । ମୁମ୍ବାଇରେ ପୁଣିଥରେ ସିଏନଜି ଦାମ୍ ବଢିଛି । ମୁମ୍ବାଇ ମେଟ୍ରୋପଲିଟନ ରିଜନରେ ଆଜିଠାରୁ ନୂଆ ସିଏନଜି ଦାମ୍ ଲାଗୁ ହୋଇଛି । ଏବେ ସିଏନଜି କିଲୋ ଦାମ୍ ୮୪ ଟଙ୍କାରେ ମିଳିବ । ମହାନଗର ଗ୍ୟାସ୍ ଲିମିଟେଡ (ଗଏଖ) ସିଏନଜି ଦାମ୍ କିଲୋ ପ୍ରତି ୨ ଟଙ୍କା ବଢାଇବାକୁ ନିଷ୍ପତ୍ତି ନେଇଛି । ଏହାପରେ ମୁମ୍ବାଇ ମେଟ୍ରୋପଲିଟନ ରିଜନରେ ସିଜିନ ଏକ କିଲୋ ଏବେ ୮୪ ଟଙ୍କାରେ ମିଳିବ । ପୂର୍ବରୁ ୮୨ ଟଙ୍କାରେ ମିଳୁଥିବା ସିଏନଜି ଏବେ ବଢି ୮୪ ଟଙ୍କାରେ ପ୍ରତି କିଲୋ ମିଳିବ । ଏହି ନୂଆ ରେଟ୍ ବୁଧବାର ବିଳମ୍ବିତ ରାତିରୁ ଲାଗୁ ହୋଇଛି ।

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ ଦର ବଢିବାରେ ଲାଗିଛି । ତେଣୁ ସିଏନଜିରେ ଚାଲୁଥିବା ଅଟୋ ରିକ୍ସା ଏବଂ ଟ୍ୟାକ୍ସି ଚାଳକଙ୍କ ଉପରେ ବେଶ୍ ପ୍ରଭାବ ପଡିଛି ।

# କୋଲକାତାକୁ ହରାଇଲା କୋହଲିଙ୍କ ଶତକ





ରାୟପୁର,,୧୪।୫: କିଂବଦନ୍ତି କୋହଲି ପୁଣି ଥରେ କମାଲ କରିଛନ୍ତି। ଚଳିତ ଆଇପିଏଲ୍‌ର ୫୭ତମ ମ୍ୟାଚ୍‌ରେ ଜବରଦସ୍ତ ବ୍ୟାଟିଂ କରି ଶତକୀୟ ପାଳି ଖେଳିବା ସହ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁ (ଆର୍‌ସିବି)କୁ ପୁଣି ଥରେ ପଏଣ୍ଟ୍ ତାଲିକାର ଶୀର୍ଷ ସ୍ଥାନକୁ ଫେରାଇ ଆଣିଛନ୍ତି। ବୁଧବାର କୋଲକାତା ନାଇଟ୍ ରାଇଡର୍ସ ଦେଇଥିବା ୧୯୩ ରନ୍‌ର ଲକ୍ଷ୍ୟକୁ କୋହଲିଙ୍କ ଯାଦୁଗରୀ ଶତକ ବଳରେ ଆର୍‌ସିବି ୫ ବଲ୍ ପୂର୍ବରୁ ହାସଲ କରି ନେଇଥିଲା। କୋହଲି ୬୦ ବଲ୍‌ରୁ ୩ ଛକା ଓ ୧୧ ଚୌକା ବଳରେ ୧୦୫ ରନ୍ କରି ଅପରାଜିତ ଭାବେ ପ୍ୟାଭିଲିୟନ ଫେରିବା ଆର୍‌ସିବି ପ୍ରଶଂସକଙ୍କୁ ଅଧିକ ଉଲ୍ଲସିତ କରିଥିଲା। ସେ ମଧ୍ୟ ବ୍ୟକ୍ତିଗତ ଭାବେ ନିଜ 'ଚେଜ୍ ମାଷ୍ଟର୍' ଉପାଧୀର ସମ୍ମାନ ଆହୁରି ବାଇ ଦେଇଥିଲେ। ଆର୍‌ସିବି ଦ୍ୱାଦଶ ମ୍ୟାଚ୍‌ରୁ ଅଷ୍ଟମ ବିଜୟ ପାଇ ଦ୍ୱିତୀୟରୁ ପ୍ରଥମକୁ ଉଠିଥିଲା। ଅନ୍ୟପକ୍ଷରେ କୋଲକାତା ଦଶମ ମ୍ୟାଚ୍‌ରୁ ଷଷ୍ଠ ପରାଜୟ ବରଣ କରି ବିଦାୟ ନେବାର ଦ୍ୱାର ଦେଶରେ ପହଞ୍ଚି ଯାଇଥିଲା।

ଆର୍‌ସିବି ଆଜି ଟସ୍ ଜିତି କୋଲକାତା ନାଇଟ୍ ରାଇଡର୍ସଙ୍କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। କୋଲକାତାର ଅଭିଜ୍ଞ ଅଧିନାୟକ ଅଜିଙ୍କ୍ୟ ରାହାଣେ ଏବଂ ବିସ୍ଫୋରକ ଓପନର୍ ଫିନ୍ ଆଲେନ୍‌ଙ୍କୁ ୨୮ ରନ୍‌ରେ ଆଉଟ୍ କରି ଆର୍‌ସିବି ମଧ୍ୟ ପ୍ରତିପକ୍ଷ ଉପରେ ଚାପ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା। ତେବେ ଅଙ୍କ୍ରିସ୍ ରଘୁବଂଶୀଙ୍କ ଅର୍ଦ୍ଧଶତକ ସହ ଶେଷ ଆଡକୁ ରିଙ୍କୁ ସିଂହଙ୍କ ଧୂଆଁଧାର ୪୯* ରନ୍ ବଳରେ କୋଲକାତା ୪ ୱିକେଟ୍ ବିନିମୟରେ ୧୯୨ ରନ୍ କରି ନେଇଥିଲା। ଏହି ଦଳର ଦାମୀ ଅଲରାଉଣ୍ଡର୍ କ୍ୟାମରନ୍ ଗ୍ରୀନ୍ ମଧ୍ୟ ୩୨ ରନ୍‌ର ମହତ୍ତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ଚମତ୍କାର ବ୍ୟାଟିଂ କରୁଥିବା ରିଙ୍କୁ ଅପରାଜିତ ରହିଥିଲେ ବି ମାତ୍ର ୧ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ସଂକ୍ଷିପ୍ତ ସ୍କୋର୍: କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ-୧୯୨/୪ (ଅଙ୍କ୍ରିସ୍ ରଘୁବଂଶୀ ୭୧, ରିଙ୍କୁ ସିଂହ ୪୯*, କ୍ୟାମରନ୍ ଗ୍ରୀନ୍ ୩୨, ଭୁବନେଶ୍ୱର କୁମାର ୧/୩୪, ଜୋସ୍ ହାଜେଲଉଡ୍ ୧/୩୫, ରସିଖ ସଲାମ ୧/୩୫)। ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୧୯.୧ ଓଭରରେ-୧୯୪/୪ ( ବିରାଟ କୋହଲି ୧୦୫*, ଦେବଦତ୍ତ ପଡିକଲ ୩୯, କାର୍ତ୍ତିକ ତ୍ୟାଗି ୩/୩୨)।

## କୋହଲିଙ୍କ କୀର୍ତ୍ତିମାନ

ରାୟପୁର,,୧୪।୫: ବୁଧବାରର କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ୧୦୫* ରନ୍ (୬୦ ବଲ୍, ୧୧ ଚୌକା, ୩ ଛକା) ପାଳି ଖେଳି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର କିଂବଦନ୍ତି ବ୍ୟାଟର୍ ବିରାଟ କୋହଲି ଆଇପିଏଲ୍ ଇତିହାସରେ ବ୍ୟକ୍ତିଗତ ସଫଳତାର ଆଉ ଏକ ମାଇଲଖୁଣ୍ଟ ଯୋଡିଛନ୍ତି। ଏହି ବିସ୍ଫୋରକ ପାଳି ବଳରେ ଆଇପିଏଲ୍‌ର ସଫଳ ପଶ୍ଚାତଧାବନ ବିଜୟରେ ଜୋସ୍ ବଟଲର୍‌ଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଉଭୟ ବଟଲର୍ ଓ କୋହଲି ନିଜନିଜ ଦଳର ସଫଳ ପଶ୍ଚାତଧାବନ ବିଜୟରେ ତିନିଟି ଲେଖାଏଁ ଶତକ ଅର୍ଜନ କରିଛନ୍ତି। ମୋଟ ପଶ୍ଚାତଧାବନରେ କିନ୍ତୁ ବଟଲର୍‌ଙ୍କଠାରୁ କୋହଲି ଯଥେଷ୍ଟ ଆଗରେ ରହିଛନ୍ତି। ଆର୍‌ସିବି ପକ୍ଷରୁ ସେ ଖେଳିଥିବା ୧୩୮ ମ୍ୟାଚ୍‌ର ୧୩୧ ପାଳିରେ ୪୨.୪୨ର ବ୍ୟାଟିଂ ହାର ଓ ୧୩୬.୪୨ର ଷ୍ଟ୍ରାଇକ୍ ରେଟ୍ ସହ ମୋଟ ଉପରେ ୪,୨୮୫ ରନ୍ କରିଛନ୍ତି। ସେଥିମଧ୍ୟରେ ରହିଛି ତିନିଟି ଶତକ ଏବଂ ୨୯ ଅର୍ଦ୍ଧଶତକ। ତାଙ୍କର ବ୍ୟକ୍ତିଗତ ସର୍ବୋଚ୍ଚ ରନ୍ ହେଉଛି ୧୦୮*। ସଫଳ ପଶ୍ଚାତଧାବନ ବେଳେ ଏହି ମହାନ ବ୍ୟାଟର୍ ୭୬ ମ୍ୟାଚ୍‌ର ୭୦ ପାଳିରୁ ୬୩.୨୭ ବ୍ୟାଟିଂ ହାର ଓ ୧୪୨.୬୯ର ଷ୍ଟ୍ରାଇକ୍ ରେଟ୍ ସହ ୨୭୮୪ ରନ୍ କରିଛନ୍ତି। ସେଥିମଧ୍ୟରେ ଅଛି ତିନିଟି ଶତକ ଓ ୨୦ ଅର୍ଦ୍ଧଶତକ। କୋହଲି ମଧ୍ୟ ଏହି ମ୍ୟାଚ୍‌ରେ ଅନ୍ୟତମ ଭାରତୀୟ କିଂବଦନ୍ତି ରୋହିତ ଶର୍ମାଙ୍କ ସର୍ବାଧିକ 'ମ୍ୟାଚ୍ ଶ୍ରେଷ୍ଠ' ପୁରସ୍କାର ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଉଭୟ ଏବେ ୨୧ଟି ଲେଖାଏଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରି ସମାନ ସ୍ତରରେ ରହିଛନ୍ତି।




ବୁଧବାରର ଶତକୀୟ ପାଳି ସହ କୋହଲି ବି ଚଳିତ ଆଇପିଏଲ୍‌ର ସର୍ବାଧିକ ରନ୍ କରିଥିବା ବ୍ୟାଟରଙ୍କ ମଧ୍ୟରେ ତୃତୀୟ ସ୍ଥାନକୁ ଲମ୍ଫ ମାରିଛନ୍ତି। ଚଳିତ ଋତୁରେ ୧୨ ମ୍ୟାଚ୍ ଖେଳି ୫୩.୭୭ ହାର ଓ ୧୬୫.୭୫ର ଷ୍ଟ୍ରାଇକ୍ ରେଟ୍ ସହ ୪୮୪ ରନ୍ କରିଛନ୍ତି। ଇତିମଧ୍ୟରେ ସେ ଗୋଟିଏ ଶତକ ଓ ତିନିଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

## ସୁନା ଚେନ ଫେରାଇଲେ ପାଡକଲ



ରାୟପୁର,୧୪।୫: ଆଇପିଏଲ୍ ୨୦୨୬ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଓ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ କେବଳ ଖେଳର ଉତ୍ସାହ ପାଇଁ ନୁହେଁ, ଏକ ସତ୍ୟନିଷ୍ଠା ଘଟଣା ପାଇଁ ମଧ୍ୟ ଚର୍ଚ୍ଚାରେ ଆସିଛି। ଲାଇଭ୍ ମ୍ୟାଚ୍ ସମୟରେ ଘଟିଥିବା ଏହି ଘଟଣା ଦର୍ଶକମାନଙ୍କ ମନକୁ ଛୁଇଁଯାଇଛି। ପ୍ରଥମେ ବ୍ୟାଟିଂ କରି କୋଲକାତା ଦଳ ୧୯୨ ରନ୍ ସଂଗ୍ରହ କରିଥିଲା। ୧୯୩ ରନ୍‌ର ଟାର୍ଗେଟ୍ ପିଛା କରିବାକୁ ଆସିଥିବା ଆରସିବି ପକ୍ଷରୁ ବିରାଟ କୋହଲି ଓ ଜ୍ୟାକବ ବେଥେଲ ଇନିଂସ ଆରମ୍ଭ କରିଥିଲେ। ମ୍ୟାଚ୍ ରୋମାଞ୍ଚକର ହେଉଥିବା ବେଳେ ଚତୁର୍ଥ ଓଭରରେ ଏକ ଅଜବ ଘଟଣା ଘଟିଥିଲା।

କାର୍ତ୍ତିକ ତ୍ୟାଗୀଙ୍କ ଏକ ସର୍ଟ-ପିଚ୍ ବଲ୍ ପ୍ରଥମେ ବେଥେଲଙ୍କ ହାତ ଓ ପରେ ହେଲମେଟକୁ ଲାଗିଥିଲା। ଏହି ଘାତରେ ବେଥେଲଙ୍କ ବେକରୁ ସୁନା ଚେନ୍ ଖସି ପିଚ୍ ଉପରେ ପଡ଼ିଯାଇଥିଲା। କିନ୍ତୁ ସେ ଏହା ଧ୍ୟାନ ଦେଇନଥିଲେ ଏବଂ ଆଉଟ୍ ହେବା ପରେ ପଡ଼ିଆ ଛାଡ଼ି ଯାଇଥିଲେ। ପରବର୍ତ୍ତୀ ବ୍ୟାଟ୍ସମ୍ୟାନ୍ ଦେବଦତ୍ତ ପାଡିକଲ ବ୍ୟାଟିଂ କରିବାକୁ ଆସିବା ସମୟରେ ପିଚ୍‌ରେ ପଡ଼ିଥିବା ଚେନ୍‌ଟିକୁ ଦେଖିଥିଲେ। ସେ ତୁରନ୍ତ ଏହାକୁ ଉଠାଇ ମ୍ୟାଚ୍ ଅଧିକାରୀଙ୍କ ହାତରେ ଦେଇଥିଲେ। ପାଡିକଲଙ୍କ ଏହି ନିଷ୍ଠା ଆଚରଣ ସୋସିଆଲ୍ ମିଡିଆରେ ବ୍ୟାପକ ପ୍ରଶଂସା ପାଇଛି। ଅନ୍ୟପଟେ, ଜ୍ୟାକବ ବେଥେଲ ଏହି ସିଜନରେ ଖରାପ ଫର୍ମ ସହ ସଂଘର୍ଷ କରୁଛନ୍ତି। ଫିଲ୍ ସଲ୍ଟଙ୍କ ଆହତ ପରେ ଓପନର ଭାବେ ସୁଯୋଗ ପାଇଥିବା ବେଥେଲ ୬ଟି ଇନିଂସରେ କେବଳ ୮୫ ରନ୍ କରିପାରିଛନ୍ତି, ଯେଉଁଥିରେ ସର୍ବାଧିକ ସ୍କୋର ୨୭ ରନ୍ ରହିଛି। ତଥାପି ଏହି ମ୍ୟାଚ୍‌ରେ ଘଟିଥିବା ସଚ୍ଚୋଟତାର ଘଟଣା ଦର୍ଶକମାନଙ୍କ ମନରେ ଏକ ସକାରାତ୍ମକ ସନ୍ଦେଶ ଛାଡ଼ିଯାଇଛି।

## ବୁମରା, ସାମିଙ୍କୁ ନେଇ ବଡ ନିଷ୍ପତ୍ତି ନେଇପାରେ ବିସିସିଆଇ

ନୂଆଦିଲ୍ଲୀ,୧୩।୫: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୩୧ ତାରିଖରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହା ପରେ ଅନ୍ତର୍ଜାତୀୟ କ୍ରିକେଟ୍ ପୁଣି ଆରମ୍ଭ ହୋଇଯିବ। ଆସନ୍ତା ଜୁନ ୬ ତାରିଖ ଠାରୁ ଭାରତୀୟ ଟିମ୍‌କୁ ଆଫଗାନିସ୍ତାନ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ପଡିବ। କୁହାଯାଉଛି ଯେ, ଆଇପିଏଲ୍ ଶେଷ ହେବା ପୂର୍ବରୁ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍ ପାଇଁ ଭାରତୀୟ ଦଳ ଚୟନ ହେବ। ଏଥି ସହିତ 'ବିସିସିଆଇ'ର ଏକ ବୈଠକ ବସିବ। ଏଥିରେ ଜସପ୍ରୀତ ବୁମରା ଏବଂ ମହମ୍ମଦ ସାମିଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ।




ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଅଜିତ ଆଗରକରଙ୍କ ନେତୃତ୍ୱରେ ଚୟନ କମିଟି ବିସିସିଆଇ ସହିତ ଆଗାମୀ କିଛି ମାସର ରୋଡମ୍ୟାପ୍ ଉପରେ ଆଲୋଚନା କରିବାକୁ ଏକ ବେଠକ ନିର୍ଦ୍ଧାରଣ କରିଛନ୍ତି। ଏହି ଚୟନ ବେଠକ ଆଗାମୀ ୭ରୁ ୧୦ ଦିନ ମଧ୍ୟରେ ହୋଇପାରେ। ରିପୋର୍ଟରେ କୁହାଯାଇଛି ଯେ, ଦ୍ରୁତ ବୋଲରଙ୍କୁ ବୋର୍ଡର ଏଜେଣ୍ଡାରେ ଗୁରୁତ୍ୱ ଦିଆଯାଇପାରେ। ଏଥିରେ ସାମିଲ ହେବାକୁ ଥିବା ବୋଲରଙ୍କୁ ଅବଶିଷ୍ଟାଂଶ ଆଇପିଏଲ୍‌ର ଶେଷ ମ୍ୟାଚ୍‌ରେ ଅଧିକ ପରିଶ୍ରମ କରିବାକୁ କୁହାଯାଇପାରେ।

ବିସିସିଆଇ ସୂତ୍ର ଅନୁସାରେ, ଚୟନକର୍ତ୍ତା କେବଳ ଏଥି ପାଇଁ ଟେଷ୍ଟ ଟିମ୍‌ର କ୍ୱାଲିଟିକୁ ଦେଖିବେ ନାହିଁ, ବରଂ ଆଫଗାନିସ୍ତାନକୁ ମୁକାବିଲା କରିବା ଭଳି ଏକ ଟିମ୍ ଚୟନ କରିବ। ଚୟନକର୍ତ୍ତାମାନେ ଚାହାଁନ୍ତି ଯେ, ଭଲ ଟିମ୍ ପଡିଆରେ ଅବତୀର୍ଣ୍ଣ କରୁ। ସିରାଜ ଚାପଗ୍ରସ୍ତ ହୋଇ ଖେଳିବାକୁ ପଛାନ୍ତି ନାହିଁ। ନୀତିଶ କୁମାର ରେଡ୍ଡିଙ୍କୁ ସୁଇଙ୍ଗ ବୋଲିଂ ବିଭାଗରେ ନିଆଯାଇପାରେ।

## ବିଶ୍ୱ ମାନ୍ୟତାର ଷଷ୍ଠ ସ୍ଥାନରେ ଥାଇ ବି ବାଦ୍ ପଡିଲେ ସାନ୍ଧୁ

ନୂଆଦିଲ୍ଲୀ,୧୪।୫: ଜାପାନର ଆଇଚି ପର୍ଫେକ୍‌ଚର ଓ ନାଗୋୟାଠାରେ ସେପ୍‌ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏସୀୟ କ୍ରୀଡା ଲାଗି ବଛାଯାଇଥିବା ଭାରତୀୟ ଟ୍ରାପ୍ ସୁଟିଂ ଦଳରେ ବିଶ୍ୱ ମାନ୍ୟତାର ଷଷ୍ଠ ଏବଂ ଏସିଆ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଜୋରାବର ସିଂହ ସାନ୍ଧୁଙ୍କୁ ସ୍ଥାନ ନମିଳିବା ନେଇ ବଡ ଧରଣର ବିବାଦ ସୃଷ୍ଟି ହୋଇଛି।

ଗତବର୍ଷର ବିଶ୍ୱ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିବା ସାନ୍ଧୁ ଜାତୀୟ ଚୟନ ଶିବିର ସହ ଜାତୀୟ ସୁଟିଂ ପ୍ରତିଯୋଗିତାରେ ନେରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ଏଣୁ ତାଙ୍କୁ ଭାରତୀୟ ଦଳରୁ ବାଦ୍ ଦିଆଯାଇଛି। ଏଥିରେ ବିଶ୍ୱ ମାନ୍ୟତା କିମ୍ବା ଏସିଆ ମାନ୍ୟତାର କେଣସି ଭୂମିକା ନାହିଁ କିମ୍ବା ବିଚାରକୁ ନିଆଯିବ ନାହିଁ ବୋଲି ଭାରତୀୟ ରାଇଫଲ୍ ମହାସଂଘ ନିଜ ପ୍ରତିକ୍ରିୟାରେ କହିଛି। ଅନ୍ୟ ପକ୍ଷରେ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସାନ୍ଧୁ ମହାସଂଘକୁ ନିବେଦନ କରିଛନ୍ତି।

ଗତ ୬ ମାସ ଭିତରେ ଭାରତୀୟ ସୁଟରଙ୍କ ମଧ୍ୟରେ ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବାରୁ ସେହି ଆଧାରରେ ତାଙ୍କୁ ଏସୀୟ କ୍ରୀଡା ଦଳରେ ରଖିବାକୁ ଦାବି କରିଛନ୍ତି। ମହାସଂଘର ମହାସଚିବ ପବନ କୁମାର ସିଂହ କିନ୍ତୁ ତାଙ୍କ ଅନୁରୋଧକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଚୟନ ଶିବିରର ପ୍ରଦର୍ଶନ ଆଧାରେ ଭାରତୀୟ ପୁରୁଷ ଟ୍ରାପ୍ ଦଳରେ କିଆନ ଚେନାଇ, ଅହଭନ ରିଜ୍‌ଭୀ, ଶପଥ ଭରଦ୍ୱାଜ ସ୍ଥାନ ପାଇଛନ୍ତି। ଏହି ଦଳର ଅପରିବର୍ତ୍ତିତ ରହିବାର ୯୯ ପ୍ରତିଶତ ସମ୍ଭାବନା ରହିଛି ବୋଲି ଏକ ସାକ୍ଷାତକାର ଅବସରରେ ସେ ସ୍ପଷ୍ଟ କରିଦେଇଛନ୍ତି।

ସୂଚନାଯୋଗ୍ୟ ଯେ ୪୭ ବର୍ଷୀୟ ସାନ୍ଧୁ ତୃତୀୟ ଭାରତୀୟ ଭାବେ ବିଶ୍ୱ ଚାମ୍ପିଅନ୍‌ସିପ୍‌ରେ ପଦକ ଜିତିଛନ୍ତି। ସେ ମଧ୍ୟ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିବା ସହ ସପ୍ତମ ସ୍ଥାନରେ ରହିଥିଲେ। ନିକଟରେ କାଜାଖସ୍ଥାନର ଅଲମାଟିଠାରେ ଆୟୋଜିତ ବିଶ୍ୱକପ୍‌ରେ ଭାରତୀୟଙ୍କ ମଧ୍ୟରେ ସର୍ବାଚ୍ଚ ପଏଣ୍ଟ୍ ଅର୍ଜନ କରିଥିଲେ ସେ।

## ସୂର୍ଯ୍ୟବଂଶୀଙ୍କୁ ନେଇ ଟେଷ୍ଟ ଦକ୍ଷତା ସନ୍ଦେହ

ମୁମ୍ବାଇ,୧୪।୫:: ଭାରତୀୟ କ୍ରିକେଟ୍‌ର ଉଦୀୟମାନ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ଏବେ ସାରା ବିଶ୍ୱର ନଜର ରହିଛି। ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ୍ ଓ ଆଇପିଏଲ୍‌ରେ ବିସ୍ଫୋରକ ବ୍ୟାଟିଂ କରି ସମସ୍ତଙ୍କୁ ଚମତ୍କୃତ କରିଛନ୍ତି ଏହି ୧୫ ବର୍ଷୀୟ କିଶୋର। କିନ୍ତୁ ତାଙ୍କ ଟ୍‌ବେଣ୍ଟି-୨୦ ଦକ୍ଷତାକୁ ପ୍ରଶଂସା କରିଥିଲେ ବି ଦିନିକିଆ ଓ ଟେଷ୍ଟ୍‌ରେ ସେ କିପରି ଖାପ ଖୁଆଇବେ ତାହାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ବିଶ୍ୱ କ୍ରିକେଟ୍‌ର ଅନ୍ୟତମ କିମ୍ବଦନ୍ତି ବ୍ୟାଟର୍ ଏବି ଡି'ଭିଲିୟର୍ସ। ଏକ ପଡ୍‌କାଷ୍ଟରେ ଡି'ଭିଲିୟର୍ସ କହିଛନ୍ତି,''ଏ ବୟସରେ ତାଙ୍କର ପ୍ରତିଭା ଅବିଶ୍ୱସନୀୟ। କିନ୍ତୁ ମୁଁ ତାଙ୍କୁ ଅନ୍ୟ ଫର୍ମାଟ୍‌ରେ ବି ଦେଖିବାକୁ ଚାହିଁବି। ବିଶେଷକରି ଟେଷ୍ଟ କ୍ରିକେଟ୍ କେତେ କଠିନ ଓ ଆହ୍ୱାନମୂଳକ ତାହା ସେ ଏପର୍ଯ୍ୟନ୍ତ ଅନୁଭବ କରିନାହାନ୍ତି''। ସେ କହିଛନ୍ତି ଯେ ଟେଷ୍ଟ୍ ଓ ଦିନିକିଆ ଖେଳିବା ପରେ ସେ ଉଭୟ ମାନସିକ ଓ ଶାରୀରିକଭାବେ ନିଜ ଖେଳର କେତେକ ନୂଆ ଦିଗ ଆବିଷ୍କାର କରିବେ। ଏସବୁ ପ୍ରତିବନ୍ଧକକୁ ପ୍ରତିହତ କରିବାର ଦକ୍ଷତା ତାଙ୍କ ନିକଟରେ ଅଛି, କିନ୍ତୁ ଆଗକୁ ରାସ୍ତା ସହଜ ହେବ ନାହିଁ, ଆଗକୁ ରାସ୍ତା କଠିନ ରହିବ। କିନ୍ତୁ ସେ ଆଗକୁ ବଢି ନିଜ ଦେଶ ପାଇଁ ଟେଷ୍ଟ୍ କ୍ରିକେଟ୍ ଖେଳନ୍ତୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ବୈଭବ ଆଠଟି ମ୍ୟାଚ୍‌ରେ ୧୨ ପାଳି ଖେଳି ୧୭.୨୫ ହାରାହାରି ସହ ମୋଟ ୨୦୫ ରନ୍ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ମାତ୍ର ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ।



## ଡ୍ରେସିଂ ରୁମ୍ କଥା ନେଇ ଚିନ୍ତାରେ ପ୍ରୀତି

ନୂଆଦିଲ୍ଲୀ,୧୪।୫: ଆଇପିଏଲ ୨୦୨୬ରେ ଏକ ଦୃଢ଼ ଆରମ୍ଭ କରିଥିବା ପଞ୍ଜାବ କିଙ୍ଗ୍ସ ବର୍ତ୍ତମାନ ଏକ କଷ୍ଟକର ପର୍ଯ୍ୟାୟ ଦେଇ ଗତି କରୁଛି। ଦଳ କ୍ରମାଗତ ଚାରୋଟି ମ୍ୟାଚ୍ ହାରିଛି, ଯାହା ଫଳରେ ସୋସିଆଲ ମିଡିଆ ଏବଂ କିଛି ରିପୋର୍ଟରେ ପଞ୍ଜାବ କିଙ୍ଗ୍ସ ଡ୍ରେସିଂ ରୁମ୍ ବାତାବରଣ ବିଷୟରେ ଅନେକ ଦାବି କରାଯାଇଛି। ଏହି ରିପୋର୍ଟଗୁଡ଼ିକ ଖେଳାଳିଙ୍କ ଫିଟନେସ୍, ଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଥିଲା। ତଥାପି, ଦଳର ସହ-ମାଲିକ ପ୍ରୀତି ଜିଣ୍ଟା ଏବେ ଏହି ରିପୋର୍ଟଗୁଡ଼ିକୁ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭ୍ରାମକ ବୋଲି କହିଛନ୍ତି।

ବାସ୍ତବରେ ଏକ ରିପୋର୍ଟରେ ଦାବି କରାଯାଇଥିଲା ଯେ ପଞ୍ଜାବ କିଙ୍ଗସର ଯୁବ ଓପନର ପ୍ରଭସିମରନ ସିଂହଙ୍କର କିଛି ସପ୍ତାହ ମଧ୍ୟରେ ପ୍ରାୟ ୧୦ କିଲୋଗ୍ରାମ ଓଜନ ବୃଦ୍ଧି ହୋଇଛି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ କିଛି ଖେଳାଳି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖେଳ ଖେଳୁଛନ୍ତି, ପ୍ରଶିକ୍ଷଣ ସେସନରେ ଅନୁପସ୍ଥିତ ରହୁଛନ୍ତି , ଏସବୁ ଦଳର ଖରାପ ପ୍ରଦର୍ଶନରେ ସହାୟକ ହେଉଛି। ଏପରି ରିପୋର୍ଟ ସୋସିଆଲ ମିଡିଆରେ ଘୁରିବୁଲୁଥିବାବେଳେ, ଯାହା ପଞ୍ଜାବ କିଙ୍ଗସର ଟିମ ମ୍ୟାନେଜମେଣ୍ଟ ଉପରେ ପ୍ରଶ୍ନ ଉଠାଇଛି। ଏହି ରିପୋର୍ଟଗୁଡ଼ିକର ପ୍ରତିକ୍ରିୟା ଦେଇ, ପ୍ରୀତି ଜିଣ୍ଟା ସ୍ପଷ୍ଟ ଭାବରେ କହିଛନ୍ତି ଯେ ସମାଲୋଚନା ଏବଂ ଭୁଲ ସୂଚନା ପ୍ରସାରଣ ମଧ୍ୟରେ ପାର୍ଥକ୍ୟ ଅଛି। ସେ କହିଛନ୍ତି ଯେ ଖେଳ ବିଷୟରେ ସୁସ୍ଥ ଆଲୋଚନା ସର୍ବଦା ଗ୍ରହଣୀୟ, କିନ୍ତୁ ଏକ ଦଳ କିମ୍ବା ଖେଳାଳିଙ୍କ ପ୍ରତିଛବିକୁ ଖରାପ କରିବା ପାଇଁ ମିଥ୍ୟା ସୂଚନା ପ୍ରସାରଣ ସମ୍ପୂର୍ଣ୍ଣ ଭୁଲ।

## 'ତ୍ରିମୂର୍ତ୍ତୀ'ଙ୍କ ନାମରେ ଆଇପିଏଲର ଅଦ୍ଭୁତ ରେକର୍ଡ

ନୂଆଦିଲ୍ଲୀ,୧୪।୫; ଭାରତୀୟ କ୍ରିକେଟର ଷ୍ଟାର ଧୋନି, ରୋହିତ ଏବଂ ବିରାଟ କୋହଲି । ଯଦିଓ ଧୋନି ଚଳିତ ସିଜିନରେ ଗୋଟିଏ ବି ମ୍ୟାଚ ଖେଳି ନାହାନ୍ତି ତଥାପି ୧୯ ତମ ସଂସ୍କରଣର ୫୪ ତମ ମ୍ୟାଚ ପର୍ଯ୍ୟନ୍ତ ଲିଗ୍ ଇତିହାସରେ ସର୍ବାଧିକ ମ୍ୟାଚ ଖେଳିଥିବା ଖେଳାଳି ଥିଲେ । ଏବେ ଆଉ ତାହା ନାହିଁ । ରାୟଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ ପରେ ଏମଏସ ଧୋନି ଆଉ ଆଇପିଏଲରେ ସର୍ବାଧିକ ମ୍ୟାଚ ଖେଳିଥିବା ଖେଳାଳି ନାହାନ୍ତି । କାରଣ ଆଉ ଦୁଇ ଜଣ ଭାରତୀୟ ଷ୍ଟାର ତାଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି । ସେମାନେ ହେଲେ ବିରାଟ କୋହଲି ଏବଂ ରୋହିତ ଶର୍ମା । ଭାରତୀୟ କ୍ରିକେଟର ଏହି ତ୍ରିମୂର୍ତ୍ତୀ ଏବେ ଆଇପିଏଲରେ ଏକ ମାଇଲଖୁଣ୍ଟରେ ପହଞ୍ଚିଛନ୍ତି ।

ଆଇପିଏଲ ଇତିହାସରେ ସର୍ବାଧିକ ମ୍ୟାଚ ଖେଳିଥିବା ଖେଳାଳିଙ୍କ ମଧ୍ୟରେ ଏମଏସ୍ ଧୋନି, ରୋହିତ ଶର୍ମା ଏବଂ ବିରାଟ କୋହଲି ସମାନ ସଂଖ୍ୟାକ ମ୍ୟାଚ୍ ମିଳିତ ଭାବରେ ନମ୍ବର ୧ ସ୍ଥାନରେ ରହିଛନ୍ତି । ଧୋନି, ରୋହିତ ଏବଂ ବିରାଟ ପ୍ରତ୍ୟେକ ୨୭୮ ଆଇପିଏଲ ମ୍ୟାଚ ଖେଳିଛନ୍ତି । ରୋହିତ ଦୁଇଟି ଦଳ ପାଇଁ ସେମାନଙ୍କ ଆଇପିଏଲ୍ ମ୍ୟାଚ ଖେଳିଛନ୍ତି । ରୋହିତ ମୁମ୍ବାଇ ଇଣ୍ଡିଆନ୍ସ ପୂର୍ବରୁ ଡେକାନ ଚାର୍ଜର୍ସ ହାଇଦ୍ରାବାଦ ପାଇଁ ଆଇପିଏଲ ଖେଳିଛନ୍ତି।




ବିରାଟ କୋହଲି ଏକମାତ୍ର ବ୍ୟାଟର ଯିଏକି ଗୋଟିଏ ଦଳ ପାଇଁ ସମସ୍ତ ଆଇପିଏଲ ମ୍ୟାଚ ଖେଳିଛନ୍ତି । ଏମଏସ ଧୋନି ଏବଂ

ଭାରତୀୟ କ୍ରିକେଟର ସ୍ତମ୍ଭ ଭାବରେ ବିବେଚିତ ଏମଏସ ଧୋନି, ରୋହିତ ଶର୍ମା ଏବଂ ବିରାଟ କୋହଲି ୧୨ଟି ଆଇପିଏଲ ଟ୍ରଫି ଜିତିଛନ୍ତି । ରୋହିତ ଏବଂ ଧୋନିଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଓ ଚେନ୍ନାଇ ୫ଟି ଲେଖାଏ ଆଇପିଏଲ ଟାଇଟଲ୍ ହାତେଇଛନ୍ତି । ରୋହିତ ଡେକାନ ଚାର୍ଜର୍ସ ହାଇଦ୍ରାବାଦ ସହିତ ଆଉ ଏକ ଟ୍ରଫି ଜିତିଛନ୍ତି । ବିରାଟ କୋହଲିଙ୍କ ଆରସିବି ୧୮ ବର୍ଷ ପରେ ୨୦୨୫ରେ ପ୍ରଥମ ଥର ଆଇପିଏଲ ଟ୍ରଫି ଜିତିଥିଲା । ସେ ଅଧିନାୟକ ଭାବେ ଟ୍ରଫି ଜିତିନଥିଲେ । ରଜତ ପାଟିଦାରଙ୍କ ନେତୃତ୍ୱରେ ଆରସିବି ଟାଇଟଲ୍ ଜିତିଥିଲା । ଏହି ୩ ଖେଳାଳିଙ୍କ ଆଇପିଏଲ ରେକର୍ଡ ଉପରେ ନଜର ପକାଇଲେ ଜଣେ ବ୍ୟାଟର ଭାବେ ବିରାଟ କୋହିଲ ରୋହିତ ଏବଂ ଧୋନିଙ୍କଠୁ ବହୁତ ଆଗରେ ଅଛନ୍ତି । ବିରାଟ ୨୭୮ ମ୍ୟାଚରେ ୯୦୪୦ ରନ୍ କରିଛନ୍ତି । ରୋହିତ ଶର୍ମା ସମାନ ସଂଖ୍ୟାକ ମ୍ୟାଚ ଖେଳି ୭୨୮୯ରନ୍ କରିଛନ୍ତି । ଏମଏସ ଧୋନି ୫୪୩୯ ରନ୍ କରିଛନ୍ତି । ଗତ କିଛି ବର୍ଷ ହେବ ଧୋନି କେବଳ ଫିନିସର ଭାବରେ ଖେଳିଛନ୍ତି । ଯେଉଁଠି ରୋହିତ ଏବଂ କୋହଲି ଟପ୍ ଅର୍ଡରରେ ଖେଳିଛନ୍ତି ।

### ଆଇସିସି ଟେଷ୍ଟ୍ ମାନ୍ୟତା

## ଶୀର୍ଷ ସ୍ଥାନ ବଜାୟ ରଖିଲେ ବୁମ୍‌ରା

ମୁମ୍ବାଇ,୧୪।୫:: ଆଇସିସି ପୁରୁଷ ଟେଷ୍ଟ୍ ବୋଲିଂ ମାନ୍ୟତାରେ ଶୀର୍ଷସ୍ଥାନ ବଜାୟ ରଖିଛନ୍ତି ଭାରତର ମୁଖ୍ୟ ଦ୍ରୁତ ବୋଲର ଯଶପ୍ରୀତ ବୁମରା। ୮୭୯ ପଏଣ୍ଟ୍ ସହ ସେ ନଂ୧ରେ ରହିଛି। ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କ ୮୩୮ ପଏଣ୍ଟ୍ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନେରୀ ୮୩୬ ପଏଣ୍ଟ୍ ସହ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ୮୮୦ ପଏଣ୍ଟ୍ ସହ ପୁରୁଷ ଟେଷ୍ଟ ବ୍ୟାଟିଂ ମାନ୍ୟତାର ଶୀର୍ଷରେ ଅଛନ୍ତି ଇଂଲଣ୍ଡର ଜୋ ରୁଟ୍ । ୮୫୭ ପଏଣ୍ଟ୍ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି ହ୍ୟାରୀ ବ୍ରୁକ୍ ଓ ୮୫୩ ପଏଣ୍ଟ୍ ପାଇ ତୃତୀୟରେ ଅଛନ୍ତି ଟ୍ରାଭିସ୍ ହେଡ୍। ଭାରତର ଯଶସ୍ୱୀ ଜୟସ୍ୱାଲ ଅଷ୍ଟମ ଓ ଶୁବମନ ଗିଲ୍ ନବମ ସ୍ଥାନରେ ଅଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ୨୦୨୬ରେ ଏପର୍ଯ୍ୟନ୍ତ ଗୋଟିଏ ବି ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ ମ୍ୟାଚ୍ ଖେଳିନାହିଁ। ଭାରତ ନିଜର ଶେଷ ଟେଷ୍ଟ୍ ଗତ ବର୍ଷ ନଭେମ୍ବର ମାସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲା।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ